୬ ବର୍ଷା ପାଇଁ ପଞ୍ଚମ ଟି-୨୦ ବାତିଲ : ସିରିଜ୍ ଜିତିଲା ଭାରତ





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ-୩୨ ● ସଂଖ୍ୟା-୨୮୧ ● ୯ ନଭେମ୍ବର ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-281 ● 9th November 2025, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ସୋ'

# ନବୀନ ସରକାର ଆଦିବାସୀଙ୍କ ପ୍ରତି ଅବହେଳା କରିଛନ୍ତି : ମୁଖ୍ୟମନ୍ତ୍ରୀ

ନୂଆପଡା, ୮।୧୧

ନ୍ୟୁଜ୍ ବ୍ୟୁରୋ



ନୂଆପଡା ଉପନିର୍ବାଚନ ପାଇଁ ପ୍ରଚାର ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଶୁକ୍ରବାର ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡ଼ି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ରୋଡ ସେ ଜରିଆରେ ଜୋରଦାର ନିର୍ବାଚନ ପ୍ରଚାର କରିଥିବା ବେଳେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡ଼ାରେ ରୋଡ୍ ସୋ' କରି ଦଳୀୟ ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ପ୍ରଚାର କରି ମତଦାତାଙ୍କୁ ଭୋଟ୍ ମାଗିଛନ୍ତି।

ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଅଭୟାରଣ୍ୟ ଭିତରେ ଥିବା ସୁନାବେଡ଼ାରେ ଆୟୋଜିତ ଜନସମାବେଶରେ ପୂର୍ବ ସରକାରଙ୍କ ବିରୋଧରେ ବର୍ଷିଥିଲେ। ସେ କହିଥିଲେ, ନୂଆପଡ଼ାର ଆଦିବାସୀ ଜନଜାତି ପ୍ରତି ପୂର୍ବ ନବୀନ ପଟ୍ଟନାୟକ ସରକାର ଅବହେଳା କରିଛନ୍ତି। ଖାଲି ଭୁବନେଶ୍ୱରରେ ରହି ସେ ଆପଣମାନେ ଖୁସି ତ ବୋଲି କହିଲେ। ଆଦିବାସୀଙ୍କ ଦୁଃଖ ବୁଝିବ କିଏ ? ମୁଁ ଆଦିବାସୀ ପରିବାରର, ତେଣୁ ମୁଁ ଆଦିବାସୀଙ୍କ ଦୁଃଖ ବୁଝିପାରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ରୋଡ ସୋ'ରେ ତାଙ୍କ ସହିତ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ମନ୍ତ୍ରୀ ସୁରେଶ ପୂଜାରୀ, ବରିଷ୍ଠ ନେତା ତଥା ସାଂସଦ *(ପୃଷ୍ଠା ୭ରେ)*

# କଟକରେ ବଡ଼ ଅଘଟଣ: କୋଠା ବାଲକୋନି ଭୁଶୁଡ଼ି ୩ ମୃତ

କଟକ, ୮।୧୧ : ନ୍ୟୁଜ୍ ବ୍ୟୁରୋ





ବାଲିଯାତ୍ରାକୁ ନେଇ ଉତ୍ସବ ମୁଖର କଟକ ସହର। ଘରମାନଙ୍କରେ ବନ୍ଧୁବାନ୍ଧବଙ୍କ ଭିଡ଼ ଲାଗି ରହିଛି। ଏହା ମଧ୍ୟରେ ସିଲଭର ସିଟି କଟକରୁ ଆସିଛି ଦୁଃଖଦ ଖବର। ଶନିବାର ସହରରେ ବାଲକୋନି ଭୁଶୁଡ଼ି ଯିବାରୁ ଜଣେ ଶିଶୁଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଏସସିବି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମଣିସାହୁ ଛକ ନିକଟସ୍ଥ ଏକ ଫ୍ଲାଟ୍‌ରେ ବାଲକୋନି ଭାଙ୍ଗି ତଳେ ଥିବା ଆଜବେଷ୍ଟସ ଘର ଉପରେ ପଡ଼ିଥିଲା । ୪ଟା ୪୫ ମିନିଟ୍ ସମୟରେ ଘଟିଛି ଏହି ଘଟଣା।

ସୂଚନା ଅନୁଯାୟୀ, କଟକ ମଣିସାହୁ ଛକ ନିକଟରେ ଏହି ଅଘଟଣ ଘଟିଛି। ଆଜବେଷ୍ଟସ ଘର ଉପରେ ଫ୍ଲାଟର ବାଲକୋନି ଭୁଶୁଡ଼ି ପଡ଼ିଛି। ଫଳରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଅବଦୁଲ ଜଲିଲ, ଅବଦୁଲ ଜାହିଦ ଓ ଅବଦୁଲ ମୁଜାହିଦ। ଘଟଣାସ୍ଥଳରେ କଟକ ଅଗ୍ନିଶମ ବାହିନୀ ପହଞ୍ଚି ଆହତ ମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି । *(ପୃଷ୍ଠା ୭ରେ)*

### ମୁଖ୍ୟମନ୍ତ୍ରୀଙ୍କ ଶୋକ ଓ ସହାୟତା ଘୋଷଣା

ଭୁବନେଶ୍ୱର, ୮।୧୧ : ନ୍ୟୁଜ୍ ବ୍ୟୁରୋ

କଟକ ମଣିସାହୁ ଛକରେ ବାଲକୋନି ଭୁଶୁଡ଼ି ତିନି ଜଣଙ୍କ ମୃତ୍ୟୁ ଘଟଣାରେ ଶୋକ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ପ୍ରତି ପରିବାରକୁ *(ପୃଷ୍ଠା ୭ରେ)*

# ଆରଜେଡି-କଂଗ୍ରେସ କେବେ ବିହାରର ବିକାଶ କରିପାରିବ ନାହିଁ: ପ୍ରଧାନମନ୍ତ୍ରୀ

ପାଟନା, ୮।୧୧



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ସୀତାମଢ଼ିରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ମହାଗଠବନ୍ଧନ ଏବଂ ବିଶେଷକରି ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ଉପରେ କଟାକ୍ଷ କରିଥିଲେ। ସେ ଆରଜେଡି ଉପରେ ଅପରାଧ ଏବଂ କଂଗ୍ରେସ ଦୁର୍ନୀତିକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ କରିଥିଲେ। ପ୍ରଧାନମନ୍ତ୍ରୀ ଜାତୀୟ ଗଣତାନ୍ତ୍ରିକ ଗଠବନ୍ଧନ (ଏନଡିଏ) ପ୍ରାର୍ଥୀଙ୍କ ପାଇଁ ସମର୍ଥନ ମଧ୍ୟ ଲୋଡ଼ିଥିଲେ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାରର ସୀତାମଢ଼ୀରେ ଶନିବାର ନିର୍ବାଚନ ସଭାକୁ ସମ୍ବୋଧିତ କରି କହିଥିଲେ ଯେ ବିକଶିତ ଭାରତ ପାଇଁ ବିହାରର ବିକାଶ ଜରୁରୀ। ଆରଜେଡି-କଂଗ୍ରେସ କେବେ ବିହାରର ବିକାଶ କରିପାରିବ ନାହିଁ। ସେ କହିଥିଲେ ଯେ ଏହି ନିର୍ବାଚନ ବିହାରର ଭବିଷ୍ୟତ ନିର୍ଣ୍ଣୟ କରିବ। ତେଣୁ ଏହି ନିର୍ବାଚନ ବହୁତ ଗୁରୁତ୍ୱପୂର୍ଣ୍ଣ। ପ୍ରଧାନମନ୍ତ୍ରୀ ତାଙ୍କ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ବିଜେପିର ବର୍ଷୀୟାନ ନେତା ଲାଲକୃଷ୍ଣ ଆଡ଼ଭାନୀଙ୍କ ୯୮ତମ ଜନ୍ମଦିନରେ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।
- ଭାରତୀୟ ରେଳ ବିଭାଗ ସୁରକ୍ଷା ଓ ପରିଚାଳନା ପାଇଁ କୃତ୍ରିମ ବୁଦ୍ଧିମତା (ଏଆଇ) ବ୍ୟବହାର କରିବ।
- ଭାରତ ଓ ଆମେରିକା ମଧ୍ୟରେ ବ୍ୟବସାୟିକ ଚୁକ୍ତି ନଭେମ୍ବର ଶେଷ ପର୍ଯ୍ୟନ୍ତ ସମ୍ଭାବନା।
- ମୁମ୍ବାଇରେ ରୋଗୀ ମୃତ୍ୟୁ ପରେ ଡାକ୍ତରମାନଙ୍କ ଉପରେ ଆକ୍ରମଣ।
- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଓ ଫୁଲବାଣୀରେ ଶୀତର ପ୍ରକୋପ ଜାରୀ।
- ଭୁବନେଶ୍ୱର ସ୍ମାର୍ଟ ସିଟି ବିସ୍ତାର ଯୋଜନା ଗତି ପାଇଛି।
- ଶିମିଳିପାଳ ଜାତୀୟ ଉଦ୍ୟାନ ପାଇଁ ଜଙ୍ଗଲ ଅଗ୍ନି ଚେତାବନୀ।
- ଶୀତ ଋତୁ ପାଇଁ ପର୍ଯ୍ୟଟନ ବିଭାଗର ପରିବେଶ ପର୍ଯ୍ୟଟନ ଯୋଜନା।
- ସମୁଦ୍ର କୂଳରେ ମାଛ ଧରିବାକୁ ସତର୍କ ସୂଚନା।
- ରାଜ୍ୟର କଲେଜଗୁଡ଼ିକରେ ମାଦକ ବିରୋଧୀ ଅଭିଯାନ ଆରମ୍ଭ।
- ଗୋଆରେ ୫୬ତମ ଆଇଏଫଏଫଆଇରେ ଓଡ଼ିଆ ଫିଲ୍ମ 'ପାପା ବୁକା'।

## ଗୁଣ୍ଡିଚା ମନ୍ଦିର ଦଳାଚକଟା ଘଟଣାର ଆସିଲା ତଦନ୍ତ ରିପୋର୍ଟ

# ଦାୟିତ୍ୱରେ ଅବହେଳା ପାଇଁ ୭ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ

ପୁରୀ, ୮।୧୧ : ନ୍ୟୁଜ୍ ବ୍ୟୁରୋ

ରଥଯାତ୍ରା ବେଳେ ଗୁଣ୍ଡିଚା ମନ୍ଦିରରେ ଦଳାଚକଟା ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ୍ କରାଯାଇଛି । ଗତ ଜୁନ୍ ମାସ ୨୯ ତାରିଖ ରଥଯାତ୍ରା ଦିନ ଦଳାଚକଟା ହୋଇଥିଲା । ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ତଦନ୍ତ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ୍ କରାଯାଇଛି । ୭ ପୋଲିସ ଅଧିକାରୀଙ୍କୁ ଏଥିପାଇଁ ଦାୟୀ କରାଯାଇଛି । ୭ଜଣ ପୋଲିସ ଅଧିକାରୀ କାର୍ଯ୍ୟରେ ଅବହେଳା କରିଥିବା ରିପୋର୍ଟରେ ଉଲ୍ଲେଖ ହୋଇଛି । ସେମାନେ ହେଲେ କମାଣ୍ଡାଣ୍ଟ ଅଜୟ କୁମାର ପାଢ଼ୀ, ଡିସିପି ବିଷ୍ଣୁପ୍ରସାଦ ପତି, କମାଣ୍ଡାଣ୍ଟ ତାପସ ଦାସ, କେକେ ନାୟକ, *(ପୃଷ୍ଠା ୭ରେ)*

# ମଲ୍ଟିପ୍ଲେକ୍ସ ମାଲିକଙ୍କୁ ସୁପ୍ରିମକୋର୍ଟଙ୍କ ଚେତାବନୀ



ନୂଆଦିଲ୍ଲୀ, ୮।୧୧

କାର୍ଯ୍ୟ ବ୍ୟସ୍ତତା ମଧ୍ୟରେ ସମୟ ବାହାର କରି ସିନେମା ଦେଖିବା ପାଇଁ ପରିବାର ସହିତ ମଲ୍ଟିପ୍ଲେକ୍ସକୁ ଯାଉଥିବା ଲୋକଙ୍କ ଉପରେ ହେଉଥିବା ଶୋଷଣକୁ ନେଇ ସୁପ୍ରିମକୋର୍ଟ ଚିନ୍ତାପ୍ରକଟ କରିଛନ୍ତି। ଏହି ପ୍ରସଙ୍ଗ ଉପରେ ସୁପ୍ରିମକୋର୍ଟ ବିଚାରପତି ବିକ୍ରମ ନାଥ ଓ ବିଚାରପତି ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ମଲ୍ଟିପ୍ଲେକ୍ସ ମାଲିକଙ୍କୁ ଚେତାବନୀ ଦେଇଛନ୍ତି। ଖଣ୍ଡପୀଠ ମଲ୍ଟିପ୍ଲେକ୍ସ ମାଲିକଙ୍କୁ ଦରଦାମ ନିୟନ୍ତ୍ରଣ କରିବାକୁ କହିଛନ୍ତି। ଅନ୍ୟଥା ସେମାନଙ୍କ ବେପାର ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯିବ। କାରଣ ଦରଦାମ ଦେଖି ଲୋକେ ଆଉ ମଲଟିପ୍ଲେକ୍ସକୁ ଯିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। ମଲ୍ଟିପ୍ଲେକ୍ସ ମଧ୍ୟରେ ଲୋକଙ୍କୁ ପାଣି ବୋତଲ ଗୋଟିକୁ ୧୦୦ ଟଙ୍କା, ଥଣ୍ଡା ମୃଦୁ ପାନୀୟ ବୋତଲ ଗୋଟିକୁ ୪୦୦ ଟଙ୍କା, ପପକର୍ଣ୍ଣ ଗୋଟିଏ ଡବାକୁ ୫୦୦ ଟଙ୍କା, କାରମେଲ ପ୍ୟାକେଟକୁ ୭୦୦ ଟଙ୍କାରେ କିଣିବାକୁ ଦର୍ଶକ ବାଧ୍ୟ ହୋଇଥାନ୍ତି।

ଫିଲ୍ମ ଟିକଟ ବାବଦକୁ ୪୦୦ରୁ ୧୨୦୦ ଟଙ୍କା ଦେବା ପରେ ମଲ୍ଟିପ୍ଲେକ୍ସ ମଧ୍ୟରେ *(ପୃଷ୍ଠା ୭ରେ)*

## ୧୦ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୮।୧୧ : ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୧୦ ତାରିଖ (ସୋମବାର) ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

## ଡିସେମ୍ବର ୧ରୁ ସଂସଦର ଶୀତ ଅଧିବେଶନ

ନୂଆଦିଲ୍ଲୀ, ୮।୧୧

ଆସନ୍ତା ଡିସେମ୍ବର ୧ରୁ ଆରମ୍ଭ ହେବ ସଂସଦର ଶୀତକାଳୀନ ଅଧିବେଶନ। ୧ରୁ ଆରମ୍ଭ ହୋଇ ୧୯ତାରିଖ ପର୍ଯ୍ୟନ୍ତ ଚାଲିବ ଅଧିବେଶନ । ରାଷ୍ଟ୍ରପତିଙ୍କ ଅନୁମୋଦନ ମିଳିଥିବା ନେଇ ସଂସଦୀୟ ମନ୍ତ୍ରୀ କିରଣ ରିଜିଜୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସରକାରଙ୍କ ପ୍ରସ୍ତାବିତ ଅଧିବେଶନ ତାରିଖକୁ ଅନୁମୋଦନ କରିଛନ୍ତି।

ସୋସିଆଲ ମିଡ଼ିଆରେ ପୋଷ୍ଟ କରି କିରଣ କହିଛନ୍ତି, "ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଡିସେମ୍ବର ୧, ୨୦୨୫ ରୁ ଡିସେମ୍ବର ୧୯, ୨୦୨୫ ପର୍ଯ୍ୟନ୍ତ ସଂସଦର ଶୀତକାଳୀନ ଅଧିବେଶନ ପାଇଁ ସରକାରଙ୍କ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏକ ଗଠନମୂଳକ ଏବଂ ଫଳପ୍ରଦ ଅଧିବେଶନ ପାଇଁ ଅପେକ୍ଷା କରୁଛି ଯାହା ଆମର ଗଣତନ୍ତ୍ରକୁ ମଜଭୁତ କରିବ ଏବଂ ଲୋକଙ୍କ ଆକାଂକ୍ଷା ପୂରଣ କରିବ।"

## ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୨,୨୦୨ (+୦) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୧,୧୮୫ (+୦) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୯,୧୫୨ (+୦) |

## ରୁପା ଦର

| | |
|---|---|
| ରୂପା – ପ୍ରତି ଗ୍ରାମ | ୧୬୫ (+୦) |

# ସାମରିକ ଶକ୍ତି ବୃଦ୍ଧି କଲା ଚାଇନା, ଚିନ୍ତାରେ ଆମେରିକା



ବେଜିଂ, ୮।୧୧

ଚାଇନା ତା'ର ସାମରିକ ଶକ୍ତି ବୃଦ୍ଧି କରିଛି। ତୃତୀୟ ବିମାନ ବାହକ 'ଫୁଜିଆନ' ନିର୍ମାଣ ଶେଷ କରିଛି। ଶନିବାର ଚାଇନା ପିଏଲଏ ନୌସେନା ଫୁଜିଆନର କାର୍ଯ୍ୟକ୍ଷମ ଡେମୋର ଏକ ଭିଡିଓ ଜାରି କରିଛି। ଏହି ସପ୍ତାହରେ ଫୁଜିଆନର କମିଶନିଂ ସମାରୋହ ଚାଇନା ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା।

ଉଲ୍ଲେଖଯୋଗ୍ୟ, ଏହି ନୂଆ ଚାଇନା ବିମାନ ବାହକ ଇଲେକ୍ଟ୍ରୋମେଗ୍ନେଟିକ କାଟାପଲ୍ଟ ପ୍ରଯୁକ୍ତିବିଦ୍ୟା ଉପରେ ଆଧାରିତ। ଏପର୍ଯ୍ୟନ୍ତ କେବଳ ଆମେରିକୀୟ ଜେରାଲ୍ଡ ଫୋର୍ଡ-ଶ୍ରେଣୀର ବିମାନ ବାହକମାନେ ଏହି ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ ଥିଲେ। ଇଲେକ୍ଟ୍ରୋନିକ କାଟାପଲ୍ଟ ପ୍ରଯୁକ୍ତିବିଦ୍ୟା ବାହକର ଛୋଟ ରନ୍‌ୱେ ଡେକରୁ ଲଢୁଆ ବିମାନକୁ ଉଡ଼ାଣ ଏବଂ ଅବତରଣ କରିବାକୁ ଅନୁମତି ଦିଏ।

ଦକ୍ଷିଣ ଚାଇନା ସାଗରରେ ଫିଲିପାଇନ୍ସ *(ପୃଷ୍ଠା ୭ରେ)*




PATANJALI®

ବଢୁଥିବା ପ୍ରଦୂଷଣ ଏବଂ ଅତ୍ୟଧିକ ଥଣ୍ଡାରୁ ନିଜକୁ ରକ୍ଷା କରିବା ପାଇଁ

ଆୟୁର୍ବେଦର ସୁପରଫୁଡ୍ ଏବଂ ସୁପର ଇମ୍ୟୁନିଟି ବୁଷ୍ଟର୍

ଦୁନିଆର ସର୍ବଶ୍ରେଷ୍ଠ

ପତଞ୍ଜଳି ଚ୍ୟବନପ୍ରାଶ ଏବଂ ମଧୁ




ପତଞ୍ଜଳି ମହୁ ଶୁଦ୍ଧତାର ୧୦୦ ରୁ ଅଧିକ ପାରାମିଟରରେ ସଫଳତା ସହ ଅତିକ୍ରମ କରିସାରିଛି।

ଆୟୁର୍ବେଦ କ୍ଷେତ୍ରରେ ବିଶ୍ୱର ସର୍ବୋତ୍ତମ ପ୍ରତିଷ୍ଠାନ ପତଞ୍ଜଳି ଦ୍ୱାରା ୫୧ଟି ଔଷଧି ଏବଂ କେସରରୁ ପ୍ରସ୍ତୁତ ସର୍ବୋତ୍ତମ ପତଞ୍ଜଳି ସ୍ପେଶାଲ୍ ଚ୍ୟବନପ୍ରାଶ, ଯାହା ପ୍ରକୃତରେ ଋଷି ସୁଶ୍ରୁତ, ଚରକ ଏବଂ ଚ୍ୟବନଙ୍କ ପରମ୍ପରାକୁ ବହନ କରେ।






PATANJALI® wellness Yoga, Ayurveda & Naturopathy

ଦେଶର ୫ କୋଟିରୁ ଅଧିକ ନାଗରିକ, ଯେଉଁଥିରେ CGHS (କେନ୍ଦ୍ରୀୟ ସରକାରୀ କର୍ମଚାରୀ), CAPF (କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ), ECHS (ଭୂତ ପୂର୍ବ ସୈନିକ) କାର୍ଡଧାରୀ ରୋଗୀମାନଙ୍କୁ ତଥା ଦେଶର ୩୦ ରୁ ଅଧିକ ପ୍ରମୁଖ ବୀମା କମ୍ପାନୀ (SBI ଜେନେରାଲ, ରିଲାଏନ୍ସ ବୀମା, ୟୁନାଇଟେଡ୍ ବୀମା, ICICI ଲୋମ୍ବାର୍ଡ, HDFC ERGO, MEGMA, ଆଦିତ୍ୟ ବିର୍ଲା) ଅଧୀନରେ ରେଫରଲ୍ ଏବଂ ପ୍ରତିପୂରଣ ସୁବିଧା ମାଧ୍ୟମରେ ମାଗଣା ସେବା ପାଇପାରିବେ। ପତଞ୍ଜଳି ୱେଲନେସ୍, ଯୋଗଗ୍ରାମ ଏବଂ ନିରାମୟମରେ ୧ ରୁ ୨ ସପ୍ତାହ ପାଇଁ ମାଗଣା ସେବା ଲାଭ କରନ୍ତୁ।

ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ: 8954666111, 8954666222,8954666333

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୯ ନଭେମ୍ବର, ରବିବାର ୨୦୨୫





# ଗଞ୍ଜାମ ଜିଲ୍ଲାରେ ୧୨୬୨ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଶିଶୁମାନେ ବିକାଶ ଏବଂ ନାଚ ଓ ଗୀତ ମାଧ୍ୟମରେ ପ୍ରାକ୍ ପ୍ରାଥମିକ ପାଇଁ ଅଙ୍ଗନୱାଡ଼ି କେନ୍ଦ୍ର ଚାଲିଛି । ହେଲେ ଗଞ୍ଜାମ ଜିଲ୍ଲାରେ ଏହି ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବା ଦେଖିବାକୁ ମିଳିଛି । ଜିଲ୍ଲାରେ ୫୧୬୨ଟି ଅଙ୍ଗନୱାଡ଼ି କେନ୍ଦ୍ର ରହିଥିବା ବେଳେ ସେଥିମଧ୍ୟରୁ ୩୯୦୦ଟି କେନ୍ଦ୍ରର ନିଜସ୍ୱ କୋଠା ରହିଥିବା ବେଳେ ବଳକା ୧୨୬୨ଟି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ । କେଉଁଠି ଭଡ଼ାରେ ତ କେଉଁଠି ସ୍କୁଲ କୋଠା ତ କେଉଁଠି କମ୍ୟୁନିଟି ସେଣ୍ଟରରେ ଅଙ୍ଗନୱାଡ଼ି କେନ୍ଦ୍ର ଚାଲିଛି । ଯେଉଁ ସ୍ଥାନରେ କେନ୍ଦ୍ରର ନିଜସ୍ୱ ଗୃହ ନାହିଁ ସେହି ସ୍ଥାନ ମାନଙ୍କରେ ଗୋଟିଏ ଗୃହ ମଧ୍ୟରେ ରୋଷେଇ, ପାଠପଢ଼ା ସହ ଖାଇବା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥାଏ । ଏହା ସହିତ ରୋଷେଇ ସାମଗ୍ରୀ ମଧ୍ୟ ଗୋଟିଏ ଗୃହ ଭିତରେ ରହିଥାଏ । ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଶିଶୁମାନଙ୍କୁ ପ୍ରାକ୍ ଶିକ୍ଷା, ମଧ୍ୟାହ୍ନ ଭୋଜନ, ପ୍ରତିଷେଧକ ଟିକାକରଣ, ଶିଶୁ ଓ ଗର୍ଭବତୀଙ୍କ ନିମନ୍ତେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଚାଲିଛି । ଶିଶୁମାନଙ୍କର ଶାରିରୀକ, ମାନସିକ ଓ ବୌଦ୍ଧିକ ଶକ୍ତିର ବିକାଶ ପାଇଁ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ଆବଶ୍ୟକ । କିନ୍ତୁ ବହୁ କେନ୍ଦ୍ରର ନିଜସ୍ୱ ଗୃହ ନଥିବା ଯୋଗୁଁ କୋମଳମତି ଶିଶୁଙ୍କ ନିମନ୍ତେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ, ଶିକ୍ଷାଦାନ, ସ୍ୱାସ୍ଥ୍ୟ ପରୀକ୍ଷା ଓ ଟୀକାକରଣ କାର୍ଯ୍ୟ ସମ୍ପାଦନା କରିବାରେ ସମସ୍ୟା ଦେଖାଦେଉଛି । ଜିଲ୍ଲାରେ ୫୧୬୨ଟି ଅଙ୍ଗନୱାଡ଼ି କେନ୍ଦ୍ର ରହିଥିବା ବେଳେ ମାତ୍ର ୪୪୬୭ଟି କେନ୍ଦ୍ରରେ ରୋଷେୟା ବ୍ୟବସ୍ଥା, ୪୦୫୩ଟି କେନ୍ଦ୍ରରେ ଶୌଚାଳୟ ବ୍ୟବସ୍ଥା, ୪୮୨୨ଟି କେନ୍ଦ୍ରରେ ପାନୀୟ ଜଳ ବ୍ୟବସ୍ଥା ରହିଥିବା ବେଳେ ୩୮୬୯ଟି କେନ୍ଦ୍ରରେ ବିଦ୍ୟୁତ୍ ସେବା ରହିଛି । ୩୯୦୦ ନିଜସ୍ୱ କୋଠା ମଧ୍ୟରୁ ୨୯୬୪ଟି କେନ୍ଦ୍ରରେ ବିଦ୍ୟୁତ୍ ସେବା ସଂଯୋଗ ରହିଛି । ସେହିପରି ୩୨୪୨ଟି କେନ୍ଦ୍ରରେ ଶୌଚାଳୟ ବ୍ୟବସ୍ଥା, ୩୬୮୭ କେନ୍ଦ୍ରରେ ରୋଷେୟା ବ୍ୟବସ୍ଥା ରହିଥିବା ବେଳେ ୩୭୨୪ଟି କେନ୍ଦ୍ରରେ ପାନୀୟ ଜଳ ବ୍ୟବସ୍ଥା ରହିଛି । ଜିଲ୍ଲାର ଗ୍ରାମାଞ୍ଚଳରେ ୪୬୫୪ ଟି ଅଙ୍ଗନୱାଡ଼ି କେନ୍ଦ୍ର ରହିଥିବା ବେଳେ ୩୭୧୩ଟି କେନ୍ଦ୍ରର ନିଜସ୍ୱ କୋଠା ରହିଛି । ୮୨୫ଟି କେନ୍ଦ୍ରର କାମ ଚାଲୁରହିଥିବା ବେଳେ ୭୮ଟି କେନ୍ଦ୍ରରେ ଜାଗା ଚିହ୍ନଟ ହୋଇ ମଧ୍ୟ କାମ ଆରମ୍ଭ ହୋଇ ନାହିଁ । ୩୮ଟି ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଜାଗା ଚିହ୍ନଟ ହୋଇପାରିନଥିବା ଜଣାପଡ଼ିଛି । ସେହିପରି ସହରାଞ୍ଚଳରେ ୫୦୮ଟି ଅଙ୍ଗନୱାଡ଼ି କେନ୍ଦ୍ର ରହିଥିବା ବେଳେ ଏଥି ମଧ୍ୟରୁ ୨୭୭ଟିର ନିଜସ୍ୱ କୋଠା ରହିଛି । ୮୪ଟି କେନ୍ଦ୍ର କାମ ଚାଲୁ ରହିଥିବା ବେଳେ ୮୬ଟି କେନ୍ଦ୍ରରେ କାମ ଆରମ୍ଭ ହୋଇନାହିଁ । ୬୧ଟି କେନ୍ଦ୍ର ପାଇଁ ଜାଗା ଚିହ୍ନଟ ହୋଇନଥିବା ବେଳେ ଗୋଟିଏ କେନ୍ଦ୍ର କାମ ସରିଥିବା ବେଳେ ତାହା ହସ୍ତାନ୍ତର ହୋଇପାରି ନାହିଁ । ୫୧୬୨ଟି କେନ୍ଦ୍ର ପାଇଁ ୫୧୬୨ଟି ଜଣ ଅଙ୍ଗନୱାଡ଼ି କର୍ମୀ ଆବଶ୍ୟକ ଥିବା ବେଳେ ୫୧୨୮ ଜଣ ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ଥିବା ବେଳେ ୩୪ ପଦ ଖାଲି ପଡ଼ିଛି । ଜିଲ୍ଲାର ବହୁ ସ୍ଥାନରେ ଅଙ୍ଗନୱାଡ଼ି କେନ୍ଦ୍ର ଅଧାପନ୍ତରିଆ ଭାବେ ପଡ଼ିରହିଛି । କିଛି କେନ୍ଦ୍ରକୁ ଯିବାକୁ ଭଲ ରାସ୍ତା ମଧ୍ୟ ନାହିଁ । ପ୍ରାକ୍ ଶିକ୍ଷାଦାନ ପାଇଁ ଭଲ ଭିତ୍ତିଭୂମି, ଭଲ ପରିବେଶ ସମେତ ସମୟ ମୌଳିକ ବ୍ୟବସ୍ଥା ରହିବା ଆବଶ୍ୟକତା ଥିବା ବେଳେ ଗଞ୍ଜାମ ଜିଲ୍ଲାରେ ବହୁ ସ୍ଥାନରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି ।

# ଦରକାର ବେଳେ ଆସୁନାହିଁ ଆମ୍ବୁଲାନ୍ସ : ରୋଗୀ ହନ୍ତସନ୍ତ

**ମୁଖୀଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଜୟପାଟଣା ଅଞ୍ଚଳରେ ଫେଲ୍ ମାରିଛି ୧୦୮ ଆମ୍ବୁଲାନ୍ସ ସେବା । ଜରୁରୀକାଳୀନ ସମୟରେ ଲୋକଙ୍କ ପାଖକୁ ପହଞ୍ଚି ପାରୁନାହିଁ ଆମ୍ବୁଲାନ୍ସ, କେବେ ରୋଗୀ ନେଲା ବେଳେ ବାଟରେ ଗାଡ଼ି ଅଚଳ ହେଉଛି ତ କେବେ କେବେ ଗାଡ଼ି ନାହିଁ ବୋଲି ମନା କେଇଦେଉଛନ୍ତି ୧୦୮ କଲ୍ ସେଂଟର କର୍ମଚାରୀ । କିଛି ଦିନ ହେଲା ମୁଖୀଗୁଡ଼ା ଭତରାପଡ଼ାର ଯୁବକ କର୍ଣ୍ଣ ମହୁଲଡ଼ିକି (୪୦) ରୋଗରେ ପୀଡ଼ିତ ହୋଇ ମରଣ ସହ ସଂଗ୍ରାମ କରୁଥିଲେ । ତାଙ୍କର କେହି ସମ୍ପର୍କୀୟ ନଥିବା ବେଳେ ପଡ଼ୋଶୀ ଲୋକେ ତାଙ୍କ ଦୁଃଖ ଦେଖିନପାରି ତାଙ୍କୁ ହସ୍ପିଟାଲ ନେବା ପାଇଁ ଆମ୍ବୁଲାନ୍ସକୁ ଫୋନ କରିଥିବା ବେଳେ ଦୀର୍ଘ ୫ ଘଣ୍ଟା ପରେ ମଧ୍ୟ ପହଞ୍ଚିନଥିଲା ଆମ୍ବୁଲାନ୍ସ । ଏ ସମ୍ପର୍କରେ ଜୟପାଟଣା ମେଡ଼ିକାଲ କର୍ତ୍ତୃପକ୍ଷ, ଜୟପାଟଣା ବିଡ଼ିଓ, ମୁଖୀଗୁଡ଼ା ସରପଞ୍ଚଙ୍କୁ ଅବଗତ କରାଯାଇଥିଲା । ଶେଷରେ ଅଗ୍ନିଶମ ବିଭାଗ ଗାଡ଼ି ଆସି ହସ୍ପିଟାଲ ନେଇଥିଲା । ଯଦି ଉକ୍ତ ସମୟରେ କର୍ଣ୍ଣଙ୍କ କିଛି ହୋଇଯାଇଥାନ୍ତା ତେବେ କିଏ ଦାୟୀ ହୋଇଥାନ୍ତେ ବୋଲି ଲୋକେ ପ୍ରଶ୍ନ କରିଛନ୍ତି । ଜୟପାଟଣା ବ୍ଲକରେ ଦୀର୍ଘ ଦିନ ହେବ ଏଭଳି ସମସ୍ୟା ଦେଖାଦେଉଛି । ରୋଗୀ ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ ଆବଶ୍ୟକ କରୁଥିଲେ ମଧ୍ୟ ତାଙ୍କ ପାଖକୁ ଏହି ସେବା ପହଞ୍ଚି ପାରୁନାହିଁ । ଯାହାଫଳରେ ଗରିବ ଲୋକମାନେ ହନ୍ତସନ୍ତ ହେଉଛନ୍ତି । ଦୁର୍ଘଟଣା ଘଟିଲେ ବହୁ ବିଳମ୍ବରେ ଆମ୍ବୁଲାନ୍ସ ପହଞ୍ଚୁଥିବାର ନଜିର ରହିଛି । ଲୋକଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ସେବା ଦେବାକୁ ସରକାର ଆମ୍ବୁଲାନ୍ସରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଆଜିର ଘଟଣା କିପରି ଆମ୍ବୁଲାନ୍ସ ସେବା ଚାଲିଛି ତାହା ପ୍ରମାଣ କରୁଛି । ଏ ଦିଗରେ ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ନିଳାଗୁଡ଼ାରେ ଅବକାରୀ ଚଢ଼ଉ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡ଼ା ଜଙ୍ଗଲରେ ଅବକାରୀ ଥାନା ଚଢଉ କରିଛି । ଚଢଉ ଖବର ପାଇ ମଦ ମାଫିଆମାନେ ଚମ୍ପଟ ମାରିଥିବା ବେଳେ ଅବକାରୀ ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୨୬ଶହ ଲିଟର ପୋଚ ଓ ୧୪୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ ଡ୍ରମ୍ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଓଆଇସି ସୁବ୍ରତ କେଶୋରି ହିରଣ ସୂଚନା ଦେଇଛନ୍ତି ।

# ‘ବିକଶିତ ଗାଁ ବିକଶିତ ଓଡ଼ିଶା’ ପ୍ରକଳ୍ପ ପରିବର୍ତ୍ତନ ହୋଇଥିବା ସରପଞ୍ଚଙ୍କ ଅଭିଯୋଗ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜମଧର ପଞ୍ଚାୟତ ଅନ୍ତର୍ଗତ ୧୮ନଂ ୱାର୍ଡର ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପଟି ଢଳେଇ ରାସ୍ତା ବଡ଼ଗାଁର ମାଧବ ପ୍ରଧାନ ଘର ଠାରୁ ବଡ଼ଗାଁ ଏଡବ୍ଲୁସି ଥିଲା । ପରବର୍ତ୍ତୀ ସମୟରେ ଗ୍ରାମର କିଛି ସ୍ୱାର୍ଥବାଦୀ ଲୋକ ଏହାକୁ ପରିବର୍ତ୍ତନ କରି ୧୩ନଂ ୱାର୍ଡ ଜଣ୍ଟିଲୋ ଠାରୁ କେନାଲ ରାସ୍ତା ଜୟନ୍ତ ଜେନାଙ୍କର ଘର ପର୍ଯ୍ୟନ୍ତ ପରିବର୍ତ୍ତନ କରାଯାଇଥିବା ଜମଧର ସରପଞ୍ଚ ରାଜ କିଶୋର ଖୁଣ୍ଟିଆ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଜୟନ୍ତ ଜେନା ଜଣେ ସରକାରୀ କର୍ମଚାରୀ ଅଛନ୍ତି । ପୂର୍ବରୁ ଅନୁମୋଦନ ହୋଇଥିବା ପ୍ରକଳ୍ପଟି କାର୍ଯ୍ୟକାରୀ ହେଲେ ବର୍ଷାଦିନରେ କାଦୁଅରେ ପଶି ନାହିଁ ନଥିବା ଅସୁବିଧା ଭୋଗିବାକୁ ପଡ଼ିବ । ଏହି ବାଟ ଦେଇ ଅଙ୍ଗନୱାଡି କେନ୍ଦ୍ରକୁ ଯାଉଥିବା ଛୋଟ ଛୋଟ ଶିଶୁମାନଙ୍କ ସହିତ ପାଣ୍ଡୁଆ ଗ୍ରାମର ଗୋଖା ସାହି ଏବଂ ମୁସଲିମ୍ ସାହିର ଲୋକମାନଙ୍କ ଅସୁବିଧା ଦୂର ହେବ । ଅନ୍ୟ ପକ୍ଷରେ ବର୍ତ୍ତମାନର ସ୍ଥିତି ପ୍ରକଳ୍ପ କେବଳ ଜଣେ ସରକାରୀ କର୍ମଚାରୀଙ୍କ ସ୍ୱାର୍ଥ ସାଧନ ନିମନ୍ତେ କରାଯାଉଥିବା ଅଭିଯୋଗ ହୋଇଛି । ଏହି ପ୍ରକଳ୍ପକୁ ପରିବର୍ତ୍ତନ କରାଯାଇ ପୂର୍ବ ପ୍ରକଳ୍ପ କାର୍ଯ୍ୟ କରିବାକୁ ସରପଞ୍ଚ ଦାବି କରିଛନ୍ତି ।

# ସମ୍ବିଧାନ ଦିବସରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯିବ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ଘସିପୁରା ବ୍ଲକ ତରୁଆଁ ଗ୍ରାମ ପଞ୍ଚାୟତ ବଣିଆପଶି କମ୍ୟୁନିଟି ସେଣ୍ଟର ଠାରେ ଭୀମ ଆର୍ମି ଭାରତ ଏକତା ମିଶନ ଘସିପୁରା ବ୍ଲକ ସଭାପତି ରଶ୍ମିରଂଜନ ଜେନାଙ୍କ ତତ୍ତ୍ୱାବଧାନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଆସନ୍ତା ୨୬ ତାରିଖ ନଭେମ୍ବର ମାସ ସମ୍ବିଧାନ ଦିବସ ପାଳନ ଉପଲକ୍ଷେ ତରୁଆଁ ଗ୍ରାମରେ ଭାରତରତ୍ନ ଡଃ. ଭୀମ ରାଓ ଆମ୍ବେଦକର ଙ୍କ ନବ ନିର୍ମିତ ପ୍ରତିମୂର୍ତ୍ତି ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏହି ପ୍ରତିମୂର୍ତ୍ତିକୁ ସମ୍ବିଧାନ ଦିବସ ଅବସରରେ ଉନ୍ମୋଚନ କରିବା ପାଇଁ ଭୀମ ଆର୍ମି ଘସିପୁରା ବ୍ଲକର ସଂଗଠକମାନେ ସ୍ଥିର କରିଥିବା ବେଳେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ସମ୍ବିଧାନ ନିର୍ମାତାଙ୍କ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମକୁ ବହୁ ଆଡମ୍ବର ସହ ଆୟୋଜନ କରିବା ସହ ବାଇକ ଶୋଭାଯାତ୍ରା ମାଧ୍ୟମରେ ସମ୍ବିଧାନ ସଚେତନତା ଯାତ୍ର ମଧ୍ୟ କରିବା ପାଇଁ ଏହି ବୈଠକରେ ସ୍ଥିର ହୋଇଥଲା ।

# ଗଡେଶ୍ୱର ଯୁବ ପରିଷଦର ଆଧ୍ୟାତ୍ମିକ, ସାହିତ୍ୟ ଓ ସାଂସ୍କୃତିକ ଉତ୍ସବ



**ତିର୍ତ୍ତୋଲ, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଇବ୍ରିସିଂ ପଞ୍ଚାୟତ ଖନ୍ଦୋଳ ଗ୍ରାମରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ପାଞ୍ଚଦିନ ଧରି ରସୋତ୍ସବ ପାଳିତ ହେଉଥିବା ବେଳେ ଗଡେଶ୍ୱର ଯୁବପରିଷଦ ତରଫରୁ ବିଭିନ୍ନ ସାଂସ୍କୃତିକ ସଭା ଓ ନୃତ୍ୟ ସଙ୍ଗୀତର ଆୟୋଜନ କରାଯାଇଛି କ୍ଷ ତୃତୀୟ ଦିବସରେ ଗ୍ରାମ ମୁରବୀ କୈଳାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱ ଓ ପ୍ରୀତି ପୌର୍ଣ୍ଣମାସୀ ସମ୍ପାଦକ ସଂଗ୍ରାମ କେଶରୀ ସ୍ୱାଇଁ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ମାନନୀୟା ଡାକ୍ତର ରାଜଶ୍ରୀ ମଲ୍ଲିକ, ମୁଖ୍ୟବକ୍ତା ଭାବରେ ସୁଶ୍ରୀ ଶୁଭଶ୍ରୀ ସମ୍ପାଦିକା ଡକ୍ଟର ବସନ୍ତ ମଞ୍ଜରୀ ଦାସ, ବରେଣ୍ୟ ଅତିଥି ସରପଞ୍ଚ ପ୍ରଶାନ୍ତ କୁମାର ସ୍ୱାଇଁ, ସମ୍ମାନୀତା ଅତିଥି ସମିତି ସଭ୍ୟା ସୁଭଦ୍ରା ଦାସ ଯୋଗଦେଇ ଆଧ୍ୟାତ୍ମିକ ଭାବଧାରାରେ ନିଜକୁ ନିୟୋଜିତ କରିଥିବା ଯୁବ ପରିଷଦକୁ ଭୁୟସୀ ପ୍ରଶଂସା କରିଥିଲେ । ପ୍ରୀତି ପୌର୍ଣ୍ଣମାସୀର ସହ ସମ୍ପାଦକ ନିହାର ରଞ୍ଜନ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ସାଂସଦ ଡାକ୍ତର ମଲ୍ଲିକ ମହୋଦୟାଙ୍କ ଜନ୍ମ ଉତ୍ସବ ଗଡେଶ୍ୱର ଯୁବ ପରିଷଦ ସଭାପତି ଅମରଜ୍ୟୋତି ସାହୁ, ଶୁଭାଶିଷ ସାହୁ, ବିଭୁ ପ୍ରସାଦ ଦାସ, ସୁନୀଲ ନାୟକ, ଅନିଲ ନାୟକ, ସୂର୍ଯ୍ୟକାନ୍ତ ସାହୁ, ରଞ୍ଜନ ଦାସ, ସୋମ୍ୟକାନ୍ତ ସାହୁ, ଚନ୍ଦ୍ରକାନ୍ତ ସାହୁ, ପ୍ରଭାତ ସାହୁ, ଗଡେଶ୍ୱର ଦାସ, ଗୋପୀନାଥ ଦାସ, ପବିତ୍ର ସାହୁ, ରିତେଶ ଦାସଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଯୁବ ପରିଷଦର ସମ୍ପାଦକ ନବଜ୍ୟୋତି ଦାସ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ପରିଶେଷରେ ଜଗତ ଜନନୀ ସଙ୍ଗୀତ ସନ୍ଧ୍ୟାର କଳାକାରମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା ଓ ଦର୍ଶକ ଏହାକୁ ମନଭରି ଉପଭୋଗ କରିଥଲେ । ଗ୍ରାମବାସୀ ଅଶୋକ କୁମାର ଦାସ, ସରୋଜ ବାରିକ, ସୁଧାକର ସାହୁ, ରାଜ କିଶୋର ଦାସ, ନିରଞ୍ଜନ ସାହୁ, ନିରଞ୍ଜନ ଦାସ, ରବିନ୍ଦ ସାହୁ, ନିତ୍ୟାନନ୍ଦ ସାହୁ, ଯୋଗେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଗାୟତ୍ରୀ ପରିବାର ପକ୍ଷରୁ ଶତାଧିକ ଲୋକଙ୍କ ମାଗଣା ଚକ୍ଷୁ ପରୀକ୍ଷା



**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଗାୟତ୍ରୀ ଶକ୍ତିପୀଠ ରମ୍ଭାର ଚାଳିଶ ବର୍ଷ ପୂର୍ତ୍ତି ପ୍ରତିଷ୍ଠା ଦିବସ ଅବସରରେ ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତି ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟର ମିଳିତ ସହଯୋଗରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି । ଗୋ କଲ୍ୟାଣ ସମିତିର ସହ ସଂଯୋଜକ ରବିନାରାୟଣ ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥିଭାବେ ଶାନ୍ତିକୁଞ୍ଜ ହରିଦ୍ୱାରର ବରିଷ୍ଠ କାର୍ଯ୍ୟକର୍ତ୍ତା ଗୋକୁଳ ଚନ୍ଦ୍ର ନାହାକ, ସମ୍ମାନିତ ଅତିଥି ଭାବେ ସମ୍ବାଦ ସାହିତ୍ୟଘରର ସମ୍ପାଦକ ଶେଷଦେବ ବେହେରା, ସଂଯୋଜକ ବିଜୟ କୁମାର ମିସ୍ତ୍ରୀ ଓ ସତ୍ୟ ନାରାୟଣ ଆଚାରୀ ଯୋଗଦେଇ ଚକ୍ଷୁ ଚିକିତ୍ସା ଶିବିରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏହି ଶିବିରରେ ଅଞ୍ଚଳର ଏକ ଶହରୁ ଊର୍ଦ୍ଧ୍ୱ ଚକ୍ଷୁ ରୋଗୀ ନିଜର ଚକ୍ଷୁ ପରୀକ୍ଷା କରିବା ସହିତ ୧୩ ଜଣା ଚକ୍ଷୁ ରୋଗୀଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ସମରଝୋଲ ସ୍ଥିତ ଶଙ୍କର ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଛି । ଏହି ଶିବିରକୁ ଉମାକାନ୍ତ ସାହୁ, ରଥାଙ୍ଗ ରମଣ ନାହାକ, ସୁମନ୍ତ ନାହାକ, ମୁନା ପ୍ରଧାନ ଆଦି ବ୍ୟକ୍ତିମାନେ ପରିଚାଳନା କରିଥିଲେ । ଏହି ଶିବିରରେ ମୁରଲୀଧର ପ୍ରଧାନ, ନୀଳାଞ୍ଚଳ ସେନାପତି, ବନବାସ ସେଠି ଆଦି ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ଚକ୍ଷୁରୋଗୀଙ୍କୁ ଶଙ୍କର ଚକ୍ଷୁ ଚିକିତ୍ସା କେନ୍ଦ୍ରର ଉତ୍ତମ ସେବାର ସଫଳତା କାମନା କରିଥିଲେ ।

# ‘ତମାଖୁ ସେବନ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ କୁପ୍ରଭାବ ପକାଏ’

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ସେକ୍ଟର ୪ ସ୍ଥିତ ରାଉରକେଲା କଲେଜ, ରାଉରକେଲା ଓ ରାଉରକେଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସହ ଏନଟିସିପିର ମିଳିତ ଆନୁକୂଲ୍ୟରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଭାରତୀ ବରୁଆଙ୍କ ଅଧ୍ୟକ୍ଷତା, ସହାୟକ ପ୍ରଧ୍ୟାପକ ଅନୁପ ଏକ୍କାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସହ ପବ୍ଲିକ ସ୍ୱାସ୍ଥ୍ୟ ଅଧିକାରୀ ଡ. ସୁଶିଲା ରୀତାପ୍ରଭା କୁଜୁର ମୁଖ୍ୟ ଅତିଥି, ଏନଟିପିସିର ସହ ପ୍ରବନ୍ଧକ ସ୍ୱପ୍ନଜିତ୍ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ତମାଖୁ ବ୍ୟବହାରର ପ୍ରଭାବ ଓ ନିରାକରଣ ଦିଗରେ ବିଶେଷ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଅଧ୍ୟକ୍ଷତା କରୁଥିବା ବରୁଆ ଅତିଥିଙ୍କ ପରିଚୟ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟଅତିଥି ଡ. କୁଜୁର ତମାଖୁର ବ୍ୟବହାର ଦ୍ୱାରା କିପରି ପରିବାର, ଆର୍ଥିକ ଓ ସାମାଜିକ ସମ୍ପର୍କ କ୍ଷେତ୍ରରେ କୁପ୍ରଭାବ ପକାଉଛି ସେ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଶ୍ରୀ ମହାନ୍ତି ପ୍ରୋଜେକ୍ଟର ମାଧ୍ୟମରେ ବିଭିନ୍ନ ଚିତ୍ର ଓ ତଥ୍ୟ ସମ୍ବଳିତ ରିପୋର୍ଟ ମାଧ୍ୟମରେ ସମାଜ, ବିଶେଷକରି ଯୁବ ଓ ଛାତ୍ର ସମାଜ ପ୍ରଭାବିତ ହୋଇ ନିଜ ଭବିଷ୍ୟତକୁ ଅନ୍ଧାର ମଧ୍ୟକୁ ଠେଲି ଦେଉଛନ୍ତି ସେ ସମ୍ପର୍କରେ ତଥା ଏହାର ନିରାକରଣ ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଲେ ଯେ ମୁଁ କ’ଣ ଜାଣିଲି ତାହା ବଡ଼କଥା ନୁହେଁ, ମୁଁ ଜାଣିଲା ପରେ ସମାଜକୁ କ’ଣ ଜଣାଇଲି ତାହା ଗୁରୁତ୍ୱପୂର୍ଣ୍ଣ । ତେଣୁ ସମ୍ମିଳିତ ଉଦ୍ୟମରେ ତମାଖୁ ବର୍ଜନ ସହ ପରିବେଶ ସୁରକ୍ଷା କରିବା । ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ବକ୍ତୃତା, ରଙ୍ଗୋଲି ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶେଷରେ ଇଂରାଜୀ ବିଭାଗର ପ୍ରାଧ୍ୟାପକ ରଶ୍ମି ରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରଧ୍ୟାପକ ସର୍ବଶ୍ରୀ ରଞ୍ଜିତ ପ୍ରଧାନ, ବନ୍ଦନା ସୋରେନ, ଦୀପାଳୀ ପ୍ରଧାନ, ତରଣୀ ନାୟକ, କରୁଣାକର ପାଙ୍ଗଶାଣୀ, ଶ୍ରୀରାମ ମାହାର, ଅଜିତ୍ ବେକ୍, ରଶ୍ମିପ୍ରଭା ମଥାନ, ମନୋଜ କୁମାର ଦଳେଇ, ପ୍ରିୟଙ୍କା ପଲେଇ ଙ୍କ ସମେତ କଲେଜର ବହୁ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ମନିଷା ମହାରଣା, ପୂର୍ଣ୍ଣିମା ଲୋହାର ପ୍ରମୁଖ ସହଯୋଗ କରିଥିଲେ ।




# ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟରେ ଏକତା ଦିବସ ଓ ଶପଥ ପାଠ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକ ଅବସରରେ ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଏକତା ଦିବସ ଓ ଶପଥ ପାଠ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ରାଷ୍ଟ୍ରୀୟ ଏକତା ଦିବସ ସଂପର୍କରେ ଆଲୋକପାତ କରିବା ସହ ଶପଥ ପାଠ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା କୃଷୀ ଜିଲ୍ଲା ଅଧିକାରୀ କମଳାକାନ୍ତ ପାଣିଗ୍ରାହୀ, ମାର୍ଶାଘାଇ କୃଷି ଜିଲ୍ଲା ଅଧିକାରୀ ହେମନ୍ତ କୁମାର ସାମଲ, ଆତ୍ମାର ଡିପିଟି ନିରଞ୍ଜନ ରାଉତଙ୍କ ସମେତ ସମସ୍ତ ବ୍ଲକର କୃଷି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ଗୋବିନ୍ଦପାଲି ଜଗନ୍ନାଥ ମନ୍ଦିରରେ ଅଷ୍ଟପ୍ରହରୀ ନାମଯଜ୍ଞ ଓ ଦୀପ ପ୍ରଜ୍ୱଳନ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଗୋବିନ୍ଦପାଲି ଅବସ୍ଥିତ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିସର ଭକ୍ତି, ଆନନ୍ଦ ଓ ଉଲ୍ଲାସରେ ଭରି ଯାଇଥିଲା । ଏଠାରେ ଶୁଭ ଅବସରରେ ଅଷ୍ଟପ୍ରହରୀ ନାମଯଜ୍ଞ ଓ ଲକ୍ଷଦୀପ ପ୍ରଜ୍ୱଳନ ଅନୁଷ୍ଠିତ ହୋଇଥିଲା । ସକାଳୁ ଆରମ୍ଭ ହୋଇଥିବା ନାମଯଜ୍ଞରେ ଦୂରଦୂରନ୍ତ ଅଞ୍ଚଳରୁ ଆସିଥିବା ଭକ୍ତମାନେ ଭଗବାନ ଜଗନ୍ନାଥଙ୍କ ନାମସଂକୀର୍ତ୍ତନରେ ମଗ୍ନ ହୋଇଥିଲେ । ସନ୍ଧ୍ୟାବେଳେ ମନ୍ଦିର ପରିସର ଓ ଗାଁର ବିଭିନ୍ନ ସ୍ଥାନରୁ ଲୋକେ ଆସି ଏକ ଲକ୍ଷ ଦୀପ ଜାଳିବା ସହ ସମଗ୍ର ପରିବେଶ ଆଲୋକିତ ହୋଇଯାଇଥିଲା । ଆଲୋକର ଏହି ଦୃଶ୍ୟ ଦେଖିବାକୁ ହଜାର ହଜାର ଭକ୍ତ ଭିଡ଼ ଜମା ହୋଇଥିଲେ । ଅଷ୍ଟପ୍ରହରୀ ସହିତ ଅନ୍ନଭୋଗର ବିଶେଷ ଆୟୋଜନ ମଧ୍ୟ ହୋଇଥିଲା । ପ୍ରାୟ ୧୦ ହଜାର ଲୋକ ଭୋଗ ସେବନ କରିଥିଲେ । ଏହି କାର୍ଯ୍ୟକ୍ରମର ପଛରେ ଥିଲେ ଗୋବିନ୍ଦପାଲି ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ସଭାପତି କିଶୋର ଚନ୍ଦ୍ର ରଥ, ଉପସଭାପତି ଗୁପ୍ତେଶ୍ୱର ବ୍ରହ୍ମା ଓ ଅନ୍ୟାନ୍ୟ ଟ୍ରଷ୍ଟି ସଦସ୍ୟମାନେ । ସଭାପତି ରଥ ଓ ଉପସଭାପତି ବ୍ରହ୍ମା କହିଥିଲେ ଯେ ଗ୍ରାମବାସୀ ଓ ଭକ୍ତମାନଙ୍କ ନିରନ୍ତର ସହଯୋଗ ଓ ଶ୍ରଦ୍ଧା ଫଳରେ ଏହି ମହାଧାର୍ମିକ କାର୍ଯ୍ୟ ସଫଳ ହୋଇପାରିଛି ।

# ବିଶିଷ୍ଟ ମହିଳାଙ୍କ ବିୟୋଗରେ ଶୋକସଭା

**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ଦୁର୍ଗା ମନ୍ଦିର କମିଟିର ପ୍ରତିଷ୍ଠାତା ସ୍ୱର୍ଗତ ବାବାଜୀ ଚରଣ ରାଉତଙ୍କ ସହଧର୍ମିଣୀ ତଥା ପୂର୍ବତନ କାଉନସିଲର ସ୍ୱର୍ଗତ ବ୍ରଜକିଶୋର ରାଉତଙ୍କ ମାତା ପଦ୍ମାବତୀ ରାଉତଙ୍କ ବିୟୋଗରେ କମିଟି ତରଫରୁ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି । ଗତ ୨୯ ତାରିଖରେ ସ୍ୱର୍ଗତ ରାଉତ ଇହଲୀଳା ସମ୍ବରଣ କରିଥିବା ବେଳେ ପୁତୁରା ନୀତେଶ ରାଉତ ମୁଖଗ୍ନି ଦେଇଥିଲେ । ଯାଜପୁରରେ ଶେଷ କୃତ୍ୟ ହୋଇଥିଲା । କମିଟି ର ଉପଦେଷ୍ଟା ଆଇନଜୀବୀ ବିବେକାନନ୍ଦ ମହାନ୍ତିଙ୍କ ସଞ୍ଚାଳନରେ ଅନୁଷ୍ଠିତ ଉକ୍ତ ସଭାରେ ୯ ନମ୍ବର ୱାର୍ଡ କାଉନସିଲର ମନୀନ୍ଦ୍ର କୁମାର ସାହୁ ଯୋଗ ଦେଇ ସ୍ୱର୍ଗତ ରାଉତ ଜଣେ ଧର୍ମ ପାରାୟଣ ମହିଳା ଥିବା ସହିତ ଗରିବ ଓ ଅଭାବୀମାନଙ୍କ ଦୁଃଖ ବୁଝୁଥିଲେ ବୋଲି ପ୍ରକାଶ କରିଥିଲେ । ସଭାପତି ଜିତେନ୍ଦ୍ର କୁମାର ରାଉତ, ସମ୍ପାଦକ ନିରାକାର ସାହୁ, କାର୍ଯ୍ୟକାରି ସଭାପତି ଅକ୍ଷୟ କୁମାର ଦେଓ, ସୁଶାନ୍ତ କୁମାର ପାଢ଼ୀ, ପଦ୍ୟୁମ୍ନ ନାୟକ, ବିଶ୍ୱନାଥ ସାହୁ, ରମାକାନ୍ତ ଦାସ, ଅବିନାଶ ପଣ୍ଡା, ଗଗନ ବିହାରୀ ସିଂ, ପ୍ରଫୁଲ୍ଲ କୁମାର ମହାନ୍ତି, ରାଧା ବଲ୍ଲଭ ମହାପାତ୍ରେ, ସନ୍ତୋଷ କୁମାର ପଣ୍ଡା, ବିନାୟକ ବଲ, କାଠିଆ ନାନା, ପଞ୍ଚାନନ ଦାସ, କାର୍ତ୍ତିକ ଜେନା ପ୍ରମୁଖ ଉପସ୍ଥିତ ହୋଇ ଶୋକ ବ୍ୟକ୍ତ କରିଥିଲେ । ଉକ୍ତ ସଭାରେ ଅନେକ ସାମାଜିକ ଅନୁଷ୍ଠାନ ବିଭିନ୍ନ ଗଣ ସଂଗଠନର କାର୍ଯ୍ୟକର୍ତ୍ତା ଯୋଗଦେଇ ସ୍ମୃତି ଚାରଣ ସହିତ ତାଙ୍କର ବୋହୁ ପୂର୍ବତନ କାଉନସିଲର ନିର୍ମଳା ରାଉତ, ଝିଅ, ଜୋଇଁ ଓ ପରିବାର ବର୍ଗଙ୍କୁ ସ୍ୱାନ୍ତନା ପ୍ରଦାନ କରିଥିଲେ । ଶେଷରେ ଗୌତମ କୁମାର ଧାରା ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ ।




# ଆଦିବାସୀମାନଙ୍କ ପ୍ରତି ଅନ୍ୟାୟକୁ ‘ଆପ୍’ର ବିରୋଧ

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**



ଆମ୍ ଆଦ୍‌ମୀ ପାର୍ଟି ତରଫରୁ ଆଦିବାସୀମାନଙ୍କ ଉପରେ ହେଉଥିବା ଅନ୍ୟାୟ ଓ ଅନୀତି ବିରୁଦ୍ଧରେ ଏକ ସାମ୍ବାଦିକ ସମ୍ମିଳନୀ ପାର୍ଟିର ବାସନ୍ତୀ କଲୋନୀ, ରାଉରକେଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟତଃ ଗତ ଏପ୍ରିଲ ମାସରେ ବନ୍ଧମୁଣ୍ଡା ନିକଟବର୍ତ୍ତୀ ବରକାନି ଗ୍ରାମ ରେ ଆଦିବାସୀଙ୍କ ଜମି ଅଧିଗ୍ରହଣ ସମୟରେ ସେଠାକାର ଲୋକମାନେ ବିରୋଧ ପ୍ରଦର୍ଶନ କରିଥିଲେ ଓ ଉପଯୁକ୍ତ କ୍ଷତିପୂରଣ ଦାବି କରିଥିଲେ । କିନ୍ତୁ ପ୍ରଶାସନ ପୋଲିସ ବାହିନୀର ସହଯୋଗରେ ଜୋର୍ ଜବରଦସ୍ତ ଜାଗାରେ ଜେ.ସି.ବି. ସାହାଯ୍ୟରେ ଜମିକୁ ଅଧିଗ୍ରହଣ କରିବାକୁ ଚେଷ୍ଟା କରିଥିଲେ । ସେହି ସମୟରେ ଜଣେ ଆଦିବାସୀ ବ୍ୟକ୍ତି ଏତୋ ଏକ୍କାଙ୍କ ଉପରେ ଜେ.ସି.ବି. ଗାଡ଼ି ଚଢ଼େଇ ଦିଆଗଲା ଯାହା ଫଳରେ ସେ ଚାପି ହୋଇ ମୃତ୍ୟୁ ବରଣ କରିଥିଲେ । ଆଉ ଜଣେ ବ୍ୟକ୍ତି ସୁରା କୁଜୁର ଗୁରୁତର ଆହତ ହୋଇଥିଲେ, ଯିଏକି ସବୁଦିନ ପାଇଁ ଅକର୍ମଣ୍ୟ ହୋଇ ଘରେ ପଡ଼ିରହିଛନ୍ତି । ସେ ସମୟରେ ତା. ୨୨.୦୪.୨୦୨୫ ଦିନ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କ ତରଫରୁ ଦୁଇ ଜଣଙ୍କୁ ଏକ ଲିଖିତ ପ୍ରତିଶ୍ରୁତି ଦିଆଗଲା । ପ୍ରତିଶ୍ରୁତି ଅନୁଯାୟୀ କ୍ଷତି ପୂରଣ ବାବଦରେ ଏତୋ ଏକ୍କାଙ୍କ ବିଧବା ପତ୍ନୀ ଅଞ୍ଜଳି ଏକ୍କାଙ୍କୁ ୨୦ ଲକ୍ଷ ଟଙ୍କା ଦେବା ସହିତ ମାସକ ଭିତରେ ରାଉରକେଲା ଇସ୍ପାତ କାରଖାନାରେ ଚାକିରି ଓ ପିଲାଙ୍କ ପାଠ ପଢ଼ା ଦାୟିତ୍ୱ ନେବେ ବୋଲି କହିଥିଲେ ଓ ସୁରା କୁଜୁରଙ୍କ ପତ୍ନୀଙ୍କୁ ଚାକିରି ଦେବା ସହ ତାଙ୍କର ସମସ୍ତ ଡାକ୍ତରୀ ଖର୍ଚ୍ଚ ବହନ କରିବା ସହିତ ତାଙ୍କ ପିଲାଙ୍କର ପାଠ ପଢାର ସମସ୍ତ ଖର୍ଚ୍ଚ ଆରଏସ୍‌ପି ବହନ କରିବ ବୋଲି କହିଥିଲେ । କିନ୍ତୁ ଏହା ଭିତରେ ୬ ମାସ ବିତିଯାଇଥିଲେ ବି କ୍ଷତିଗ୍ରସ୍ତ ପରିବାରଙ୍କୁ ଚାକିରି ମିଳିନାହିଁ କି ପିଲାଙ୍କ ପାଠ ପଢା ଦାୟିତ୍ୱ କେହି ନେଇନାହାନ୍ତି । ସୁନ୍ଦରଗଡ଼ ଜିଲ୍ଲାର ସାଂସଦ ଓ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ସବୁବେଳେ ବାକ୍ୟରେ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି କିନ୍ତୁ ଆର. ଏସ୍. ପି. କର୍ତ୍ତୃପକ୍ଷଙ୍କୁ ପଦେ କଥା କହିନାହାନ୍ତି ଫଳରେ କିଛି ସୁଫଳ ମିଳିନାହିଁ । ତାଙ୍କୁ ବାରମ୍ବାର ଭେଟିଲା ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ । ଏଣୁ ଆମ୍ ଆଦମୀ ପାର୍ଟି ଏ ବିଷୟକୁ ଗୁରୁତର ସହିତ ବିଚାର କରି କିପରି କ୍ଷତିଗ୍ରସ୍ତ ଆଦିବାସୀ ପରିବାର ଉଚିତ୍ କ୍ଷତି ପୂରଣ ପାଇବେ ସେଥିପାଇଁ ଆଗାମୀ ଦିନରେ ଜୋରଦାର ଲଢେଇ କରାଯିବ, ପାର୍ଟି ତରଫରୁ ଆର.ଏସ୍.ପି. କର୍ତ୍ତୃପକ୍ଷ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ମାଝୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ସୁନ୍ଦରଗଡ଼ ଜିଲ୍ଲାପାଳ ଓ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଚିଠି ଲେଖାଯିବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଆଦିବାସୀ ମୋର୍ଚ୍ଚା ସଭାପତି ମେଘନାଦ ମାଝୀ ଘୋଷଣା କରିଥିଲେ । ଦୁଇଜଣଙ୍କ ପରିବାରଙ୍କୁ ମାଗଣାରେ ଆଇନଗତ ସହଯୋଗ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ସାମ୍ବାଦିକ ସମ୍ମିଳନୀରେ ସେହି ଦୁଇଜଣ ମହିଳା ଅଞ୍ଜଳି ଏକ୍କା ଓ ସୁନିତା ଓରାମ ଉପସ୍ଥିତ ଥିବା ସହିତ ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପସଭାପତି ଲାଲ ମଣି ଲଗୁନ୍, ରାଜ୍ୟ ଆଦିବାସୀ ମୋର୍ଚ୍ଚା ସମ୍ପାଦକ ଯୋଗେନ୍ଦ୍ର ପାଲ ତିର୍କୀ, ଆମ ଆଦମୀ ପାର୍ଟି ସୁନ୍ଦରଗଡ଼ ଜିଲ୍ଲା ସମ୍ପାଦକ ସତ୍ୟ କିଶୋର ମହାନ୍ତି, ରାଉରକେଲା ଜିଲ୍ଲା ସଭାପତି ସନ୍ତୋଷ ବେହେରା, ମିଡ଼ିଆ ପ୍ରଭାରୀ ଭରତ ବାଇ, ସମ୍ପାଦକ ଚିନ୍ତାମଣି ମହାନନ୍ଦ, ଦେବ ରଞ୍ଜନ ଦାସ, ଆଶିଷ ମହାରଣା, ଜାନୁଆରୀସ ମିଞ୍ଜ, ପ୍ରମୁଖ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ‘ଶୂନ୍ୟ ମୃତ୍ୟୁ ପକ୍ଷ’ ସଚେତନତା କାର୍ଯ୍ୟକ୍ରମ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ତୁଳସୀ ମହିଳା ମହାବିଦ୍ୟାଳୟରେ ‘ଶୂନ୍ୟମୃତ୍ୟୁ ପକ୍ଷ’ ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ମଥୁରି ଚରଣ ନାୟକ ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଡ଼କସୁରକ୍ଷା ବିଶେଷଜ୍ଞ ବିଧୁ ଭୂଷଣ ମହାପାତ୍ର ସଡକ ଦୁର୍ଘଟଣାର ବିଭିନ୍ନ କାରଣ ଓ ତା’ର ନିବାରଣ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । କେନ୍ଦ୍ରାପଡ଼ା ଜିଲ୍ଲାର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଅଧିକାରୀ ଲୋକନାଥ ମେହେର ‘ନିଜଜୀବନ ନିଜହାତରେ’ କହି ଦୁର୍ଘଟଣାରୁ କିପରି ସୁରକ୍ଷିତ ରହି ଜୀବନ ନିର୍ବାହ କରିବେ ସେ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କନିଷ୍ଠ ଏମ୍.ଭି.ଆଇ ଶ୍ରୀକାନ୍ତ ଜୁଡୁ ଓ ଟ୍ରାଫିକ୍ ଇନ୍‌ସପେକ୍ଟର ରାଜ ନାରାୟଣ ସ୍ୱାଇଁ ଯୋଗ ଦେଇଥିଲେ । ଅଧ୍ୟାପକ ଡ. ଆଶୁତୋଷ ରାଉତ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ । ଅଧ୍ୟାପିକା ବିଜୟଲକ୍ଷ୍ମୀ ଜେନା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧ୍ୟାପିକା ପ୍ରଭାସିନୀ ଜେନା ସହଯୋଗ କରିଥିଲେ । ଏଥିରେ ମହାବିଦ୍ୟାଳୟର ଅଧ୍ୟାପିକା-ଅଧ୍ୟାପକ ଏବଂ ତିନି ଶହରୁ ଊର୍ଦ୍ଧ୍ୱ ଛାତ୍ରୀ ଉପସ୍ଥିତ ଥିଲେ ।

31 YEARS
ସମ୍ବାଦ କଳିକା

# ଦେଶରେ ଦୟନୀୟ ସ୍ଥିତି

ମାତ୍ର ୪ ବର୍ଷ ମଧ୍ୟରେ ଦେଶରେ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ଘଟିଛି। ଦେଶର ରାଜ୍ୟଗୁଡ଼ିକ ମଧ୍ୟରେ ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ବେକାରି ସ୍ଥିତି ଅତି ଦୟନୀୟ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନର ଏହି ରିପୋର୍ଟ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ୍ ଦେଇଥିବା ମନ୍ତବ୍ୟକୁ ସଠିକ୍ ପ୍ରମାଣିତ କରୁଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଏବଂ ଇନଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ ଡେଭଲପମେଣ୍ଟ (ଆଇଏଚ୍ଡି)ର ଯୁଗ୍ମ ପ୍ରୟାସରେ ପ୍ରସ୍ତୁତ 'ଭାରତ ନିଯୁକ୍ତି ରିପୋର୍ଟ ୨୦୨୪' ଶୀର୍ଷକ ଏହି ରିପୋର୍ଟରେ ଦେଶର ବେକାରି ସ୍ଥିତିକୁ ନେଇ ବିସ୍ତୃତ ଭାବେ ତଥ୍ୟ ଦିଆଯାଇଛି। ଏହି ରିପୋର୍ଟକୁ ମୁଖ୍ୟ ଅର୍ଥନୀତିଜ୍ଞ ଉପଦେଷ୍ଟା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ୍ ଉନ୍ମୋଚନ କରିଛନ୍ତି। ଯଦି ଭାରତରେ ୧୦୦ ଜଣେ ବେରୋଜଗାରି ଅଛନ୍ତି, ତେବେ ଏଥିରୁ ୮୩ ଜଣ କେବଳ ଯୁବ ବର୍ଗର ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହାଛଡା ସେଥିରେ ଅଧିକାଂଶ ଯୁବ ଶିକ୍ଷିତ ବେକାରି। ଆଇଏଲ୍ଓର ରିପୋର୍ଟ ଅନୁସାରେ ୨୦୦୦ ମସିହା ତୁଳନାରେ ଦେଶରେ ବର୍ତ୍ତମାନ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ହୋଇଛି। ୨୦୦୦ ମସିହାରେ ଶିକ୍ଷିତ ବେରୋଜଗାରୀଙ୍କ ସଂଖ୍ୟା ୩୫.୨ ପ୍ରତିଶତ ରହିଥିଲା। ହେଲେ ୨୦୨୨ରେ ଏହି ସଂଖ୍ୟା ବୃଦ୍ଧି ପାଇ ୬୫.୭ ପ୍ରତିଶତରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ, ଏହି ଗବେଷଣାରେ ସେହି ଶିକ୍ଷିତ ଯୁବବର୍ଗଙ୍କୁ ସାମିଲ୍ କରାଯାଇଛି ଯେଉଁମାନେ ଅତି କମ୍ରେ ମାଟ୍ରିକ୍ ପାସ୍ କରିଛନ୍ତି। ଆଇଏଲ୍ଓର ଏହି ରିପୋର୍ଟ ଆସିବାର ଦିନକ ପୂର୍ବରୁ ଶ୍ରୀ ରାଜନ କହିଥିଲେ ଯେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ନେଇ ଯେଉଁ ପ୍ରଚାର ଚାଲିଛି ତା'କୁ ବିଶ୍ୱାସ କରିବା ଉଚିତ୍ ନୁହେଁ। ଏପରି କରିବା ଭୁଲ୍ ହେବ। ଆମକୁ ପ୍ରଥମେ ଆମର ଅର୍ଥନୀତିରେ ରହିଥିବା ମୂଳ ଢାଞ୍ଚାଗତ ସମସ୍ୟା ଦୂର କରିବା ଆବଶ୍ୟକ। ଆମର ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଜରୁରୀ ବୋଲି ସେ କହିଥିଲେ। ରାଜନ୍ଙ୍କ କଥାକୁ ପରୋକ୍ଷରେ ଠିକ୍ ଦର୍ଶାଇ ଆଇଏଲ୍ଓ ତା'ର ରିପୋର୍ଟରେ କହିଛି ଯେ ଦଶମ ଶ୍ରେଣୀ ପରେ ଦେଶରେ ପିଲାମାନଙ୍କର ଅଧାରୁ ପାଠ ଛାଡିବା ହାର ଏବେ ବି ବଡ଼ ସମସ୍ୟା। ଉଚ୍ଚଶିକ୍ଷା କ୍ଷେତ୍ରରେ ଦେଶରେ ଅନେକ ନାମଲେଖା ହେଉଛି, କିନ୍ତୁ ଏହି କ୍ଷେତ୍ରରେ ଶିକ୍ଷାର ସ୍ତର ଚିନ୍ତାଜନକ ରହିଛି। ଆଇଏଲ୍ଓ ରିପୋର୍ଟରେ ଭାରତୀୟଙ୍କ ଆୟକୁ ନେଇ ମଧ୍ୟ ତଥ୍ୟ ଉପସ୍ଥାପନ କରାଯାଇଛି। ବଢୁଛି ଦେଶ। ଅଭିବୃଦ୍ଧି ପଥରେ ଅର୍ଥନୀତି। ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇଥିବ। ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କଥାକୁ ଦୋହରାଉଛନ୍ତି। ହେଲେ ଦେଶର ବାସ୍ତବ ଚିତ୍ର ଓଲଟା। କାଳ କାଳ ଧରି ଗରିବି ଲୋକଙ୍କ ପିଛା ଛାଡୁ ନ ଥିବାବେଳେ ଏ ଯାଏ ବେକାରି ବେଡିରୁ ମୁକୁଳିପାରୁନି ଦେଶ। ଭାରତର ବେକାରି ସ୍ଥିତିକୁ ନେଇ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି। ଦେଶରେ ପାଖାପାଖି ୨୭ ପ୍ରତିଶତ ଯୁବବର୍ଗ ରହିଛନ୍ତି, କିନ୍ତୁ ଏହାର ଏକ ବଡ଼ ଅଂଶ ବେରୋଜଗାର। ଦେଶର ୮୩% ଯୁବବର୍ଗ ବେକାର। ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି। କେବଳ ଏତିକି ନୁହେଁ କରୋନା ମହାମାରୀ ପରଠାରୁ ଦେଶରେ ଖୁବ୍ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି ବେକାରିଙ୍କ ସଂଖ୍ୟା। ୨୦୧୯ ପରେ ନିୟମିତ ଦରମାପ୍ରାପ୍ତ କର୍ମଚାରୀ ଓ ସ୍ୱୟଂ ରୋଜଗାରକ୍ଷମ କର୍ମଚାରୀଙ୍କ ଆୟ ହ୍ରାସ ପାଇଛି। ଅନ୍ୟପଟେ ଅଣକୁଶଳୀ ଶ୍ରମ ସମ୍ବଳରେ ଠିକା କର୍ମଚାରୀମାନଙ୍କୁ ୨୦୨୨ ପରେ ଠିକ୍ ଭାବରେ ସର୍ବନିମ୍ନ ମଜୁରି ମିଳିନାହିଁ। ଭାରତ ପାଇଁ ବର୍ତ୍ତମାନ ବଡ଼ କଠିନ ସମୟ ରହିଛି। ଏଭଳି ସ୍ଥିତିରେ ଭାରତ ଏହାର ବୃହତ୍ ଯୁବ ଶ୍ରମ ସମ୍ବଳର ଲାଭ ପାଇପାରୁ ନ ଥିବା ଏହି ରିପୋର୍ଟରେ କୁହାଯାଇଛି।

---

# ଅତୀତ ଉତ୍କଳର ନୌବାଣିଜ୍ୟ ପରମ୍ପରାର ସଂକେତ -ବାଲିଯାତ୍ରା



ଡ଼ ଚନ୍ଦ୍ରକଳା ନାୟକ
ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ ଛତିଆ, ଯାଜପୁର
ମୋ-୯୪୩୭୯୫୭୬୧୭

ଉତ୍କଳର ନୌବାଣିଜ୍ୟ ବହୁ ପୁରାତନ। ଖ୍ରୀଷ୍ଟପୂର୍ବ କାଳରେ ଉତ୍କଳର ନୌବାଣିଜ୍ୟ ପ୍ରସିଦ୍ଧି ଅର୍ଜନ କରିଥିଲା। ଏହାର ପ୍ରମାଣ ବୌଦ୍ଧ ଜାତକ କାହାଣୀ ଓ ଚାଣକ୍ୟଙ୍କ ଅର୍ଥଶାସ୍ତ୍ରରୁ ମିଳିଥାଏ। କଳିଙ୍ଗରୁ ଯାଉଥିବା ବଣିକ ମାନେ ଜାଭା , ସୁମାତ୍ରା , ବୋର୍ଣ୍ଣିଓ , ସିଂହଳ ଆଦି ସ୍ଥାନରେ ଉପନିବେଶ ସ୍ଥାପନ କରିଥିଲେ। ଯେମିତି ବାର୍ଲି ର ଜଗନ୍ନାଥ ମନ୍ଦିର, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ମୂର୍ତ୍ତି, ଆନନ୍ଦ ବଜାର ଓ ମାଲକା ଦୀପର କେଲାଙ୍ଗ ନଦୀ କୂଳରେ ଥିବା ବିବିଧ ହିନ୍ଦୁ ମନ୍ଦିର , ସେ କାଳର ଉତ୍କଳର ନୈବାଣିଜ୍ୟ ପ୍ରଭାବକୁ ସୂଚାଇ ଦିଏ। ସୁମାତ୍ରାର ରାଜାଙ୍କ ନାମକୁ ପରମେଶ୍ୱର, ରାଣୀଙ୍କ ନାମକୁ ପରମେଶ୍ୱରୀ ଓ ସେନାପତିଙ୍କ ନାମକୁ ଲକ୍ଷ୍ମଣ କୁହାଯାଏ। ଏହି ନାମ କରଣ ଉତ୍କଳର ନୌବାଣିଜ୍ୟ ପ୍ରଭାବ ସଂପର୍କରେ ସୂଚନା ଦେଇଥାଏ। ଜାଭାର କ୍ଲିଙ୍ଗ ଜାତି ଅତୀତର ଉତ୍କଳୀୟ ମାନଙ୍କର ସଙ୍କେତ ଦେଇଥାଏ। ସିଂହଳ ଠାରୁ ଆରମ୍ଭ କରି ବାର୍ଲି , ସୁମାତ୍ରା, ମାଲକା, ଜାଭା, ବ୍ରହ୍ମଦେଶ, ଚୀନ ଆଦି ବିଭିନ୍ନ ଦେଶରେ ଏବେ ମଧ୍ୟ କଳିଙ୍ଗ ଓ ଉତ୍କଳୀୟ ସଂସ୍କୃତିର ପ୍ରଭାବ ସ୍ପଷ୍ଟ ପରିଲକ୍ଷିତ ହୋଇଥାଏ। କଳିଙ୍ଗର ସାଧବ ମାନେ ଯେ କେବଳ ଦକ୍ଷିଣ ପୂର୍ବ ସମୁଦ୍ର ପଥରେ ବିଭିନ୍ନ ଦେଶ ଓ ଦ୍ୱୀପକୁ ଯାଇ ବଣିଜ କରୁଥିଲେ ତାହା ନୁହେଁ, ପଶ୍ଚିମ ପଟରେ ମଧ୍ୟ ଅଫଗାନିସ୍ଥାନ, ମରିସସ, ତୁରସ୍କ ଆଦି ସ୍ଥାନରେ ବଣିଜ କରୁଥିଲେ। ଅତୀତର ନୌବାଣିଜ୍ୟ ସଂସ୍କୃତିକୁ ନେଇ ଓଡିଶାର ବିଭିନ୍ନ ସ୍ଥାନରେ କେତେ କେତେ ମନ୍ଦିର ନିର୍ମିତ ହୋଇଛି। ତନ୍ମଧ୍ୟରୁ ଭୁବନେଶ୍ୱରର ବୋଇତାଳ ମନ୍ଦିର ଏହାର ନିଦର୍ଶନ। ଓଡିଶାର ବୋଇତ ଯାତ୍ରା ଓ ବୋଇତ ସଂସ୍କୃତି ଅତୀତର ହୋଇଥିଲେ ମଧ୍ୟ, କଳିଙ୍ଗ ପରେ ଖ୍ରୀଷ୍ଟାବ୍ଦ ପଞ୍ଚମ ଓ ଷଷ୍ଠ ଶତାବ୍ଦୀର କଙ୍ଗୋଦ ମଣ୍ଡଳ ଶୈଳଦ୍ଭବ ବଂଶୀ ରାଜାମାନେ ଋଷୀକୂଲ୍ୟା ନଦୀକୁ କେନ୍ଦ୍ର କରି ନୈବାଣିଜ୍ୟର ପ୍ରସାର କରିଥିଲେ। ବିବିଧ ବୋଇତ ନିର୍ମାଣ ପାଇଁ ଏ ଅଞ୍ଚଳ ପ୍ରସିଦ୍ଧି ଲାଭ କରିଥିଲା। ପରେ ଭୌମକର ଓ ସୋମବଂଶୀ ରାଜାମାନେ ଏହି ବୋଇତ ଯାତ୍ରା ଓ ନୌବାଣିଜ୍ୟ ପ୍ରତି ଗୁରୁତ୍ୱ ଦେଇଥିଲେ। ଭୌମବଂଶୀ ରାଜା ଶୁଭଙ୍କରଙ୍କ ସମୟରେ ରତ୍ନଗିରୀ ବା ପୁଷ୍ପଗିରୀ ବିହାରର ଜୈନିକ ଛାତ୍ର ପ୍ରାଜ୍ଞ ଗଣ୍ଡବ୍ୟୁହ ପୋଥୀକୁ ବୋଇତରେ ନେଇ ଚୀନ ସମ୍ରାଟଙ୍କୁ ଦେଇଥିଲେ। ଗଙ୍ଗ ବଂଶର ରାଜତ୍ୱ ସମୟରେ ମଧ୍ୟ ନୌବାଣିଜ୍ୟ ଅକ୍ଷତ ଥିଲା। ସୂର୍ଯ୍ୟବଂଶର ପ୍ରତିଷ୍ଠାତା ଓ ମହା ପରାକ୍ରମୀ ଗଜପତି କପିଳେନ୍ଦ୍ରଦେବ ନୌବାଣିଜ୍ୟକୁ ପ୍ରୋତ୍ସାହନ ଓ ସୁରକ୍ଷା ପ୍ରଦାନ କରିବାରୁ ଉତ୍କଳର ବଣିକ ମାନେ ଅବାଧରେ ବିଭିନ୍ନ ଦେଶ ଓ ଦ୍ୱୀପକୁ ଯାଇ ଖୁସିରେ ବଣିଜ କରୁଥିଲେ। ଓଡିଶା ସ୍ୱାଧୀନ ଥିବା ପର୍ଯ୍ୟନ୍ତ ନୌବାଣିଜ୍ୟ ପ୍ରତି ଜଳଦସ୍ୟୁ ମାନଙ୍କ ଆଦୌ ପ୍ରଭାବ ନଥିଲା। ଓଡିଶା ଇତିହାସରେ ସପ୍ତଦଶ ଶତାବ୍ଦୀ ଥିଲା ଓଡିଶାର ନୌବାଣିଜ୍ୟ ପାଇଁ ସୁବର୍ଣ୍ଣ ଯୁଗ। ସାଧବ ବଣିକ ମାନେ ବିଦେଶରେ ବ୍ୟବସାୟ କରୁଥିଲେ।



ବଣିକ ମାନେ କେବଳ ବ୍ୟବସାୟ କରୁ ନଥିଲେ ତାହା ସହ ଜଗନ୍ନାଥ ସଂସ୍କୃତିର ପ୍ରସାର ମଧ୍ୟ କରୁଥିଲେ। ଓଡିଶା ରାଜ୍ୟ ଓ ଗଜପତିଙ୍କୁ ଆର୍ଥିକ ସହାୟତା ମଧ୍ୟ ଦେଉଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା, ଓଡିଆ ଅସ୍ମିତାକୁ ପ୍ରସାରିତ କରୁଥିଲେ। ୧୫୬୮ ମସିହାରେ ସ୍ୱାଧୀନତା ରବି ଅସ୍ତମିତ ହେବା ପରେ ଆଫଗାନ ମୁସଲମାନ, ମୋଗଲ, ମରହଟ୍ଟା ଓ ଶେଷରେ ଇଂରେଜ ବଣିକ ମାନେ କ୍ରମାନ୍ୱୟରେ ଶାସନ କଲେ। ଏହି ବହିରାଗତ ମାନେ ଓଡିଆ ଜାତି ଉପରେ ଅତ୍ୟାଚାର କଲେ। ସମୁଦ୍ର ପଥରେ ବୋଇତ ଯାତ୍ରାକୁ ସୁରକ୍ଷା ଦେବାକୁ କେହି ରହିଲେ ନାହିଁ। ଯାହା ଦ୍ୱାରା ଫିରିଙ୍ଗି, ଫରାସୀ, ଦୀନାମାର ଆଦି ଜଳଦସ୍ୟୁମାନେ ବୋଇତ ଲୁଣ୍ଠନ କଲେ। ମହାଭାରତର ବନପର୍ବରେ ଲୋମଶ ମୁନି ଯୁଦ୍ଧିଷ୍ଠିରଙ୍କୁ କହିଛନ୍ତି 'ଏତେ କଳିଙ୍ଗାଃ କୌନ୍ତୟ ତତ୍ର ବୈତରଣୀ ନଦୀ' । ଅଶୋକଙ୍କ ସମୟରେ କଳିଙ୍ଗର ସୀମା ଉତ୍ତର ଓ ଦକ୍ଷିଣକୁ କେତେ ଦୂର ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା, ତାହା ସ୍ଥିର କରିବା ସମ୍ଭବ ନୁହେଁ। କିନ୍ତୁ ଆଧୁନିକ ଓଡିଶାର ସମୁଦ୍ର ଉପକୂଳ ଅଞ୍ଚଳ ଯେ, କଳିଙ୍ଗର ଅନ୍ତର୍ଭୁକ୍ତ ଥିଲା, ଏହାର ପ୍ରମାଣ ରହିଛି। ଏହି ପ୍ରାଚୀନ ରାଜ୍ୟର ଅଧିବାସୀ ମାନେ ଅତ୍ୟନ୍ତ ସାହସିକ ଥିଲେ। ସେମାନେ ନୌବାଣିଜ୍ୟରେ ରତ ଥିଲେ ଓ ବିଦେଶକୁ ଯାଇ ଉପନିବେଶ ମାନ ସ୍ଥାପନ କରିଥିଲେ। ବସ୍ତୁତଃ ନୌବାଣିଜ୍ୟ ହିଁ ସେମାନଙ୍କର ସମୃଦ୍ଧ ଓ ସମ୍ପଦର ମୂଳ କାରଣ ଥିଲା। ମାତ୍ର ଯେଉଁ ନୌବାଣିଜ୍ୟ ଉପରେ ତାଙ୍କର ସମୃଦ୍ଧି ନିର୍ଭର କରୁଥିଲା , ତାହା କାଳକ୍ରମେ ଲୋପ ପାଇବାରୁ ଉତ୍କଳ ଗୋଟିଏ ଦରିଦ୍ର ରାଜ୍ୟରେ ପରିଣତ ହେଲା। ତଥାପି ଓଡିଶାର କିମ୍ବଦନ୍ତୀ ଓ ବାରବ୍ରତରେ ଏହି ନୌବାଣିଜ୍ୟ ସର୍ବଦା ଜଡିତ ହୋଇ ରହିଛି। କାର୍ତ୍ତିକ ମାସ ପୂର୍ଣ୍ଣିମାରେ ଆ କା ମା ବୈ କହି ଲୋକମାନେ ଯେଉଁ ନୌକା ଭସାଣି କରନ୍ତି , ତାହା ବହୁ ପ୍ରଚୀନ ଏବଂ ଏହି ଦେଶର ପୂର୍ବ ପୁରୁଷ ମାନଙ୍କ ଜଳଯାତ୍ରାର ସ୍ମୃତି ସହିତ ଜଡିତ। କାର୍ତ୍ତିକ ପୂର୍ଣ୍ଣିମା ବେଳକୁ ବର୍ଷାର ପରିସମାପ୍ତି ହୋଇଥାଏ। ସେହି ସମୟ ଜଳଯାତ୍ରା ପାଇଁ ସୁଗମ ହୋଇଥାଏ। ଏହି କାରଣରୁ ଆମ ପୂର୍ବ ପୁରୁଷ ମାନେ ଠିକ ସେହି ସମୟରେ ଜଳଯାତ୍ରା ଆରମ୍ଭ କରୁଥିଲେ। ଏହି ଦିନ ନଦୀ ପୁଷ୍କରିଣୀରେ ସ୍ନାନ କରିବା ପରେ କଦଳୀ ବାହୁଙ୍ଗା ବା କାଗଜରେ ନୌକା ଭସାଇବାର ବିଧାନ ପୂର୍ବ ସ୍ମୃତିର ସଂକେତ ମାତ୍ର। ସାଧବ ପୁଅମନେ ବିଦେଶ ଯାଇ ବୋଇତରେ ଯାହା ଆଣି ଫେରୁଥିଲେ, ସେଥିରେ ଗୋଟିଏ ଫଳ ବା ପରିବା ଅଦ୍ୟାପି ଉତ୍କଳରେ ପ୍ରଚଳିତ ଅଛି। ଉତ୍କଳର ଦକ୍ଷିଣାଞ୍ଚଳରେ ଯାହା ବୋଇତାଲୁ ନାମରେ ପରିଚିତ, ଏହାକୁ ଖୁବ ପ୍ରାଚୀନ କାଳରୁ ବୋଇତି କଖାରୁ ନାମରେ ଉତ୍କଳ ବା ଓଡିଶାରେ ପ୍ରବେଶ କରିଛି। ପ୍ରାଚୀନ ଓଡିଶାର ଲୋକ ବାର୍ଲି ଦ୍ୱୀପକୁ ଯାଇ ବାଣିଜ୍ୟ କରୁଥିବାରୁ କଟକର ଗଡଗଡିଆ ଘାଟରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଠାରୁ ଯେଉଁ ବାଲିଯାତ୍ରା ଅନୁଷ୍ଠିତ ହେଉଛି, ତାହା ପ୍ରାଚୀନ ଓଡିଶାବାସୀ ମାନଙ୍କ ବାର୍ଲି ଦ୍ୱୀପକୁ ଯାତ୍ରାର ସ୍ମୃତି ସହିତ ସଂଶ୍ଲିଷ୍ଟ ହୋଇଛି। ଗବେଷକଙ୍କ ମତ ଅନୁସାରେ ମହାନଦୀ ବାଲିରେ ଏହି ଯାତ୍ରା ବସୁଥିବାରୁ ଏହାର ନାମ ବାଲିଯାତ୍ରା ହୋଇଛି। ଭାରତୀୟ ସମାଜରେ ଉତ୍କଳୀୟ ଗଣ ଏକ ପ୍ରାଚୀନ ସଭ୍ୟ ଜାତି । ଏହି ଜାତିର ବୌଦ୍ଧିକ ଓ ବୈଷୟିକ ଐଶ୍ୱର୍ଯ୍ୟ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଅଛି। ତ୍ରିକଳିଙ୍ଗର ଲୋକ ମାନେ ଯେ ଯଶସ୍ୱୀ ଓଡିଆ ଜାତିର ଥିଲେ, ଏଥିରେ ସନ୍ଦେହର ଅବକାଶ ନାହିଁ। ଅତୀତରେ କଳିଙ୍ଗ ରାଜ୍ୟର ସୁଦୀର୍ଘ ସମୁଦ୍ର ଉପକୂଳରେ ବହୁ ବନ୍ଦର ଥିଲା। ସେହି ବନ୍ଦର ଠାରୁ ସାଧବ ପୁଅ ମାନେ ସୁଦୂର ଦରିଆ ପାରି ଦେଶ ମାନଙ୍କରେ ନୌବାଣିଜ୍ୟ କରି ଏ ଦେଶକୁ ଧନଶାଳୀ କରିଥିଲେ। ସେହି ଦୂର ଦେଶ ମାନଙ୍କରେ ଉତ୍କଳୀୟ ସଂସ୍କୃତି, ସାହିତ୍ୟ, ଶିଳ୍ପ ଓ ଭାସ୍କର୍ଯ୍ୟର ପ୍ରଚାର ପ୍ରସାର ମଧ୍ୟ କରିଥିଲେ। ଉତ୍କଳୀୟ ନୌବାଣିଜ୍ୟର ଆରାଧ୍ୟ ଦେବୀ ଭାବରେ ଦେବୀ ତାରା ହେଉଛନ୍ତି ସୁପ୍ରସିଦ୍ଧା। ଏଥିରୁ ଓଡିଆ ଜାତିର ଐତିହ୍ୟ ଅନୁମାନ କରାଯାଇ ପାରେ। ଏହି ନୌବାଣିଜ୍ୟର ଗୌରବୋଜ୍ଜ୍ୱଳ ସ୍ମୃତି ବହନ କରି କେତେକ ପର୍ବ ଅତ୍ୟନ୍ତ ଲୋକପ୍ରିୟ ହୋଇଛି। ଯେମିତି କାର୍ତ୍ତିକ ମାସରେ କାର୍ତ୍ତିକ ପୂର୍ଣ୍ଣିମାର ଡଙ୍ଗା ଭସାଣ, ଭାଦ୍ରବ ମାସର ଖୁଦୁରୁକୁଣୀ ଏବଂ ଦୀପାବଳୀ ରାତିରେ ବୋଇତ ଚିତ୍ର କରି କଂସା ବାସନ ପୂଜା କରିବା ପ୍ରଥା ରହିଛି। ପ୍ରାଚୀନ ଉତ୍କଳରେ ନୌବାଣିଜ୍ୟ ଥିଲା ବେଶ ସମୃଦ୍ଧ। ଏହି ନୌବାଣିଜ୍ୟର ଏକମାତ୍ର ଲକ୍ଷ୍ୟ ଥିଲା ଧନ ଉପାର୍ଜନ କରି ଦେଶକୁ ସମୃଦ୍ଧ କରିବା। ଉତ୍କଳର ଏତାଦୃଶ ସମୃଦ୍ଧମୟ ନୌବାଣିଜ୍ୟ ତଥା ତଜ୍ଜନିତ ଆର୍ଥିକ ସ୍ୱଚ୍ଛଳତାର ଚିତ୍ର ଆଜି ବି ଆମ ଅତୀତର ଗୌରବକୁ ଉଜ୍ଜିବିତ କରୁଛି। ସେହି ଗୌରବମୟ ଇତିହାସକୁ ବଞ୍ଚାଇ ରଖିବା ପାଇଁ ଆଜି ବି ମହାନଦୀ କୂଳରେ ବାଲିଯାତ୍ରା ତାରା ପସରା ମେଲୁଛି।

---

# ଓଡିଆର ସଂସ୍କୃତି ମାଣବସା ଗୁରୁବାର

ଦୀପିକା ହୋତା
ନୂଆପଡା

ମାର୍ଗଶୀର ଗୁରୁବାର ପୂଜା ହେଉଛି ନିର୍ଦ୍ଦିଷ୍ଟ ମାସର ଗୁରୁବାର ଦିନ ଦେବୀ ଲକ୍ଷ୍ମୀଙ୍କ ପୂଜା କରିବା ପାଇଁ କରାଯାଉଥିବା ଏକ ବିଧି। ମାର୍ଗଶୀର ଗୁରୁବାର ପୂଜା ସମୟରେ, ଭକ୍ତମାନେ ଆର୍ଥିକ ସମସ୍ୟା ଦୂର କରିବା ଏବଂ ସମୃଦ୍ଧି, ଶାନ୍ତି ଏବଂ ଆରାମ ପାଇବା ପାଇଁ ଦେବୀ ଲକ୍ଷ୍ମୀଙ୍କ ଆଶୀର୍ବାଦ ଲୋଡ଼ନ୍ତି। ବିବାହିତ ମହିଳାମାନେ ଏକ ସୁଖଦ ବୈବାହିକ ଜୀବନ ପାଇଁ ଏହି ପୂଜା କରନ୍ତି, ଯେତେବେଳେ ଅବିବାହିତ ମହିଳାମାନେ ଏକ ଉପଯୁକ୍ତ ଜୀବନସାଥୀ ଖୋଜିବା ପାଇଁ ଏହା କରନ୍ତି। ସୁଖ ଏବଂ ଧନ ଖୋଜୁଥିବା ପରିବାରଗୁଡ଼ିକ ମଧ୍ୟ ଦିବ୍ୟ ଆଶୀର୍ବାଦ ପାଇବା ପାଇଁ ଏହି ପୂଜା କରିପାରିବେ। ନିଃସନ୍ତାନ ଦମ୍ପତିମାନେ ମଧ୍ୟ ଏହି ପୂଜା କରିପାରିବେ ଏବଂ ସନ୍ତାନ ପାଇଁ ଦେବୀଙ୍କୁ ପ୍ରାର୍ଥନା କରିପାରିବେ। ଏହା ବ୍ୟତୀତ, ଏହି ବିଧି ପାଳନ କରିବାର କିଛି ଆଧ୍ୟାତ୍ମିକ କାରଣ ଅଛି। ଦେବୀ ଲକ୍ଷ୍ମୀଙ୍କ ପ୍ରତି ନିରନ୍ତର ଭକ୍ତି ଆପଣଙ୍କୁ ମାନସିକ ଶାନ୍ତି ଏବଂ ଆଧ୍ୟାତ୍ମିକ ବିକାଶ ଆଣିବ।

ଦେବତାଙ୍କ ପ୍ରତି ଆପଣଙ୍କର ଭକ୍ତି ଏବଂ ପୂଜା ବିଧିର ସଠିକ୍ ପାଳନ ଆପଣଙ୍କୁ ପୂର୍ବ କର୍ମରୁ ମୁକ୍ତ କରିବାରେ ସାହାଯ୍ୟ କରିବ। ଏହାର ଅର୍ଥ ହେଉଛି ଏହି ପୂଜା ଆପଣଙ୍କ ଅନ୍ତରକୁ ପବିତ୍ର କରିବ। ଏହା ମଧ୍ୟ ବିଶ୍ୱାସ କରାଯାଏ ଯେ ପୂଜାରୀମାନେ ସେମାନଙ୍କ ସ୍ୱାସ୍ଥ୍ୟକୁ ଉନ୍ନତ କରିପାରିବେ ଏବଂ ମାନସିକ କିମ୍ବା ଶାରୀରିକ ରୋଗରୁ ରକ୍ଷା କରିପାରିବେ। ଏହି ପୂଜା ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବ। ଏହା ସହିତ, ଆପଣ ଚୋରି, ଦୁର୍ଘଟଣା ଏବଂ ଅକାଳ ମୃତ୍ୟୁରୁ ରକ୍ଷା କରିବା ପାଇଁ ବିଧି କରିପାରିବେ। ମାର୍ଗଶୀର ପୂର୍ଣ୍ଣିମା ବୈବାହିକ ଏବଂ ପାରିବାରିକ ବନ୍ଧନକୁ ମଜବୁତ କରେ ଏବଂ ଯେଉଁମାନେ ଏହାକୁ ଭକ୍ତି ଏବଂ ଆନ୍ତରିକତାର ସହିତ ପାଳନ କରନ୍ତି ସେମାନଙ୍କ ପରିବାର ପାଇଁ ସୁଖ, ସମୃଦ୍ଧି ଏବଂ ମଙ୍ଗଳ ଆଣିଥାଏ। ଏହି ପୂଜା ହିନ୍ଦୁ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଂଶ ଏବଂ ପବିତ୍ର ମାର୍ଗଶୀର ମାସରେ ଗୁରୁବାରରେ ପାଳିତ ହୁଏ।

ମାଣବସା ଗୁରୁବାର ଦିନ ସମସ୍ତ ଓଡିଆ ଘରେ ମାଁ ଲକ୍ଷ୍ମୀଙ୍କ ପୂଜା କରାଯିବା ସହ ଲକ୍ଷ୍ମୀ ପୁରାଣ ପଠନ କରାଯାଏ ।ଏହି ପୁରାଣରେ ନାରୀକୁ ଗୃହ ଲକ୍ଷ୍ମୀଭାବରେ ସମ୍ମାନ ଦେବା ସହ ପୁରୁଷ ନାରୀ ମଧ୍ୟରେ ଥିବା ତାରତମ୍ୟ ଦୂରିକରଣ ତଥା ସମାଜରେ ଉଚ୍ଚ ନୀଚ ଜାତିଭେଦ, କୁସଂସ୍କାର, ନିର୍ଯାତନା ଆଦିର ବିଲୋପନ ପାଇଁ ତଥା ଅନ୍ନ ଭୋଗର ସମ୍ମାନ କଥା ବର୍ଣ୍ଣନା କରାଯାଇଅଛି । ମାଣବସା ଗୁରୁବାର ଓଷା ପୂର୍ବଦିନ ରାତିରେ ଗୃହିଣୀମାନେ ଘରଦ୍ୱାର ଲିପାପୋଛା କରି ଝୋଟିଚିତା ପକାଇଥାନ୍ତି । ଗୁରୁବାର ଦିନ ବଡ଼ିଭୋରରୁ ଉଠି ନାରୀମାନେ ସ୍ନାନାଦି କାର୍ଯ୍ୟ ସାରି ଲକ୍ଷ୍ମୀଙ୍କ ପୂଜା ଆରମ୍ଭ କରିଥାନ୍ତି । ଗାଁମାନଙ୍କରେ ମହିଳାମାନେ ମାଟିଘରକୁ ଗୋବରରେ ଲିପାପୋଛା କରି ନୂତନ ଚାଉଳର ପିଠଉରେ ଝୋଟି ଏବଂ ଲକ୍ଷ୍ମୀପାଦରେ ଆଙ୍କନ୍ତି । ଘରର ପ୍ରତ୍ୟକ ଦୁଆର ଅଗଣା କାନ୍ଥ ଓ ଚାରିପାଖ ଝୋଟି ଚିତାଦ୍ୱାରା ସଜାଯାଇଥାଏ । ମାଣ ଖଟୁଲି ଉପରେ ଏକ ନୂଆ ମାଣରେ ଧଳାଧାନ ଭରି ରଖାଯାଏ । ହଳଦୀ ଓ ଗୁଗୁଳ ବାଟି ମାଣର ଉପରପାଶ୍ୱର୍ରେ ଲେପ ଦିଆଯାଏ ଯାହା ଏକ ମୁହଁର ରୂପ ନେଇଥାଏ । ସେଥିରେ କଉଡିକୁ ଆଖିଭାବେ ବ୍ୟବହାରକରି ନିଜର ସୃଜନ ଶୈଳିଦ୍ୱାରା ମାଣକୁ ଏକ ସୁନ୍ଦର ମୁହଁର ରୂପ ଦେଇ ଖଟୁଲିରେ ରଖି ତା ଉପରେ ଧାନର ମେଣ୍ଟାକୁ ରଖାଯାଏ । ନାଲିଛିଟ ଓ ସୁନ୍ଦର ପାଟକନାରେ ଓଢଣୀ ଦେଇ ଏହାକୁ ଏକ ନବ ବଧୂର ରୂପ ସଦୃଶ କରାଯାଏ ।

ଧାନଖଳାକୁ ମଧ୍ୟ ସେଦିନ ଝୋଟିଚିତାରେ ଚିତ୍ରିତ କରାଯାଇଥାଏ। ଲକ୍ଷ୍ମୀଙ୍କର ସ୍ଥାପନା ପାଇଁ ଠାକୁରଘରର ଏକ ସ୍ୱତନ୍ତ୍ର ସ୍ଥାନ ନିରୂପଣ କରାଯାଏ। ପୂଜାସ୍ଥାନରେ ପିଠଉରେ କୋଠି କରି ଷୋହଳ ପାଖୁଡା ପଦ୍ମଫୁଲ ଅଙ୍କାଯାଏ। ପୂଜା ପାଇଁ ପୂର୍ବରୁ ପ୍ରସ୍ତୁତ କରି ରଖାଯାଇଥାଏ ଅମଳ ହୋଇଥିବା ଶୁକ୍ଳଧାନ, ମାଣ, ଗୁଆ, କଉଡି, ନଡିଆ, ଦୁବ, ବରକୋଳି ପତ୍ର, ସିନ୍ଦୂର, ଧୂପଦୀପ ଓ ନୈବେଦ୍ୟ । ମାଣ ବସାଇବା ପୂର୍ବରୁ ସେହିମାଣକୁ ହଳଦୀ ପାଣିରେ ଧୋଇ ଖରାରେ ଶୁଖିଯିବା ପରେ ସିନ୍ଦୂର ବୋଳାଯାଏ। ପ୍ରଥମେ ଏକ ଖଟୁଲିରେ କିଛି ନୂଆଧାନ ରଖାଯାଏ । ସିନ୍ଦୂର ବୋଳାଯାଇଥିବା ମାଣ ବା ଗଉଣୀକୁ ଲକ୍ଷ୍ମୀ ଦେବୀଙ୍କର ପ୍ରତୀକ ସ୍ୱରୂପ ନୂଆ ଧଳାଧାନରେ ପୂର୍ଣ୍ଣକରି ତା' ଉପରେ ଗୁଆ ରଖାଯାଏ । ସେହି ମାଣକୁ ଖଟୁଲି ଉପରେ ବସାଇ ତା'ଉପରେ ଧାନବେଣ୍ଟି ରଖି ନୂତନ ପାଟଲୁଗାର ଓଢ଼ଣୀ ଢଙ୍କାଯାଏ । ଲକ୍ଷ୍ମୀଙ୍କୁ ଏକ ନବବଧୂ ବେଶରେ ସଜାଯାଇ ଚନ୍ଦନ ସିନ୍ଦୂର ଆଦି ଦେଇ ସ୍ଥାପନା କରାଯାଏ।

ମାର୍ଗଶିର ମାସର ଶେଷ ଗୁରୁବାର ଦିନ ବ୍ରତ ସାରି ଉଜୁଆ ଯାଏ । ଏହି ଦିନ ପୂର୍ବଭଳି ସମସ୍ତ ନୀତିରେ ମାଣ ବସାଇ ମଣ୍ଡା ପିଠା ଓ ଖିରି ଭୋଗ କରାଯାଏ । ସଞ୍ଜ ଭୋଗ ପରେ ସେହି ମାଣରେ ଥିବା ଧାନକୁ ଆଉ ଏକ ଜାଗାରେ ଅଜାଡ଼ି ରଖାଯାଏ । ପୂଜାର ଅନ୍ୟ ସମସ୍ତ ସଜ ସହକାରେ ନେଇ ପୋଖରୀ ଆଦି ଜଳାଶୟରେ ବିସର୍ଜନ କରାଯାଏ । ପୂଜାରେ ବ୍ୟବହୃତ ଧାନକୁ କୁଟି ସେହି ଚାଉଳରେ ଖିରି ବା ଜାଉ ରାନ୍ଧି କେବଳ ଘର ଲୋକଙ୍କ ମଧ୍ୟରେ ଖିଆଯାଏ । ଏହିପରି ଲକ୍ଷ୍ମୀଙ୍କୁ ଆବାହନ କରିବାଠାରୁ ବିସର୍ଜନ କରାଯିବା ପର୍ଯ୍ୟନ୍ତ ସମସ୍ତ ବିଧି ବିଧାନକୁ ପାଳନ କରି ଘରର ବିବିଧ ଉନ୍ନତି କାମନା କରାଯାଏ ।

ଏହି ସମୟ ମଧ୍ୟରେ, କେବଳ ସାତ୍ତ୍ୱିକ ଖାଦ୍ୟ ଖାଇବା ଗୁରୁତ୍ୱପୂର୍ଣ୍ଣ, ଯାହାକୁ ଶୁଦ୍ଧ ଏବଂ ଆଧ୍ୟାତ୍ମିକ ବିକାଶ ପାଇଁ ସହାୟକ ବୋଲି ବିବେଚନା କରାଯାଏ। ସାତ୍ତ୍ୱିକ ଖାଦ୍ୟ ମାଂସ, ମଦ୍ୟପାନ, ପିଆଜ ଏବଂ ରସୁଣ ମୁକ୍ତ ଏବଂ ସକାରାତ୍ମକ ଶକ୍ତି ଏବଂ ଶାନ୍ତ ମନକୁ ପ୍ରୋତ୍ସାହିତ କରେ। ପ୍ରସାଦ, କିମ୍ବା ସାତ୍ତ୍ୱିକ ଖାଦ୍ୟ ଖାଇବା, ଦେବତାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ଏବଂ ସେମାନଙ୍କର ଆଶୀର୍ବାଦ ପାଇବାର ଏକ ଉପାୟ ।

---

# ସନାତନ ଧର୍ମ ଓ ଏହାର ସ୍ୱରୂପ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ:-୯୪୩୮୪୮୫୦୯୪

ସନାତନ ଧର୍ମକୁ ନେଇ ଏବେ ଅନେକ ବିମର୍ଷ ଚାଲିଛି। ପ୍ରକୃତରେ ସନାତନ ସଂସ୍କୃତି ନା ସନାତନ ଧର୍ମ ସେ ବାବଦରେ ତର୍ଜମା କରାଯିବାର ମଧ୍ୟ ଆବଶ୍ୟକତା ରହିଛି। ଏ ପ୍ରସଙ୍ଗରେ ଶ୍ରୀମଦ୍ ଭଗବଦଗୀତା ଏବଂ ମହାଭାରତ ଭଳି ଗ୍ରନ୍ଥ ମାନଙ୍କରେ କ'ଣ ଉଲ୍ଲେଖ ରହିଛି ସେ ବାବଦରେ ଜାଣିବାର ଆବଶ୍ୟକତା ରହିଛି। ଶ୍ରୀମଦ୍ ଭଗବଦ୍ଗୀତାର ପ୍ରଥମ ଅଧ୍ୟାୟର ୩୯ତମ ଶ୍ଳୋକରେ ଉଲ୍ଲେଖ କରାଯାଇଛି - 'କୂଳ କ୍ଷୟେ ପ୍ରଣଶ୍ୟନ୍ତି କୂଳଧର୍ମାଃ ସନାତନଃ।' ଏହାର ଅର୍ଥର ହେଉଛି କୂଳର ନାଶ ହେଲେ ସନାତନ ବଂଶ ପରମ୍ପରା ନାଶ ହୋଇଯିବ। ଫଳତଃ ସନାତନ ଧର୍ମର ମଧ୍ୟ ବିନାଶ ଘଟିବ। 'ଗୀତା'ର ଦ୍ୱିତୀୟ ଅଧ୍ୟାୟରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି - ହେ ଅର୍ଜୁନ 'ଅବିନାଶି ତୁ ତଦ୍ବିଦ୍ଧି ଯେନ ସର୍ବମିଦଂ ତତମ୍' ( ଗୀତାର ୨ୟ ଅଧ୍ୟାୟଶ୍ଳୋକ ୧୭) ଏହାର ଅର୍ଥ ହେଉଛି ଯାହା ସଂପୂର୍ଣ୍ଣ ଶରୀରରେ ବ୍ୟାପ୍ତ ହୋଇ ରହିଛି ତାହା ଅବିନାଶୀ ଅଟେ ଓ ଏହା ଆତ୍ମା ଅଟେ। ସେହି ଦ୍ୱିତୀୟ ଅଧ୍ୟାୟରେ ଶ୍ଳୋକ ୧୬ରେ 'ନାଭାବୋ ବିଦ୍ରଦ୍ୟତେ ସତଃ ଉଲ୍ଲେଖ ଅଛି। ସେହି ସତ୍ର ଅଭାବ କେଉଁଠି ନାହିଁ ଅର୍ଥାତ୍ ସେହି ସତ୍ ସବୁଠି ବିଦ୍ୟମାନ। ତାକୁ ଅଗ୍ନି ଜଳାଇ ପାରିବ ନାହିଁ। ସେହି ୨ୟ ଅଧ୍ୟାୟରେ ୨୪ ତମ ଶ୍ଳୋକରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି 'ନିତ୍ୟ ସର୍ବଗତଃ ସ୍ଥାଣୁର୍ ଚକୋୟଂ ସନାତନଃ।' ସେହି ହିଁ ନିତ୍ୟ ଓ ସର୍ବବ୍ୟାପି ଅଟେ। ତାହା ସ୍ଥିର ଅଟେ ଓ ଏକମାତ୍ର ସନାତନ ଅଟେ।

ଗୀତା ଅନେକ ଲୋକ ପଢନ୍ତି ବୁଝନ୍ତି କିନ୍ତୁ କିଛି ଲୋକ ଏହାକୁ ବୁଝି ପାରନ୍ତି ନାହିଁ। ଗୀତାରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ଆତ୍ମା ହେଉଛି ସନାତନ ଯାହାକୁ ପରମାତ୍ମା ସ୍ୱରପ ବୋଲି କୁହାଯାଇଛି। ଯିଏ ପରମାତ୍ମାଙ୍କ ପ୍ରତି ସଚେତ ସେ ହିଁ ସନାତନ ଧର୍ମର ପାଳନ କରିଥାଏ। ସନାତନ ଧର୍ମର ଲକ୍ଷ୍ୟ ହେଉଛି ମୋକ୍ଷ। ଏହି ମୋକ୍ଷ ପ୍ରାପ୍ତି ପାଇଁ ହୃଦୟରେ ସ୍ଥିତ ସେଇ ସତ୍ୟ ସ୍ୱରପ ପରମାତ୍ମାରେ ଲୀନ ହେବା ଆବଶ୍ୟକ। ଏହାକୁ ଆତ୍ମ ନିୟନ୍ତ୍ରଣ ଦ୍ୱାରା ପ୍ରାପ୍ତ କରିହୁଏ। କୌଣସି ବାହାର ସଂସାରରେ ନୁହେଁ ନିଜ ଭିତରେ ସନାତନ ପରମାତ୍ମାଙ୍କୁ ଖୋଜିବା ଆବଶ୍ୟକ। ସନାତନ ସତ୍ୟ ପାଇଁ ଯେଉଁ ଧର୍ମ ପ୍ରେରିତ କରିଥାଏ ତାହା ହେଉଛି ସନାତନ ଧର୍ମ। ସ୍ପଷ୍ଟ ଭାବରେ କୁହାଯାଇପାରେ ଯେ ସନାତନ ଧର୍ମ ସେଇ ମୂଲ୍ୟକୁ ଇଙ୍ଗିତ କରିଥାଏ ଯାହା ଅପରିବର୍ତ୍ତନୀୟ ଅଟେ ଆତ୍ମା, ବ୍ରହ୍ମ, ପ୍ରକୃତିର ମୂଳତତ୍ତ୍ୱ ଓ ମୋକ୍ଷ। ଏସବୁ ସଦା ସତ୍ୟ ଅଟେ। ଏସବୁ ତତ୍ତ୍ୱକୁ ଆପଣେଇ ଏହି ଅନୁସାରେ ଆଚରଣ ବ୍ୟବହାରକୁ ବ୍ୟବସ୍ଥିତ କରିବାକୁ ସନାତନ ଧର୍ମ ଶିକ୍ଷା ଦେଇଥାଏ।

ଏସବୁ ସତ୍ୟର ଜ୍ଞାନ ପାଇଁ ଅନେକ ମହାପୁରୁଷ ଭିନ୍ନ ଭିନ୍ନ ବାଟ ବତାଇଛନ୍ତି। ଋଗ୍ବେଦରେ କୁହାଯାଇଛି - 'ଏକ୍ ସଦ୍ବିପ୍ରାବହୁଧା ବଦନ୍ତି' ଅର୍ଥାତ୍ ଏକ୍ ହିଁ ସତ୍ୟକୁ ବିଜ୍ଞ ପୁରୁଷ ମାନେ ଭିନ୍ନଭିନ୍ନ ଭାବରେ ବ୍ୟାଖ୍ୟା କରିଛନ୍ତି କିନ୍ତୁ ସତ୍ୟ ସର୍ବଦା ଏକ୍ ରହିଛି। ଏକଥା ମହାଭାରତ ଗ୍ରନ୍ଥରେ ମଧ୍ୟ କୁହାଯାଇଛି। ମହାଭାରତର ବନପର୍ବ ଆରଣ୍ୟେୟ ପର୍ବରେ ଏ ପ୍ରସଙ୍ଗରେ ବର୍ଣ୍ଣନା କରାଯାଇଛି। ଧର୍ମର ତତ୍ତ୍ୱ ଗୁଢ଼ ଏଣୁ ମହାପୁରୁଷ ମାନେ ଯେଉଁ ମାର୍ଗ ଦେଖାଇଛନ୍ତି ତାକୁ ଅନୁସରଣ କରିବା ଉଚିତ୍। ମହାପୁରୁଷ ମାନେ ଭିନ୍ନଭିନ୍ନ ବ୍ୟାଖ୍ୟା କରିଥିବା କାରଣରୁ ସନାତନ ଧର୍ମରେ ଅନେକ ମତର ସମାବେଶ ଦେଖିବାକୁ ମିଳିଥାଏ। ମହାଭାରତରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଧର୍ମର ସ୍ୱରପ ବାବଦରେ ବୁଝାଇ କହିଛନ୍ତି ଯେ କେତେକ ଧର୍ମକୁ ତର୍କ ଦ୍ୱାରା ଜାଣିବା ପାଇଁ ପ୍ରୟାସ କରିଥାନ୍ତି ତ ଆଉ କେତେକ ବେଦ ମାନଙ୍କରେ (୪ବେଦ) ଧର୍ମକୁ ଖୋଜିଥାନ୍ତି। କିନ୍ତୁ ବିଜ୍ଞ ମହାପୁରୁଷ ମାନେ ଏକ୍ ବା ଗୋଟିଏ ଧର୍ମର ବାସ୍ତବିକ୍ ସ୍ୱରପ କଥା କହିଥାନ୍ତି।

ମହାଭାରତର କର୍ଣ୍ଣପର୍ବରେ ଉଲ୍ଲେଖ ରହିଛି 'ଯତ୍ ସ୍ୟାଦ୍ ହିଂସା ସଂଯୁକ୍ତ ସ ଧର୍ମଇତି ନିଶ୍ଚୟଃ।' (ଯତ୍ ସ୍ୟାତ୍ ଅହିଂସା ଯୁକ୍ତ ସ ଧର୍ମ; ଇତି ନିଶ୍ଚୟଃ) ଅର୍ଥାତ୍ ଅହିଂସା ହିଁ ପରମ ଧର୍ମ। ଯେଉଁ ପ୍ରାଣୀର ମନ ବଚନ କର୍ମରେ ହିଂସା ନଥାଏ ସେ ହିଁ ବାସ୍ତବିକ୍ ସନାତନ ଧର୍ମୀ। ଶ୍ରୀମଦ୍ ଭାଗବତ୍ ମହାପୁରାଣରେ ଧର୍ମର କିଛି ଲକ୍ଷଣ ବାବଦରେ ବର୍ଣ୍ଣନା କରାଯାଇଛି। ବର୍ଣ୍ଣନା ଅନୁସାରେ ସତ୍ୟ, ଦୟା, ତପସ୍ୟା, ଶୌଚ, ମନର ସଂଯମ, ଅହିଂସା, ବ୍ରହ୍ମଚର୍ଯ୍ୟ ପାଳନ, ତ୍ୟାଗ, ସ୍ୱାଧ୍ୟାୟ, ସନ୍ତୋଷ, ସେବା, ସମଦର୍ଶୀ, କ୍ଷମା ଉଚିତ୍ ଅନୁଚିତର ଜ୍ଞାନ ହେଉଛି ଧର୍ମର ଲକ୍ଷଣ। ସେଇ ଶ୍ରୀମଦ୍ ଭାଗବଦ୍ ମହାପୁରାଣରେ ଉଲ୍ଲେଖ ଅଛି ଯେ ଏସବୁ ଲକ୍ଷଣକୁ ଆଚରଣରେ ପରିଲକ୍ଷିତ କରିପାରିଲେ ଧର୍ମ ପ୍ରତିଷ୍ଠିତ ହୋଇଥାଏ। ମହାଭାରତର ଶାନ୍ତିପର୍ବରେ ଉଲ୍ଲେଖ ଅଛି :- 'ସନ୍ତୋଷ ମୂଳତ୍ୟାଗାତ୍ମା ଜ୍ଞାନାଧିଷ୍ଠା ନ ମୁଚ୍ୟତେ। ଅପବର୍ଗମାତି ର୍ନିତ୍ୟୋ ୟାତିଧର୍ମଃ ସନାତନଃ।' ଯେଉଁଠି ସନ୍ତୋଷ ରହିଛି, ତ୍ୟାଗ ରହିଛି, ଜ୍ଞାନଦାୟିନୀ ବୁଦ୍ଧି ରହିଛି, ବ୍ରହ୍ମ ସାକ୍ଷାତ୍କାର ପାଇଁ ଇଚ୍ଛା ରହିଛି ତାହା ହିଁ ସନାତନ ଧର୍ମ।

ଶ୍ରୀମଦ୍ ଭଗବଦ୍ ମହାପୁରାଣ, ମହାଭାରତ ଆଦି ଗ୍ରନ୍ଥରେ ସନାତନ ଧର୍ମ ବାବଦରେ ଏସବୁ କଥା ଉଲ୍ଲେଖ ରହିଛି। ଏସବୁ ମହାପୁରାଣକୁ ଆମ ହିନ୍ଦୁ ସଂସ୍କୃତିର ଲୋକମାନେ ଧର୍ମଗ୍ରନ୍ଥ ଭାବେ ଗ୍ରହଣ କରୁଛନ୍ତି। ଧର୍ମଗ୍ରନ୍ଥ, ଗୀତା ଓ ପୁରାଣ ପାଠ କରାଯାଉଛି। ଶ୍ରୋତା କହୁଛନ୍ତି ବକ୍ତା ଶୁଣୁଛନ୍ତି କିନ୍ତୁ ସନାତନୀ ଧର୍ମ ବାବଦରେ ଉଲ୍ଲେଖ ଲକ୍ଷଣ ସବୁକୁ କେତେଜଣ ନିଜ ନିଜ ଆଚରଣରେ ପରିଲକ୍ଷିତ କରାଉଛନ୍ତି ? ଯଦି ଆମେ ଧର୍ମଗ୍ରନ୍ଥରେ ଉଲ୍ଲେଖ କଥାକୁ ଆଚରଣରେ ପରିଲକ୍ଷିତ କରାଇ ପାରିବା ନାହିଁ ତେବେ ଆମେ ନିଜକୁ ସନାତନୀ କହିବା କାହିଁକି ? ବେଦ ପୁରାଣ କ'ଣ ଖାଲି ଶୁଣିବା ପାଇଁ ନା ବେଦ ପୁରାଣ ପଢୁଥିବା ଲୋକକୁ ସନାତନୀ କହିବା ? ନିଜକୁ ସନାତନ ଧର୍ମୀ କହିବା ପୂର୍ବରୁ ବେଦ ପୁରାଣରେ ସନାତନ ଧର୍ମ ବାବଦରେ ଉଲ୍ଲେଖ ଲକ୍ଷଣକୁ ବୁଝିବା ଓ ନିଜେ ଅନୁସରଣ କରିବା ଆବଶ୍ୟକ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୯ ନଭେମ୍ବର ୨୦୨୫ ରବିବାର





# ପୁଣି ମାତିଲେ ଛିନ୍‌ତାଇ ଗ୍ୟାଙ୍ଗ

## ମନ୍ଦିର ଭିଡ଼ରେ ୩ ମହିଳାଙ୍କ ଠାରୁ ସୁନା ଅଳଙ୍କାର ଲୁଟିନେଲେ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦା ସହରରେ ପୁଣି ଛିନ୍‌ତାଇ ଗ୍ୟାଙ୍ଗ ମାତିଛନ୍ତି । ମନ୍ଦିରକୁ ପୂଜା କରିବାକୁ ଯାଇଥିବା ବେଳେ ୩ଜଣ ମହିଳାଙ୍କ ପାଖରୁ ସୁନାହାର ଲୁଟ୍ କରିଛନ୍ତି । ଲୋକଙ୍କ ଭିଡ଼ର ସୁଯୋଗ ନେଇ ସୁନା ଅଳଙ୍କାର ଲୁଟ୍ ହୋଇଛି । ଏନେଇ ବାରିପଦା ଟାଉନ୍ ଥାନାରେ ଦୁଇଟି ପୃଥକ୍ ଅଭିଯୋଗ କରିଛନ୍ତି । ନବକିଶୋର ବିଶ୍ୱାଳ ତାଙ୍କ ପତ୍ନୀଙ୍କ ସହ ସକାଳୁ ଜଗନ୍ନାଥ ମନ୍ଦିରକୁ ଦର୍ଶନ କରିବା ପାଇଁ ଯାଇଥିଲେ । ସେହିପରି ଦେଉଳସାହି ଅଞ୍ଚଳର ସୁପ୍ରଭା ତ୍ରିପାଠୀ ବାରିପଦା ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି । ସକାଳୁ ଜଗନ୍ନାଥ ମନ୍ଦିରକୁ ଦର୍ଶନ କରିବା ପାଇଁ ଯାଇଥିଲେ । ତେବେ ଭିଡ଼ ମଧ୍ୟରେ ସୁଯୋଗ ପାଇ ଦୁର୍ବୃତ୍ତମାନେ ମହିଳାଙ୍କ ଠାରୁ ସୁନାହାର ଲୁଟ୍ କରିଛନ୍ତି । ଦୁର୍ବୃତ୍ତମାନେ ଲୁଟ୍ କରି ଚମ୍ପଟ୍ ମାରିଛନ୍ତି । ସୁନା ହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କାରୁ ଊର୍ଦ୍ଧ୍ୱ ହେବ । ଦୁର୍ବୃତ୍ତଙ୍କୁ ଧରିବାରୁ ବିଫଳ ହେବାରୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସ୍ଥାନୀୟ ଅଞ୍ଚଳର ସିସି ଟିଭି ସହାୟତାରେ ଯାଞ୍ଚ କରିଥିଲେ । ତେବେ ବାରିପଦା ସହରରେ ବାରମ୍ବାର ଏହିପରି ମାମଲା ହେଉଥିବା ବେଳେ ପୋଲିସର ମୁଣ୍ଡ ବିନ୍ଧାର କାରଣ ସାଜିଛି । ସେହିପରି ଦେବୀଦତ୍ତ ଖୁଣ୍ଟିଆଙ୍କ ଶାଶୁ ସକାଳୁ ଜଗନ୍ନାଥ ମନ୍ଦିର ଯାଇଥିବା ବେଳେ ସୁନାହାର ଲୁଟ୍ କରିଛନ୍ତି । ଅନୁରୂପ ଭାବେ ଲୁଟ୍ ହୋଇଛି । ମନ୍ଦିରକୁ ପ୍ରବେଶ କରିବା ବେଳକୁ ସୁନା ହାର ନଥିବା ଦେଖି ଅନେକ ଖୋଜା ଖୋଜି କରିଥିଲେ । କିନ୍ତୁ ନପାଇ ଥାନାରେ ଅଭିଯୋଗ କରିଛନ୍ତି । ସୁନା ହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ।

# ଗଞ୍ଜାମ ଜିଲ୍ଲାରେ ବାଟବଣା ଡିଜିଟାଲ୍ ସାକ୍ଷରତା:ନଷ୍ଟ ହେଉଛି ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଛାତ୍ରଛାତ୍ରୀମାନଙ୍କୁ ଅତ୍ୟାବଶ୍ୟକ ଡ଼ିଜିଟାଲ୍ ସାକ୍ଷରତା ବା ଡ଼ିଜିଟାଲ୍ ଶିକ୍ଷା ପ୍ରଦାନ ନିମନ୍ତେ ଗଞ୍ଜାମ ଜିଲ୍ଲାରେ ସମସ୍ତ ଉଚ୍ଚ ବିଦ୍ୟାଳୟ ଗୁଡ଼ିକରେ କିଛି ବର୍ଷ ପୂର୍ବେ ଆଇସିଟି ଲାବ୍‌ର ବ୍ୟବସ୍ଥା କରାଯାଇଥିଲା । ବିଦ୍ୟାଳୟରେ ଏକ ଉତ୍ସର୍ଗୀକୃତ ସ୍ଥାନ ଏବଂ ମାନବ ସମ୍ବଳ ଯୋଗାଇବା ସହ ଛାତ୍ରଛାତ୍ରୀଙ୍କୁ ପ୍ରଯୁକ୍ତିବିଦ୍ୟା ଏବଂ ବ୍ୟକ୍ତିଗତ ଶିକ୍ଷା ଯୋଗାଇବା ଏହି ଲାବର ଉଦ୍ଦେଶ୍ୟ ରହିଥିଲା । କିନ୍ତୁ ଆଇସିଟି ଲାବ ଗୁଡ଼ିକରେ କମ୍ପ୍ୟୁଟର ଶିକ୍ଷକ ଅଭାବରୁ ଅଲୋଡ଼ା ହୋଇପଡ଼ିଛି । ଲାବ ଅଚଳ କାରଣରୁ ଏଥି ମଧ୍ୟରେ ରହିଥିବା ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ପଡ଼ିପଡ଼ି ନଷ୍ଟ ହେବାରେ ଲାଗିଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅବହେଳା କାରଣରୁ ଏହି ଲାବ୍ ଛାତ୍ରଛାତ୍ରୀଙ୍କ ପାଇଁ ଅଲୋଡ଼ା ହେବା ସହ ନିର୍ମାଣର ଉଦ୍ଦେଶ୍ୟ ପୂରଣ



ହୋଇପାରିନଥିବା ଅଭିଭାବକ ମହଲରେ ଅଭିଯୋଗ ହୋଇଛି । ଗଞ୍ଜାମ ଜିଲ୍ଲାରେ ଦୀର୍ଘବର୍ଷ ପୂର୍ବେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଥିବା ଉଚ୍ଚ ବିଦ୍ୟାଳୟ ଗୁଡ଼ିକୁ ଆଇସିଟି ଲାବ୍‌ରେ ପ୍ରତିଷ୍ଠା କରିବା ସହ ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୧୦ ରୁ ଅଧିକ କମ୍ପ୍ୟୁଟର ସାମଗ୍ରୀ ପ୍ରଦାନ କରାଯାଇଥିଲା । ଏହା ସହ ପ୍ରିଂଟର, ପ୍ରୋଜେକ୍ଟର ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଉପକରଣ ଅନ୍ତର୍ଭୁକ୍ତ ରହିଥିବା ବେଳେ ପ୍ରାୟତଃ ଆବଶ୍ୟକୀୟ ଯନ୍ତ୍ରାଂଶ ଯୋଗାଇ ଦିଆଯାଇଥିଲା । ଫଳରେ ଛାତ୍ରଛାତ୍ରୀ ସଫ୍ଟୱେର ସାହାଯ୍ୟରେ କୋଡ଼ିଂ, ଡ଼ିଜାଇନ୍, ଡ଼ାଟା ଆନାଲିସିସ୍, ଇଣ୍ଟରନେଟ୍ ସଂଯୋଗୀକରଣ, ଅନ୍‌ଲାଇନ୍ ଶିକ୍ଷା, ଅନୁସନ୍ଧାନ ଏବଂ ବିଭିନ୍ନ ପ୍ରକାରର ଶିକ୍ଷା ଲାଭ କରୁଥିଲେ । ଫଳରେ ଆଇସିଟି ଲ୍ୟାବରେ ଛାତ୍ରଛାତ୍ରୀମାନଙ୍କୁ ଡ଼ିଜିଟାଲ୍ ସାକ୍ଷରତା, ପ୍ରଯୁକ୍ତିବିଦ୍ୟା ଚାଳିତ ବିଭିନ୍ନ କାର୍ଯ୍ୟ ଏବଂ କର୍ମଶକ୍ତିରେ ସଫଳ ହେବା ପାଇଁ ଆବଶ୍ୟକୀୟ ଦକ୍ଷତା ପ୍ରଦାନ କରାଯାଉଥିଲା । ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ଅତ୍ୟାବଶ୍ୟକୀୟ ଡ଼ିଜିଟାଲ୍ ସାକ୍ଷରତା ଏବଂ ସମାଲୋଚନାମୂଳକ ଚିନ୍ତାଧାରାର ଦକ୍ଷତା ବିକାଶ କରିବାରେ ଏହି ଲାବ ସାହାଯ୍ୟ କରିଥିଲା । ପ୍ରୟୋଗଶାଳାରେ ବ୍ୟକ୍ତିଗତ ଡ଼ିଭାଇସ୍ ବିନା ଛାତ୍ରଛାତ୍ରୀମାନଙ୍କୁ ଅନ୍‌ଲାଇନ୍ ଆସାଇନ୍‌ମେଣ୍ଟ ସମାପ୍ତ କରିବା, ଗବେଷଣା କରିବା ଏବଂ ବିଭିନ୍ନ ସଫ୍ଟୱେର ଆପ୍ଲିକେସନ୍ ଦେଖିବାର ସୁଯୋଗ ପାଇଥିଲେ । ଏଭଳି ମଲ୍ଟିମିଡ଼ିଆ ବିଷୟବସ୍ତୁ ଏବଂ ଅନ୍‌ଲାଇନ୍ ଶିକ୍ଷା ପାଉଥିଲେ । ଏକ ଘରୋଇ ସଂସ୍ଥା ପକ୍ଷରୁ ଏହି ଲ୍ୟାବକୁ ପରିଚାଳନା କରାଯାଉଥିବା ବେଳେ ସଂସ୍ଥା ପକ୍ଷରୁ କମ୍ପ୍ୟୁଟର ଶିକ୍ଷକ ମଧ୍ୟ ଯୋଗାଇ ଦିଆଯାଇଥିଲା । କିନ୍ତୁ କୌଣସି କାରଣରୁ କିଛି ବର୍ଷ ଏହି ଲ୍ୟାବ୍ କମ୍ପ୍ୟୁଟର ଶିକ୍ଷକ ନଥିବା ସହ ଲ୍ୟାବ୍ ଗୁଡ଼ିକ ଛାତ୍ରଛାତ୍ରୀଙ୍କ ଡିଜିଟାଲ୍ ସାକ୍ଷରତା କାର୍ଯ୍ୟରେ ବ୍ୟବହାର ହୋଇପାରୁନାହିଁ । ଶିକ୍ଷା ବିଭାଗ ସମେତ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେବା ସହ ଏହି ଲ୍ୟାବ୍ କାର୍ଯ୍ୟକ୍ଷମ କରିବାକୁ ଅଭିଭାବକ ମହଲରେ ଦାବି ହୋଇଛି ।

# ଝାରଖଣ୍ଡକୁ ଗୋ-ଚାଲାଣ ବେଳେ ୯ ଗୋରୁ ଉଦ୍ଧାର:ଚାଳକ ଓ ହେଲ୍ପର ଗିରଫ, ପିକ୍‌ଅପ୍ ଜବତ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାରେ ଦିନକୁ ଦିନ ବେଆଇନ୍ ଗୋଚାଲାଣର ମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଯାହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରକ୍ରିୟା ଜାରି ଥିବାବେଳେ ମୟୁରଭଞ୍ଜ ପୋଲିସ ଦ୍ୱାରା ସୀମାନ୍ତରୁ ପୁଣି ବେଆଇନ୍ ଗୋ ଚାଲାଣକାରୀଙ୍କୁ ରୋକିବାରେ ସଫଳ ହୋଇଛି । ଝାରଖଣ୍ଡକୁ ବେଆଇନ୍ ଭାବେ ଗୋ-ଚାଲାଣ ବେଳେ ୯ଟି ଗୋରୁ ତିରିଂ ଥାନା ପୋଲିସ ଦ୍ୱାରା ଉଦ୍ଧାର କରାଯାଇଛି । ଏହାସହିତ ପିକ୍‌ଅପ୍ ଚାଳକ ଓ ହେଲ୍ପରଙ୍କୁ ଗିରଫ କରି ତଦନ୍ତ ପ୍ରକ୍ରିୟା ଜାରି ରହିଛି । ଗିରଫ ଦ୍ୱୟ ହେଲେ ଝାରଖଣ୍ଡ ରାଜ୍ୟର ସରେଇକଲା ଖରସୁଆଁ ଜିଲ୍ଲାର ରାଜନଗର ଥାନା ଅନ୍ତର୍ଗତ ସିଜୁଲତା ଗ୍ରାମର ବିଷ୍ଣୁ ମହାକୁଡ଼ (୩୭) ଓ ବଚନ ମହାକୁଡ଼ (୩୦) । ଝାରଖଣ୍ଡ ସୀମାନ୍ତବର୍ତ୍ତୀ ତିରିଂ ଥାନା ଅଞ୍ଚଳରେ ନାକା ପାଟ୍ରୋଲିଂ ଜାରି ଥିବା ଝାରଖଣ୍ଡକୁ ଗୋଚାଲାଣ ହେଉଥିବା ନେଇ ପୋଲିସ ବିଶ୍ୱସ୍ତସୂତ୍ରରୁ ଖବର ମିଳିଥିଲା । ଏହାକୁ ନେଇ ତିରିଂ ଥାନା ପୋଲିସ ଦ୍ୱାରା ବେଆଇନ୍ ଗୋଚାଲାଣ ରୋକିବାକୁ ନାକା କରି ଗାଡିକୁ ଅଟକାଇ ଯାଞ୍ଚ କରିଥିଲେ । ୯ଗୋଟି ଗୋରୁଙ୍କୁ ଅମାନବୀୟ ଭାବେ ନେଉଥିବା ବେଳେ ଏନେଇ କୌଣସି କାଗଜପତ୍ର ମଧ୍ୟ ଦେଖାଇପାରିନଥିଲେ । ପୋଲିସ ଗୋରୁ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲା । ତେବେ ବେଆଇନ୍ ଭାବେ ଗୋରୁ ଗୁଡ଼ିକ ରାଜ୍ୟ ବାହାରେ ବିକ୍ରି କରିବା ପାଇଁ ଯୋଜନା ରହିଥିଲା । ପୋଲିସ ଗୋରୁଙ୍କୁ ଉଦ୍ଧାର କରି ଗୋଶାଳାରେ ଛାଡିଛନ୍ତି । ଏଥିସହିତ ପିକ୍‌ଅପ୍ ଭ୍ୟାନ୍ ଜବତ କରି ତିରିଂ ଥାନାରେ ଏକ ମାମଲା ରୁଜୁ କରିଛି । ପୋଲିସ ଦ୍ୱାରା ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଅଧିକ ତଦନ୍ତ ଜାରି ରହିଛି ।

# ଶିଶୁଙ୍କ ବହୁମୁଖୀ ପ୍ରତିଭାର ବିକାଶରେ 'ସୁରଭି' ସଫଳ ମାର୍ଗ ଦର୍ଶକ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଦେଶ ଜାତିର ମୁଖ୍ୟ ସୂତ୍ରଧର ହେଉଛନ୍ତି ଆଜିର ଶିଶୁମାନେ । ସେମାନେ ହିଁ ଭବିଷ୍ୟତର ବାର୍ତ୍ତା ବହ । କୋମଳମତି ଶିଶୁଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ଭଳି ସୁମହତ ଲକ୍ଷ୍ୟ ଆଭିମୁଖ୍ୟ ରଖି ଖଲ୍ଲିକୋଟ ବ୍ଲକ୍ ତରଫରୁ ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ବ୍ଲକ୍ ଅନ୍ତର୍ଗତ ଖଲ୍ଲିକୋଟ ସ୍ଥିତ ଶ୍ରୀ ମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ସର୍ବପ୍ରଥମେ ବରିଷ୍ଠ ଶିକ୍ଷକ ତଥା ପ୍ରାକ୍ତନ ସିଆର୍‌ସିସି ଦୁର୍ଯ୍ୟୋଧନ ପଲାଇ ପ୍ରାକ୍ ସୂଚନା ପ୍ରଦାନ କରିବା ପରେ ପରେ ନିମନ୍ତ୍ରିତ ଅତିଥିମାନେ ମଞ୍ଚାସୀନ ହୋଇଥିଲେ । ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲା ବେଳେ ଶିକ୍ଷକ ବିଜୟ କୁମାର ତ୍ରିପାଠୀ ଦୀପ ମନ୍ତ୍ର ଉଚ୍ଚାରଣ କରିଥିଲେ । ଆୟୋଜିତ



ଉତ୍ସବରେ ଖଲ୍ଲିକୋଟ ତହସିଲଦାର ଡି. ମାଲେଶ୍ୱର ପାତ୍ର ମୁଖ୍ୟ ଅତିଥି, ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ ଖାଡଙ୍ଗା ସ୍ୱତନ୍ତ୍ର ଅତିଥି, ବିଆର୍‌ସିସି ସୁଶ୍ରୀ ସୁଷମା ଶବର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଶିଶୁମାନଙ୍କୁ ପ୍ରୋତ୍ସାହିତ କରିବା ସହିତ ପ୍ରତିଭାର ବିକାଶରେ ସୁରଭି ଏକ ମାଇଲ୍ ଖୁଣ୍ଟ ସାଜିବା, ଆଞ୍ଚଳିକ ସ୍ତରରୁ ବ୍ଲକ, ଜିଲ୍ଲା, ରାଜ୍ୟସ୍ତର ପର୍ଯ୍ୟନ୍ତ ଶିଶୁଙ୍କୁ ବହୁବିଧ ପ୍ରତିଯୋଗିତା ଯଥା ତର୍କ, ବକ୍ତୃତା, ସଂଗୀତ, ଚିତ୍ରାଙ୍କନ, କୁଇଜ୍, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିରେ ସୁବିଧା ସୁଯୋଗ ଯୋଗାଇ ମୁଖ୍ୟ ସ୍ରୋତରେ ସାମିଲ୍ କରିବାକୁ ଆହ୍ୱାନ୍ ଦେଇଥିଲେ । ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ରନାରାୟଣ ସାହୁ ଉତ୍ସବରେ ସଭାପତିତ୍ୱ କରି ଶିଶୁମାନଙ୍କୁ ପ୍ରେରଣା ପ୍ରଦାନ ସହିତ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । ଓସେପାର ଉପ ନିର୍ଦ୍ଦେଶିକା ଗୌରରାଣୀ ନାୟକ ସମବେତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ । ବ୍ଲକର ଷୋହଳ ଗୋଟି କ୍ଲଷ୍ଟର ଅଧୀନସ୍ଥ ବିଦ୍ୟାଳୟର ପ୍ରତିଯୋଗିତାରେ କୃତକାର୍ଯ୍ୟ ଛାତ୍ରଛାତ୍ରୀମାନେ ଅନୁଷ୍ଠିତ ଉତ୍ସବରେ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ମାନପତ୍ର ସହିତ ସମ୍ମାନିତ କରିଥିଲେ । ଆୟୋଜିତ ଉତ୍ସବରେ ୧୬ ଗୋଟି କ୍ଲଷ୍ଟରର ସିଆର୍‌ସିସି, ବହୁ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ, ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ଚଳିତ ବର୍ଷର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ 'ସୁରଭି' ସମାହିତ ହୋଇଛି ।



# ସ୍କାଉଟ୍ ଗାଇଡ଼୍‌ର ପ୍ରତିଷ୍ଠା ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ନଭେମ୍ବର ମାସ ୭ ତାରିଖ ଭାରତ ସ୍କାଉଟସ୍ ଓ ଗାଇଡ଼ସ୍‌ର "ପ୍ରତିଷ୍ଠା ଦିବସ" ପ୍ରତିବର୍ଷ ପାଳିତ ହୋଇଆସୁଛି । ବିଶେଷ କରି ଚଳିତ ବର୍ଷ ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ସାରା ଭାରତରେ ଆନନ୍ଦ ଉଲ୍ଲାସରେ ଏହି ପ୍ରତିଷ୍ଠା ଦିବସଟିକୁ ପାଳିତ ହେବା ସହ ଏହି ଦିବସଟିକୁ ସ୍ମରଣୀୟ କରିବା ପାଇଁ ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡଃ. କାଳି ପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ସବୁ ଜିଲ୍ଲାରେ ପ୍ରାୟ ଏକଲକ୍ଷରୁ ଊର୍ଦ୍ଧ୍ୱ କବ୍, ବୁଲ୍‌ବୁଲ୍, ସ୍କାଉଟ୍ ଗାଇଡ୍, ରୋଭର ଏବଂ ରେଞ୍ଜରମାନେ ରାଜ ରାସ୍ତାରେ ସଚେତନତା ରାଲି କରିବା ସହିତ ସ୍କାଉଟ୍ ଏବଂ ଗାଇଡ୍‌ର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ୱତନ୍ତ୍ର ଭାବେ ତିଆରି ହୋଇଥିବା ଲୋଗୋଟିକୁ ସମସ୍ତଙ୍କୁ ପ୍ରଦାନ କରିଛନ୍ତି । ଏହି ଅବସରରେ ସ୍କାଉଟ୍ ଗାଇଡ୍‌ମାନେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମହୋଦୟଙ୍କୁ ପ୍ରତୀକ ପତାକା ପ୍ରଦାନ କରି ଆଶିର୍ବାଦ ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ମହୋଦୟ ସ୍କାଉଟ୍ ଗାଇଡ୍‌ମାନଙ୍କୁ ଶୃଙ୍ଖଳିତ ଜୀବନ ଲାଗି ସ୍କାଉଟିଂ ଉତ୍ତମ ମାଧ୍ୟମ ବୋଲି କହି ଉତ୍ସାହିତ କରିଥିଲେ ।



# ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

**କଟକ, ନ୍ୟୁଜ୍ ବ୍ୟୁରୋ**

ଐତିହାସିକ ବାଲିଯାତ୍ରାରେ ଆୟୋଜନ ହୋଇଥିବା ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଶାସନ ସଚିବ ତଥା କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୁଧବାର ଦିନ ଏହାର ଉଦ୍ଘାଟନ କରିଛନ୍ତି । ଏହି ପ୍ରଦର୍ଶନୀରେ ମୋଟ୍ ୧୦୨ଟି ଷ୍ଟଲ୍ ଖୋଲିଥିବା ବେଳେ ରାଜ୍ୟ ସରକାରଙ୍କ ମାନ୍ୟତାପ୍ରାପ୍ତ ଅଧିକାଂଶ ହସ୍ତଶିଳ୍ପ ଉପକରଣ ଉପଲବ୍ଧ ରହିଛି । ଏହା ନଭେମ୍ବର ୧୨ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତା, ହସ୍ତଶିଳ୍ପ ଉପନିର୍ଦ୍ଦେଶକ ମାନଗୋବିନ୍ଦ ଜେନା, ଉପନିର୍ଦ୍ଦେଶକ ସୌମ୍ୟା ସୁରଭିତା ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ଶପଥପାଠ କାର୍ଯ୍ୟକ୍ରମରେ ମୋବାଇଲ୍ ଚୋରି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏକ କାର୍ଯ୍ୟକ୍ରମର ଶପଥପାଠ କରାଉଥିଲେ । ଏଥିରେ ଜିଲ୍ଲାସ୍ତରୀୟ ଅଧିକାରୀ, ହାଇସ୍କୁଲର ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ରେକର୍ଡକିପର ପ୍ରମୋଦିନୀ ମହାପାତ୍ର ତାଙ୍କର ମୋବାଇଲ୍ ଟେବୁଲ୍ ଉପରେ ରଖି ଶପଥ ନେଉଥିଲେ । ଭୁଲ୍‌ବଶତଃ ସେ ମୋବାଇଲ୍ ଛାଡି ନିଜ କାର୍ଯ୍ୟାଳୟକୁ ପଳାଇ ଆସିଥିଲେ । ପରେ ସେ ମୋବାଇଲ୍ ଆଣିବାକୁ ଗଲାବେଳେ ମୋବାଇଲଟି ଚୋରି ହୋଇଥିବା ଜାଣିବାକୁ ପାଇଲେ । ସେ ତାଙ୍କ ମୋବାଇଲ୍ ନମ୍ବରରେ ଯେତେଥର ରିଙ୍ଗ୍ କଲେ ମଧ୍ୟ ତାହା ସୁଇଚ୍ ବନ୍ଦ ଥିବା ଜଣାପଡିଥିଲା । ଏ ସମ୍ପର୍କରେ ସେ ଟାଉନ୍ ଥାନାରେ ଏତଲା ଦେଇଥିବା ଜଣାପଡିଛି ।

# କେନ୍ଦ୍ରାପଡ଼ାରେ ଶ୍ରୀଅନ୍ନ ଅଭିଯାନ ରଥର ଶୁଭାରମ୍ଭ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ କୃଷି କାର୍ଯ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ମହାକାଳପଡ଼ା ବିଧାୟକଙ୍କ ପ୍ରତିନିଧି ଜୀବନାନନ୍ଦ ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼ଃ ଅରବିନ୍ଦ ଦାସ, ଶ୍ରୀଧର ପ୍ରସାଦ ପ୍ରଧାନ, ମାର୍ଶାଘାଇ କୃଷି ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଶ୍ରୀ ଅନ୍ନ ଅଭିଯାନ ରଥର ଶୁଭାରମ୍ଭ କରିଥିଲେ । ଏହି ରଥଟି କେନ୍ଦ୍ରାପଡ଼ା ଓ ଡେରାବିଶ ବ୍ଲକ ପରିକ୍ରମା କରିବ । ପରେ ଅତିଥିମାନେ ଶ୍ରୀ ଅନ୍ନ ଅଭିଯାନ ଏବଂ ମାଣ୍ଡିଆ ଦିବସ ଅବସରରେ ଆୟୋଜିତ ପ୍ରଦର୍ଶନୀର ଶୁଭାରମ୍ଭ କରିଥିଲେ । ବୈଠକରେ ଅତିଥିମାନେ କୃଷି ଐତିହ ଓ ଜୈବବିବିଧତା ସଂରକ୍ଷଣରେ ମହିଳାଙ୍କ ଭୂମିକା ସମ୍ପର୍କରେ ମତ ରଖିବା ସହ ଘରୋଇ ସ୍ତରରେ ଶ୍ରୀ ଅନ୍ନ (ପୁଷ୍ଟିଶସ୍ୟ) ଶସ୍ୟ ଭିତ୍ତିକ ବ୍ୟବହାରକୁ ପ୍ରୋତ୍ସାହିତ କରିବା, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପୁଷ୍ଟି ଶସ୍ୟ ଭିତ୍ତିକ ଖାଦ୍ୟ ସଂସ୍କୃତିକୁ ପୁନଃରୁଦ୍ଧାର କରିବା ଏବଂ ଓଡ଼ିଶାକୁ ଦେଶର ମିଲେଟ୍ ହବ୍‌ରେ ପରିଣତ କରିବା ଦିଗରେ ବିସ୍ତୃତ ଆଲୋଚନା କରିଥିଲେ । ସାଧାରଣ ବଣ୍ଟନ ବ୍ୟବସ୍ଥା, ସମନ୍ୱିତ ଶିଶୁ ବିକାଶ ଯୋଜନା, ମଧ୍ୟାହ୍ନ ଭୋଜନ, ଆବାସିକ କେନ୍ଦ୍ର ଆଦି ଗୁଡିକରେ ଶ୍ରୀ ଅନ୍ନର ଅନ୍ତର୍ଭୁକ୍ତିକରଣ କରିବା ଶ୍ରୀ ଅନ୍ନ ଯୋଜନାର ମୁଖ୍ୟ ଲକ୍ଷ୍ୟ । ସୂଚନା ଯୋଗ୍ୟ ଯେ, ଓଡ଼ିଶାର ୩୦ଟି ଜିଲ୍ଲାର ୧୭୭ ଗୋଟି ବ୍ଲକରେ ଶ୍ରୀ ଅନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର କେନ୍ଦ୍ରାପଡ଼ା ଏବଂ ଡେରାବିଶ ବ୍ଲକରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି । ମାଣ୍ଡିଆ, ବାଜରା ଆଦି ପୁଷ୍ଟିଶସ୍ୟ ମଣିଷ ଦେହକୁ ବହୁତ ମାତ୍ରାରେ ପୃଷ୍ଟି ଯୋଗାଇଥାଏ ଯାହାକି ମଣିଷକୁ ହୃଷ୍ଟପୁଷ୍ଟ କରିଥାଏ । ଶେଷରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମହିଳା, କୃଷକ, ସଫଳ ଚାଷୀ, ସାଧାରଣଜନତା, ଛାତ୍ରଛାତ୍ରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା ଏବଂ କୃଷି ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।



# ଅସହାୟ ମାନଙ୍କୁ କମ୍ବଳ ବଣ୍ଟନ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ସାହିତ୍ୟାନୁଷ୍ଠାନ ଡାଳିଯୋଡ଼ା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅସହାୟ ମାନଙ୍କୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂସଦ ସଭାପତି କେ.ସି. ପ୍ରତାପସିଂହ, କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ଖୁଣ୍ଟିଆ, ଶୈଳେନ୍ଦ୍ର ମୁଖୀ, ମନୋଜ କୁମାର ସ୍ୱାଇଁ, ସହଦେବ ବରାଳ, ଗୌତମ ଆଚାର୍ଯ୍ୟ ପ୍ରମୁଖ ଆଗ୍ରାହାଟ ପଞ୍ଚାୟତ ଅଧିନ ଭରାଣ୍ଡି ଗ୍ରାମକୁ ଯାଇ ଗ୍ରାମର ଗରିବ ଆଦିବାସୀ ମହିଳା, ପୁରୁଷ, ବୃଦ୍ଧା ଓ ବୃଦ୍ଧ ମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ । ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଚୌଦ୍ୱାର ସ୍ଥିତ ଚାଟେଶ୍ୱର, କପାଳେଶ୍ୱର, ଉତ୍ତରେଶ୍ୱର ଓ ମଣିନାଗେଶ୍ୱର ଆଦି ମନ୍ଦିରରେ ଭିକ୍ଷାବୃତ୍ତି କରୁଥିବା ଅସହାୟ ମାନଙ୍କୁ ସଂସଦ ତରଫରୁ କମ୍ବଳ ବଣ୍ଟନ କରାଯାଇଥିଲା । ସଂସଦ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ମାଛ ନଷ୍ଟ କରିବାକୁ ନେଇ ଥାନାରେ ଅଭିଯୋଗ:ପିଟା ମରା କରି ଖୋଲିଦେଲେ ଗାଡ଼ି ଡାଲା

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଜୁବଲୀ ପେଟ୍ରୋଲ ପମ୍ପ ଛକରେ ପିକ୍‌ଅପ୍ ଗାଡିରୁ ମାଛ ନଷ୍ଟ କରିବାକୁ ନେଇ ଭଞ୍ଜପୁର ଥାନାରେ ଅଭିଯୋଗ ହୋଇଛି । ଏନେଇ ଝାରଖଣ୍ଡର ଏମ୍‌ଡି ନୟନ ବକ୍ସି ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ଛାଡ଼ଖାଇ ପାଇଁ ସେ ଏକ ପିକ୍‌ଅପ୍‌ରେ ୧୮୮୦ କିଲୋଗ୍ରାମ୍ ମାଛ ନେଇ ଯାଉଥିଲେ । ଯାହାର ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଅଟେ । ବାରିପଦା ସ୍ଥିତ ମୁର୍ଗାବାଡ଼ି ନିକଟରୁ ୧୫/୨୦ ଜଣ ବାଇକ୍ ଓ ବୋଲେରୋ ଗାଡିରେ ତାଙ୍କର ପିଛା କଲେ । ତାଙ୍କୁ ଅଟକାଇ ପିଟା ମରା କଲେ । ଏହାପରେ ପିକ୍‌ଅପ୍ ଡ଼ାଲା ଖୋଲି ଦେବାରୁ ସବୁ ମାଛ ରାସ୍ତାରେ ପଡିଯାଇଥିଲା । ଉକ୍ତ ଲୋକମାନେ ସେଠାରୁ ଖସି ଯାଇଥିଲେ । ସେମାନେ ଲୁଟ୍ କରିବା ଉଦ୍ୟମରେ ପିଛା କରୁଥିବାର ସନ୍ଦେହ କରୁଛନ୍ତି । ତେବେ ଏହିପରି କାର୍ଯ୍ୟ ଯୋଗୁ ତାଙ୍କର ଅନେକ ଟଙ୍କାର କ୍ଷତି ହୋଇଛି । ଏନେଇ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି ।

# ରମ୍ଭାରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ ଦାବି

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ରମ୍ଭା ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ ୨୦୨୧ ମସିହାରେ ବିଜେପି ଜିଲ୍ଲା ସମ୍ପାଦକ ତଥା ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ପ୍ରକାରେ ୧୪.୯.୨୦୨୧ ଚିଠି ନମ୍ବର ୩୯୯/୨୦୨୧ ଓ ୨୮.୧୨.୨୦୨୧ ଚିଠି ନମ୍ବର ୧୧୦୭୨ ଓଡ଼ିଶା କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଦିଲ୍ଲୀ ଅଫିସ ନମ୍ବର ୩୬୨ ପ୍ରକାରେ ରାଜ୍ୟ ପ୍ରଶାସନ ପାଖକୁ ଆସିଥିଲା । ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପୁଣି ୨୦.୨.୨୦୨୫ ଚିଠି ନମ୍ବର ୨୯୯ ପ୍ରକାରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମ୍ଭାବ୍ୟ ଚିଠି ଲେଖିଛନ୍ତି ଏବଂ ଗଞ୍ଜାମ ଜିଲ୍ଲାପାଳ ଏହାର ସମ୍ଭାବ୍ୟ ରିପୋର୍ଟ ଦେଇନଥିବାରୁ ବିଳମ୍ବ ହୋଇଛି । ତେଣୁ ଭୀମସେନ ବେହେରା ସମେତ ବିଜେପି ନେତୃତ୍ୱମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ସମ୍ଭାବ୍ୟ ରିପୋର୍ଟଟି କେନ୍ଦ୍ରୀୟ ସଂଗଠନ ବିଦ୍ୟାଳୟକୁ ଉତ୍ତର ରଖିଲେ ତାହା ସହଜରେ ନୂଆ ବିଦ୍ୟାଳୟ ଖୋଲିବାରେ ସୁଗମ ହୁଅନ୍ତା ବୋଲି ଜିଲ୍ଲାପାଳଙ୍କୁ କହିଥିଲେ । ଏହି ସମୟରେ ବିଜେପି ଗଞ୍ଜାମ ଅନୁସୂଚିତ ଜାତି ସଭାପତି କୀର୍ତ୍ତନ ଦାସ, ସୁରେନ୍ଦ୍ର ନାହାକ, ପ୍ରଶ୍ନ କୁମାର ନାୟକ ଓ ଅନ୍ୟାନ୍ୟ ନେତୃତ୍ୱ ମଣ୍ଡଳୀ ଉପସ୍ଥିତ ଥିଲେ ।

# ଅବନୀ ବରାଳ ଫାଉଣ୍ଡେସନ୍ ପକ୍ଷରୁ 'ଶ୍ରଦ୍ଧା ଦିବସ' ପାଳିତ:ମଞ୍ଚସ୍ଥ ହେଲା ନାଟକ 'ମଞ୍ଚକନ୍ୟାର କାହାଣୀ'

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ଶିକ୍ଷା ଆନ୍ଦୋଳନକୁ ଆଗୁସାର କରାଇବା ସହିତ ସାହିତ୍ୟ, ସମାଜସେବା ଓ ମୂଲ୍ୟବୋଧ ରାଜନୀତି କ୍ଷେତ୍ରରେ ଅବନୀ ବରାଳଙ୍କ ଉଲ୍ଲେଖନୀୟ ଭୂମିକା ସ୍ମରଣୀୟ ରହିବ । ଅବନୀ ବରାଳ ଫାଉଣ୍ଡେସନ୍ ଆନୁକୂଲ୍ୟରେ ସ୍ୱର୍ଗତ ବରାଳ ଓ ତାଙ୍କ ପତ୍ନୀ ସ୍ୱର୍ଗତା ଆଦରମଣି ବରାଳଙ୍କ ସ୍ମୃତିରେ ଅନୁଷ୍ଠିତ 'ଶ୍ରଦ୍ଧା ଦିବସ' କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ସେ ଦୁହିଁଙ୍କ ଉଦ୍ଦେଶ୍ୟରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସ୍ଥାନୀୟ ଭଞ୍ଜ କଳା ମଣ୍ଡପରେ ଆୟୋଜିତ ସଭାରେ ପ୍ରସିଦ୍ଧ କବି ଅମରେଶ ପଟ୍ଟନାୟକ ଅଧକ୍ଷତା କରିଥିବାବେଳେ ବିଶିଷ୍ଟ ପ୍ରାବନ୍ଧିକା ତଥା ନାଟ୍ୟକାର ପ୍ରଫେସର ସଂଘମିତ୍ରା ମିଶ୍ର ଓ ପ୍ରାକ୍ତନ ପ୍ରଶାସକ ଓ ଲେଖକ ନିରଞ୍ଜନ ସାହୁ ଅବନୀ ବାବୁଙ୍କ କୃତି ଏବଂ କୀର୍ତ୍ତୀର ଆଲୋଚନା କରିଥିଲେ । ସଭାରେ ସାହିତ୍ୟିକ ଅଧାପକ କ୍ଷୀରୋଦ ଚନ୍ଦ୍ର ବେହେରାଙ୍କୁ ଅବନୀ ବରାଳ ସାହିତ୍ୟ ସମ୍ମାନ ଓ ପ୍ରବୀଣା ଅଭିନେତ୍ରୀ ସରସ୍ୱତୀ ଦେବୀଙ୍କୁ ଆଦରମଣି ମଞ୍ଚକଳା ସମ୍ମାନ ପ୍ରଦାନ କରାଯାଇଥିଲା । ଆରମ୍ଭରେ ଦିବଂଗତ ବ୍ୟକ୍ତିଦ୍ୱୟଙ୍କ ଫଟୋଚିତ୍ରରେ ଅତିଥିମାନେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଡ଼. ଅମୀୟ କୁମାର ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ । ଅବନୀ ବରାଳଙ୍କ ସୁପୁତ୍ର ଅଧାପକ ଆଭାସ ଓ ସୁପୁତ୍ରୀ ଆରତୀ ଆୟୋଜନ ପରିଚାଳନା କରିଥିଲେ । ସଭା ଶେଷରେ ଅବନୀ ବରାଳଙ୍କ ଲିଖିତ ଉପନ୍ୟାସ 'ମଞ୍ଚକନ୍ୟାର କାହାଣୀ' ଅବଲମ୍ବନରେ ତାଙ୍କ ସୁପୁତ୍ରୀ ଆହୁତି ବରାଳଙ୍କ ଦ୍ୱାରା ରୂପାନ୍ତରିତ ନାଟକ ବିଶିଷ୍ଟ ନିର୍ଦ୍ଦେଶକ ଦେବାନନ୍ଦ ସୋନିଙ୍କ ନେତୃତ୍ୱରେ ପ୍ରଦର୍ଶିତ ହୋଇ ଦର୍ଶକମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା ।






# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ପ୍ରଥମ ଅନ୍ତର୍ଜାତୀୟ ଅଷ୍ଟିଓପ୍ୟାଥି କନ୍‌ଭେନ୍‌ସନ୍ ଉଦ୍‌ଘାଟିତ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ଦିନ ଥିଲା ଅଷ୍ଟିଓପ୍ୟାଥି ବା ଅସ୍ଥି ଚିକିତ୍ସା ବିଜ୍ଞାନ କ'ଣ, ଲୋକେ ଜାଣିନଥିଲେ । ଏପରିକି ଡାକ୍ତରମାନେ ମଧ୍ୟ ଏହା କ'ଣ ଅଷ୍ଟିଓପୋରୋସିସ୍ କିମ୍ବା ଅର୍ଥୋପେଡିକ୍ ବୋଲି ଦ୍ୱନ୍ଦ୍ୱରେ ରହୁଥିଲେ । ତା'ଛଡ଼ା ଏ ସମ୍ବନ୍ଧୀୟ ପାଠ ପଢ଼ିଲେ ଚାକିରି ମିଳିବା ନେଇ ଛାତ୍ରଛାତ୍ରୀଙ୍କ ସାଙ୍ଗକୁ ଅଭିଭାବକମାନେ ମଧ୍ୟ ଥିଲେ ସନ୍ଦିହାନ । ମାତ୍ର ସମୟ ବଦଳିଛି । ଏବେ ଅଷ୍ଟିଓପ୍ୟାଥି ସମଗ୍ର ବିଶ୍ୱରେ ନିଜର ଲୋକପ୍ରିୟତା ବୃଦ୍ଧି କରିପାରିଛି । ମାନବ ସମାଜର ସାମଗ୍ରିକ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ଏହାର ଅବଦାନ ଅତୁଳନୀୟ । ଚଳିତ ବର୍ଷ ପ୍ରଥମ ଥର ପାଇଁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ତିନିଦିନିଆ ଅନ୍ତର୍ଜାତୀୟ ଅଷ୍ଟିଓପ୍ୟାଥି କନ୍‌ଭେନ୍‌ସନ୍ (ଆଇଓସି)ର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଏକଥା କହିଛନ୍ତି ମାନବବାଦୀ ଆଧ୍ୟାତ୍ମିକ ଗୁରୁ ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଆଜୀବନ ସଭାପତି ଶ୍ରୀ ଶ୍ରୀ ରବିଶଙ୍କର । ଏହି କନ୍‌ଭେନ୍‌ସନ୍ ବିଶ୍ୱର ପ୍ରାୟ ସମସ୍ତ କୋଣ ଅନୁକୋଣରୁ ଅଷ୍ଟିଓପ୍ୟାଥି ଏବଂ ସ୍ୱାସ୍ଥ୍ୟରକ୍ଷାରେ ନିୟୋଜିତ ପ୍ରମୁଖ ବ୍ୟକ୍ତିବିଶେଷଙ୍କୁ ଏକାଠି କରିବା ସହ ଅଷ୍ଟିଓପ୍ୟାଥି ଶିକ୍ଷା ଓ ଅନୁସନ୍ଧାନ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । କନ୍‌ଭେନ୍‌ସନ୍‌ରେ ଗୁରୁଦେବଙ୍କ ଭଉଣୀ ଭାନୁ ନରସିଂହନଙ୍କ ସମେତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରୁ ଅଷ୍ଟିଓପ୍ୟାଥିରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ୧୨୦ ଜଣ ପୂର୍ବତନ ଛାତ୍ରଛାତ୍ରୀ ମଧ୍ୟ ଯୋଗ ଦେଇଥିଲେ । ଏହି କନ୍‌ଭେନ୍‌ସନ୍‌ରେ ଇଂଲଣ୍ଡ, ଫ୍ରାନ୍ସ, ସ୍ୱିଜରଲ୍ୟାଣ୍ଡ, କାନାଡ଼ା, ଇଟାଲୀ, ସ୍ପେନ୍ ଏବଂ ଲିଥୁଆନିଆରୁ ବହୁ ସ୍ୱନାମଧନ୍ୟ ଅତିଥି ବକ୍ତା ଯୋଗ ଦେଇଛନ୍ତି । ସେମାନେ ଏହି ତିନିଦିନିଆ ସମ୍ମିଳନୀରେ ଅଷ୍ଟିଓପ୍ୟାଥିର ବିଭିନ୍ନ ଦିଗକୁ ନେଇ ବ୍ୟାପକ ଚର୍ଚ୍ଚା, ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି । ଅତିଥିମାନଙ୍କୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳାଧକ୍ଷା ପ୍ରୋ. ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର (ଡ.) ତେଜପ୍ରତାପ ଓ ଆୟୋଜକ କମିଟି ଅଧକ୍ଷ ତଥା ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଭାଗର ଡିନ୍ ପ୍ରଫେସର (ଡ.) ତୀର୍ଥଙ୍କର ଘୋଷ ପ୍ରମୁଖ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଓ କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର (ଡ.) ଅନିଲ କୁମାର ଶର୍ମା ମଧ୍ୟ ଉପସ୍ଥିତ ଥିଲେ । ବିଦେଶରୁ ଆସିଥିବା ବିଶେଷଜ୍ଞ ଅତିଥି ବକ୍ତାମାନଙ୍କ ମଧ୍ୟରୁ ପ୍ରଫେସର ରେଞ୍ଜୋ ମୋଲିନାରୀ (ଇଂଲଣ୍ଡ) ମହିଳାଙ୍କ ସ୍ୱାସ୍ଥ୍ୟ ସଂରଚନା ଏବଂ କାର୍ଯ୍ୟ ସମ୍ପର୍କରେ, ତେଜିନ୍ଦର ଦେଓରା (ଇଂଲଣ୍ଡ) ପ୍ରତିରକ୍ଷା ତନ୍ତ୍ରକୁ ନେଇ ଅଷ୍ଟିଓପ୍ୟାଥିର ଆଭିମୁଖ୍ୟ ସମ୍ପର୍କରେ, କ୍ରିଷ୍ଟିନ୍ ଡିଫ୍ରାନ୍ସ (ଫ୍ରାନ୍ସ) ଶରୀର ପରିବର୍ତ୍ତନ ଅବସ୍ଥା ସମ୍ପର୍କରେ, ଲରେନ୍ସ ଫୋର୍ଡଗ୍ନିୟର (ୟୁକେ-ଫ୍ରାନ୍ସ) ବିରଳ ପଦ୍ଧତିକୁ ନେଇ ଅଷ୍ଟିଓପ୍ୟାଥିର ଆଭିମୁଖ୍ୟ ସମ୍ପର୍କରେ, ଏମ୍ରିନ୍ ଫୁର୍ (ଇଂଲଣ୍ଡ) ମୁଖଗହ୍ୱର ସ୍ୱାସ୍ଥ୍ୟ ସମ୍ପର୍କରେ ଏବଂ ସିବିଲେ ଗ୍ରାଫ୍ (ସ୍ୱିଜରଲ୍ୟାଣ୍ଡ) ପିଲାଙ୍କ ମଧ୍ୟରେ ଏନ୍ୟୁରିସିସ ଓ ମୂତ୍ରାଶୟ ସମସ୍ୟା ସମ୍ପର୍କରେ କହିବେ । ସେହିପରି ହ୍ୟୁଗାଟ୍ ଲାମ୍ବାର୍ଟେ (କାନାଡ଼ା) ଥାଇରଏଡର କାରଣ ସମ୍ପର୍କରେ, ଆଲେସାନ୍ଦ୍ରା ଅବେନାବୋଲି (ଇଟାଲୀ) ଅଷ୍ଟିଓପ୍ୟାଥି ଏଜ୍ ଏବଂ ପରସେପଚୁଆଲ ପ୍ରାକ୍ଟିସ୍ ଉପରେ ତଥା ଡ. ଓଲଗା ଏଷ୍ଟାଡେଲା (ସ୍ପେନ୍) ଅର୍ଗାନ୍ ମୋବିଲିଟି ଏବଂ ଲିଭର-ଗଟ୍ ସମ୍ପର୍କକୁ ନେଇ କହିବେ । ଏଥିସହ ପେଡ୍ରୋ ଲାସନ (ୟୁରୋପ) ଶ୍ୱାସରୋଗରେ ପରିସଞ୍ଚରଣ ରଣନୀତି ସମ୍ପର୍କରେ, ହ୍ୟୁଗୋ ଚିଏରା (ୟୁରୋପ) ସାମଗ୍ରିକ ଭାବରେ ସ୍ୱାସ୍ଥ୍ୟ ପରିଚର୍ଯ୍ୟା ଓ ଏହାର ଉତ୍ପତ୍ତି ସମ୍ପର୍କରେ ଏବଂ ଡ. କେଷ୍ଟୁଟିସ୍ ଅଡାମୋନିସ (ୟୁକେ) ଅଷ୍ଟିଓପ୍ୟାଥି ଇଣ୍ଟ୍ୟୁଜନ୍ ମାଧ୍ୟମରେ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି ।

31 YEARS
ସମ୍ବାଦ କଳିଙ୍ଗ
ଖେଳ
ଭୁବନେଶ୍ୱର, ୯ ନଭେମ୍ବର, ରବିବାର, ୨୦୨୫



# ରିଚା ଘୋଷ୍‌ଙ୍କୁ ମିଳିଲା ବଙ୍ଗ ଭୂଷଣ ସମ୍ମାନ

**କୋଲ୍‌କାତା**

ବିଶ୍ୱକପ୍ ବିଜୟୀ ଭାରତୀୟ ମହିଳା ଦଳର ଉଇକେଟ୍‌କିପର ବ୍ୟାଟର ରିଚା ଘୋଷ୍‌ଙ୍କୁ ଶନିବାର ଇଡେନ୍ ଗାର୍ଡେନ୍ସଠାରେ ଆୟୋଜିତ ଏକ ସମାରୋହରେ ସମ୍ବର୍ଦ୍ଧିତ କରାଯାଇଛି। ତାଙ୍କୁ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ରାଜ୍ୟର ସବୁଠୁ ବଡ଼ ସମ୍ମାନ ବଙ୍ଗ ଭୂଷଣ ପୁରସ୍କାର ଦିଆଯିବା ସହ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୋଲିସ (ଡିଏସ୍‌ପି) ଭାବେ ନିଯୁକ୍ତ କରାଯାଇଛି। ଏଥିସହ ତାଙ୍କୁ ଏକ ସୁନାହାର ମଧ୍ୟ ଦିଆଯାଇଛି। ଏହି ସମାରୋହର ଆୟୋଜନ କରିଥିବା କ୍ରିକେଟ୍ ଆସୋସିଏସନ ଅଫ୍ ବେଙ୍ଗଲ(ସିଏବି) ପକ୍ଷରୁ ରିଚାଙ୍କୁ ୩୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଆଯାଇଛି। ରିଚା ପଶ୍ଚିମବଙ୍ଗର ପ୍ରଥମ ଖେଳାଳି ଭାବେ ବିଶ୍ୱକପ୍ ଜିତିଛନ୍ତି। ତାଙ୍କ ପୂର୍ବରୁ ସୌରଭ ଗାଙ୍ଗୁଲି ୨୦୦୩ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲେ।



## ବର୍ଷା ପାଇଁ ବାତିଲ ହେଲା ଭାରତ-ଅଷ୍ଟ୍ରେଲିଆ ପଞ୍ଚମ ଟି୨୦

# ୨-୧ରେ ସିରିଜ୍ ଜିତିଲା ଭାରତ

**ବ୍ରିସବେନ୍**

ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପଞ୍ଚମ ଟି-୨୦ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଯାଇଛି। କେବଳ ୪.୫ ଓଭର ଖେଳାଯାଇ ଥିଲା, ଯେଉଁଥିରେ ଟିମ୍ ଇଣ୍ଡିଆ ୫୨ ରନ୍ କରିଥିଲା। ଏହା ପରେ ମ୍ୟାଚ୍ ପୁଣିଥରେ ଆରମ୍ଭ ହୋଇପାରି ନଥିଲା। ଏହା ସହିତ ଭାରତୀୟ ଦଳ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୨-୧ରେ ଜିତିଛି। ମୁଖ୍ୟ ପ୍ରଶିକ୍ଷକ ଭାବରେ ଗୌତମ ଗମ୍ଭୀର ଟି-୨୦ ସିରିଜ୍‌ରେ ତାଙ୍କର ଅପରାଜିତ ଧାରା ଜାରି ରଖିଛନ୍ତି।

ବ୍ରିସବେନର ଐତିହାସିକ ଗାବା ଗ୍ରାଉଣ୍ଡରେ ଖେଳାଯାଇଥିବା ପଞ୍ଚମ ଟି-୨୦ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଶୁଭମନ ଗିଲ୍ ଏବଂ ଅଭିଷେକ ଶର୍ମା ଭାରତୀୟ ଇନିଂସ୍ ଓପନ୍ କରିବାକୁ ଆସିଥିଲେ, ଉଭୟେ ଆରମ୍ଭରୁ ବ୍ୟାଟ୍ ସ୍ୱିଙ୍ଗ୍ କରିବା ଆରମ୍ଭ କରିଥିଲେ। ଟିମ୍ ଇଣ୍ଡିଆ ପ୍ରଥମ ଦୁଇ ଓଭରରେ ୧୯ ରନ୍ କରିଥିଲା, କିନ୍ତୁ ଚାରି ଓଭର ମଧ୍ୟରେ ସ୍କୋର ୪୭ ରନ୍‌ରେ ପହଞ୍ଚିଥିଲା।



ପଞ୍ଚମ ଓଭରର ପଞ୍ଚମ ବଲ୍ ଖେଳିବା ପରେ, ପ୍ରବଳ ବର୍ଷା ଯୋଗୁଁ ଖେଳ ବନ୍ଦ ହୋଇଯାଇଥିଲା। ପ୍ରାୟ ୨ ଘଣ୍ଟା ୧୫ ମିନିଟ୍ ମଧ୍ୟରେ ମ୍ୟାଚ୍ ପୁଣି ଆରମ୍ଭ ନହୋଇପାରିବାରୁ ମ୍ୟାଚ୍ ବାତିଲ ପାଇଁ ଘୋଷଣା କରାଯାଇ ଥିଲା। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚ୍ ମଧ୍ୟ ବର୍ଷା ଯୋଗୁଁ ବାତିଲ ହୋଇଥିଲା।

ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିବା ବେଳେ ଅଷ୍ଟ୍ରେଲିଆ ଦଳ ମେଲବୋର୍ଣ୍ଣରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ ମ୍ୟାଚ୍ ୪ ୱିକେଟରେ ଜିତିଥିଲା। ତଥାପି ଟିମ୍ ଇଣ୍ଡିଆ ତୃତୀୟ ମ୍ୟାଚ୍‌ରେ ୫ ୱିକେଟରେ ବିଜୟୀ ହୋଇଥିଲା। ଏହି ବିଜୟ ଅର୍ଶଦୀପ ସିଂହ ଏବଂ ବରୁଣ ଚକ୍ରବର୍ତ୍ତୀଙ୍କ ଘାତକ ବୋଲିଂ ଯୋଗୁ ସମ୍ଭବ ହୋଇଥିଲା। ତା'ପରେ ଭାରତ ଚତୁର୍ଥ ମ୍ୟାଚ୍ ମଧ୍ୟ ଜିତି ସିରିଜ୍‌ରେ ୨-୧ରେ ଆଗୁଆ ଥିଲା। ତେଣୁ ବ୍ରିସବେନ୍ ଟି-୨୦ ମ୍ୟାଚ୍ ବାତିଲ ହେଲେ ମଧ୍ୟ ଭାରତ ସପକ୍ଷରେ ପୂରା ସିରିଜ୍ ରହିଥିଲା।

## ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା

# ତନୁଜା ମହାନ୍ତଙ୍କୁ ରୌପ୍ୟ ପଦକ, ରାଜଲକ୍ଷ୍ମୀ ନାଏକ ଓ ରାନୀ ମାରାଣ୍ଡିଙ୍କୁ ମିଳିଲା ବ୍ରୋଞ୍ଜ ପଦକ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଚଳିତ ନଭେମ୍ବର ମାସ ୬ ରୁ ୮ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଜିଲ୍ଲା ସ୍ଥିତ ଡା. କେତନ ସାହୁ ସନ୍ତରଣାଗାର ଠାରେ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ, ଜେନେରାଲ ମ୍ୟାନେଜର ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, ଦୁର୍ଗାପୁରର ପିଇଟି ହେମନ୍ତ କୁମାର ଜେନା, ବାଳକ ଟିମ୍ ମ୍ୟାନେଜର ଭାବେ ରାଜାବସା ଉଚ୍ଚ ବିଦ୍ୟାଳୟର ପିଇଟି ପରୀକ୍ଷିତ ହେମ୍ବ୍ରମ ଓ ବାଳିକା ଟିମ୍ ମ୍ୟାନେଜର ଭାବେ ମା'ଦୁର୍ଗା ବାଳିକା ଉଚ୍ଚ ବିଦ୍ୟାଳୟ, ଲାଲଗଞ୍ଜର ପିଇଟି ଜ୍ୟୋତିର୍ମୟୀ ଦାସ ମହାପାତ୍ରଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲାରୁ ସନ୍ତରଣ ପ୍ରତିଯୋଗୀମାନେ ଯୋଗ ଦେଇଥିଲେ। ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ମହାରାଣୀ ତଖତ କୁମାରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାରିପଦାର ଛାତ୍ରୀ ତନୁଜା ମହାନ୍ତ ଫ୍ରି ଷ୍ଟାଇଲ ଷ୍ଟ୍ରୋକ୍ ୫୦ ମିଟରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ, ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିଯୋଡ଼ାର ଛାତ୍ରୀ ରାଜଲକ୍ଷ୍ମୀ ନାଏକ ବେକ ଷ୍ଟ୍ରୋକ୍ ୧୦୦ ମିଟରରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ଓ ବାଲିଯୋଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ରାନୀ ମାରାଣ୍ଡି ବାଟାରଫ୍ଲାଏ ୫୦ ମିଟରରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରି ଓଡ଼ିଶା ରାଜ୍ୟରେ ମୟୂରଭଞ୍ଜ ଜିଲ୍ଲାକୁ ଗୌରାବାନ୍ୱିତ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ବାରିପଦା ଓ ବିଜୁ ପଟ୍ଟନାୟକ ସନ୍ତରଣାଗାର, ତକତପୁରସ୍ଥିତର ସମସ୍ତ ସନ୍ତରଣ ପ୍ରଶିକ୍ଷକ ପ୍ରଶିକ୍ଷିକା, କର୍ମଚାରୀମାନେ କ୍ରୀଡ଼ାବିତ୍‌ମାନଙ୍କୁ ଶୁଭେଚ୍ଛା ଜଣେଇଛନ୍ତି।

# କ୍ରମାଗତ ଦ୍ୱିତୀୟ ଅପରାଜିତ ଶତକ ମାରିଲେ ଧ୍ରୁବ ଜୁରେଲ

**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ଉଦୀୟମାନ ୱିକେଟକିପର-ବ୍ୟାଟ୍ସମ୍ୟାନ ଧ୍ରୁବ ଜୁରେଲ ଉତ୍କୃଷ୍ଟ ଫର୍ମରେ ଅଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟେଷ୍ଟ ସିରିଜ୍ ପୂର୍ବରୁ ଭାରତ ଏ ପାଇଁ ଖେଳୁଥିବା ସେ ଦ୍ୱିତୀୟ ଅଣଆନୁଷ୍ଠାନିକ ମ୍ୟାଚ୍‌ରେ ତାଙ୍କର ଦ୍ୱିତୀୟ ଶତକ ହାସଲ କରିଥିଲେ। ପ୍ରଥମ ଇନିଂସରେ ସେ ଅପରାଜିତ ଶତକ ମଧ୍ୟ ହାସଲ କରିଥିଲେ।

ଭାରତ ଏ ଏବଂ ଦକ୍ଷିଣ ଆଫ୍ରିକା ଏ ମଧ୍ୟରେ ଦ୍ୱିତୀୟ ଅଣଆନୁଷ୍ଠାନିକ ଟେଷ୍ଟ ମ୍ୟାଚ୍ ବେଙ୍ଗାଲୁରୁରେ ଖେଳାଯାଉଛି। ତୃତୀୟ ଦିନରେ ଦ୍ୱିତୀୟ ଇନିଂସରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଟପ୍ ଅର୍ଡର ପୁଣି ଥରେ ବିଫଳ ହେବା ପରେ, ମଧ୍ୟକ୍ରମ



ଦାୟିତ୍ୱ ନେଇଥିଲା। କୁଲଦୀପ ଯାଦବଙ୍କ ସହିତ ଧ୍ରୁବ ଜୁରେଲ ଇନିଂସର ନେତୃତ୍ୱ ନେଇଥିଲେ। ତା'ପରେ, ଅଧିନାୟକ ରିଷଭ ପନ୍ତଙ୍କ ସହିତ, ସେ ଦଳକୁ ସମ୍ଭାଳି ଥିଲେ।

ରିଷଭ ପନ୍ତ ରିଟାୟର୍ଡ ହର୍ଟ ହେବା ପରେ, ସେ ଏବଂ ହର୍ଷ ଦୁବେ ୨୫୦ ବଲରେ ୧୮୪ ରନର ପାର୍ଟନରସିପ୍ କରିଥିଲେ। ହର୍ଷ ଦୁବେ ଏକ ଶତକରୁ ବଞ୍ଚିତ ହୋଇଥିଲେ, ଏକ ଚମତ୍କାର ୮୨ ରନ କରିଥିଲେ। ତଥାପି, ଧ୍ରୁବ ଜୁରେଲ ଏକ ଏଣ୍ଡକୁ ଧରି ଅର୍ଦ୍ଧଶତକ ଏବଂ ପରେ ଏକ ଶତକ ହାସଲ କରିଥିଲେ। ପୂର୍ବରୁ ଧ୍ରୁବ ଜୁରେଲ ମଧ୍ୟ ପ୍ରଥମ ଇନିଂସରେ ଏକ ଶତକ ହାସଲ କରିଥିଲେ।

ହର୍ଷ ଦୁବେଙ୍କ ଆଉଟ ପରେ ରିଷଭ ପନ୍ତ ବ୍ୟାଟିଂ କରିବାକୁ ଫେରି ଆସିଲେ। ସେ ତାଙ୍କର ଅର୍ଦ୍ଧଶତକ ପୂରଣ କଲେ ଏବଂ ଧ୍ରୁବ ଜୁରେଲଙ୍କ ସହିତ ୮୨ ରନର ଭାଗୀଦାରି କଲେ। ଜୁରେଲ ୧୨୭ ରନ କରି ଅପରାଜିତ ରହିଥିଲେ। ସେ ପ୍ରଥମ ଇନିଂସରେ ମଧ୍ୟ ୧୩୨ ରନ କରି ଅପରାଜିତ ରହିଥିଲେ। ଜୁରେଲ ଯେଉଁ ହାରରେ ଖେଳୁଛନ୍ତି, ସେ ଭାରତୀୟ ଦଳରେ ରିଷଭ ପନ୍ତଙ୍କ ସ୍ଥାନ ନେଇପାରିବେ ବୋଲି ଆଲୋଚନା ହେଲାଣି।

# ଏସିଆ କପ ଟ୍ରଫିକୁ ନେଇ ବଡ଼ ପଦକ୍ଷେପ ନେଲା ବିସିସିଆଇ

**ନୂଆଦିଲ୍ଲୀ**

ଏସିଆ କପ ଟ୍ରଫି ବିବାଦର ସମାଧାନ ପାଇଁ ବିସିସିଆଇ ଏକ ବଡ଼ ପଦକ୍ଷେପ ନେଇଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ନଭେମ୍ବର ୭ ତାରିଖରେ ଦୁବାଇରେ ଅନୁଷ୍ଠିତ ଆଇସିସି ବୈଠକରେ ଏସିଆ କପ୍ ଟ୍ରଫି ପ୍ରସଙ୍ଗ ଉଠାଯାଇଥିଲା। ଭାରତୀୟ ଦଳ ଯେପରି ଶୀଘ୍ର ଟ୍ରଫି ଗ୍ରହଣ କରିପାରିବ ସେଥିପାଇଁ ଏହି ମାମଲାର ସମାଧାନ ପାଇଁ ଏକ କମିଟି ଗଠନ କରାଯାଇଛି।

ରିପୋର୍ଟ ଅନୁଯାୟୀ, ବିସିସିଆଇ ଆଇସିସି ବୈଠକରେ ଏସିଆ କପ୍ ଟ୍ରଫି ପ୍ରସଙ୍ଗ ଉଠାଇଥିଲା। ସମସ୍ତ ଆଇସିସି ବୋର୍ଡ ସଦସ୍ୟ କହିଛନ୍ତି ଯେ ଭାରତ ଏବଂ ପାକିସ୍ତାନ ଉଭୟ କ୍ରିକେଟ ଜଗତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏହି ପ୍ରସଙ୍ଗର ସମାଧାନ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ହେବା ଉଚିତ। ଏସିଆ କପ ବିବାଦ ସମ୍ପର୍କରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା, ଯାହା ଅଧୀନରେ ଏହି ସମସ୍ୟାର ସମାଧାନ ପାଇଁ ଏକ କମିଟି ଗଠନ କରାଯିବ। ଯେହେତୁ ଏସିଆ କପ ଟ୍ରଫି ବୈଠକର ପ୍ରାଥମିକ ଉଦ୍ଦେଶ୍ୟ ନଥିଲା, ତେଣୁ ଏହି ବିଷୟ ଉପରେ ବ୍ୟାପକ ଆଲୋଚନା ହୋଇନଥିଲା।

ଭାରତୀୟ ଦଳ ୨୮ ସେପ୍ଟେମ୍ବରରେ ଫାଇନାଲରେ ପାକିସ୍ତାନକୁ ୫ ଉଇକେଟ୍‌ରେ ପରାସ୍ତ କରି ଏସିଆ କପ ଟାଇଟଲ ଜିତିଥିଲା। କିନ୍ତୁ, ଫାଇନାଲ ମ୍ୟାଚ ପରେ, ଟିମ୍ ଇଣ୍ଡିଆ ମୋହସିନ ନକ୍‌ଭିଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ମନା କରିଦେଇଥିଲା। ଟିମ୍ ଇଣ୍ଡିଆକୁ ଟ୍ରଫି ହସ୍ତାନ୍ତର କରିବା ପରିବର୍ତ୍ତେ, ନକଭି ଏହାକୁ ନିଜ ସହିତ ନେଇଯାଇଥିଲେ। ସେବେଠାରୁ ଏସିଆ କପ ଟ୍ରଫି ଦୁବାଇର ଏସିସି କାର୍ଯ୍ୟାଳୟରେ ବନ୍ଦ ରହିଛି।

ଏହି ଆଇସିସି ବୈଠକରେ, ୨୦୨୯ରେ ଅନୁଷ୍ଠିତ ହେବାକୁ ଥିବା ମହିଳା ଓଡିଆଇ ବିଶ୍ୱକପ ଫର୍ମାଟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ୨୦୨୫ ବିଶ୍ୱକପରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ, କିନ୍ତୁ ଚାରି ବର୍ଷ ପରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱକପରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିବେ। ଉଲ୍ଲେଖନୀୟ ଯେ ଭାରତ ୨୦୨୫ ବିଶ୍ୱକପ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୫୨ ରନରେ ପରାସ୍ତ କରି ପ୍ରଥମ ଥର ପାଇଁ ଓଡିଆଇ ବିଶ୍ୱକପ ଟ୍ରଫି ଜିତିଥିଲା।

# ଦେଶବ୍ୟାପୀ ଭାରତୀୟ ହକିର ଶତବାର୍ଷିକୀ ଉତ୍ସବ : କଳିଙ୍ଗ ଷ୍ଟାଡିୟମ୍‌ରେ ଦୀପ, ସୁନିତା, ଲିଲିମା ସମ୍ବର୍ଦ୍ଧିତ

**ଭୁବନେଶ୍ୱର**

ଭାରତୀୟ ହକିକୁ ଶୁକ୍ରବାର ୧୦୦ ପୂରିଛି। ଶତବାର୍ଷିକୀ ଉତ୍ସବ ପାଳନ ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମ୍‌ଠାରେ ଆରମ୍ଭ ହୋଇଥିଲା। ଏହି ଐତିହାସିକ ମୁହୂର୍ତ୍ତରେ ହକି ଇଣ୍ଡିଆ, ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଓ କ୍ରୀଡ଼ା ମନ୍ତ୍ରଣାଳୟର ଅଧିକାରୀମାନେ ଏକାଠି ହୋଇଥିଲେ। ୧୯୨୫ ମସିହାରୁ ଆରମ୍ଭ ହୋଇଥିବା ଭାରତୀୟ ହକିର ଗୌରବକୁ ସଂଗୀତ ମାଧ୍ୟମରେ ଏହି ଉତ୍ସବରେ ପ୍ରଦର୍ଶନ କରାଯାଇଥିଲା। ଏଥିସହ କ୍ରୀଡ଼ାମନ୍ତ୍ରୀଙ୍କ ଏକାଦଶ ଓ ହକି ଇଣ୍ଡିଆ ଏକାଦଶ ମଧ୍ୟରେ ଏକ



୩୦ ମିନିଟିଆ ପ୍ରଦର୍ଶନ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭ୍ୟଙ୍କ ନେତୃତ୍ୱାଧୀନ କ୍ରୀଡ଼ାମନ୍ତ୍ରୀ ଏକାଦଶ ୩-୧ ଗୋଲ୍‌ରେ ଦିଲୀପ ତିର୍କି ନେତୃତ୍ୱାଧୀନ ହକି ଇଣ୍ଡିଆ ଏକାଦଶକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ପ୍ରଥମ ଥର ଲାଗି ଉଭୟ ପୁରୁଷ ଓ ମହିଳା ଖେଳାଳି ଏକାଠି ଖେଳିଥିଲେ। ଏହି ଅବସରରେ ହକି ଇଣ୍ଡିଆ କିଂବଦନ୍ତୀ ଗୁରବକ୍ସ ସିଂହ, ହରବିନ୍ଦର ସିଂହ, ଅଜିତ ପାଲ ସିଂହ, ଅଶୋକ କୁମାର, ବିପି ଗୋବିନ୍ଦ, ଅସ୍‌ଲାମ୍ ଶେର ଖାନ୍, ଜାଫର ଇକ୍‌ବାଲ, ବ୍ରିଗେଡିୟର ହରଚରଣ ସିଂହ, ବିନୀତ କୁମାର, ରୋମିଓ ଜେମ୍ସ, ଅସୁନ୍ତା ଲାକ୍ରା ଓ ସୁଭଦ୍ରା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲା। ଏହି ଅବସରରେ '୧୦୦ ଇୟର୍ସ ଅଫ୍ ଇଣ୍ଡିଆନ୍ ହକି ଅନ୍ ଦ ଜର୍ନି ଥ୍ରୁ ଦ ଏଜେସ୍' ଶୀର୍ଷକ ପୁସ୍ତକ ଉନ୍ମୋଚିତ ହୋଇଥିଲା।

ଭାରତୀୟ ହକିର ଶତବାର୍ଷିକୀ ପୂର୍ତ୍ତି ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ମଧ୍ୟ ପାଳିତ ହୋଇଛି। ଅଲିମ୍ପିଆନ୍ ଦୀପ ଗ୍ରେସ୍ ଏକ୍କା, ସୁନିତା ଲାକ୍ରା ଓ ଲିଲିମା ମିଞ୍ଜଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ସଚିବ ବିଜୟ କୁମାର ସ୍ୱାଇଁ ଏହି ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପୁରୁଷ ଓ ମହିଳାରେ ପ୍ରଦର୍ଶନୀ ମ୍ୟାଚ୍ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଉଭୟ ପୁରୁଷ ଓ ମହିଳାରେ ଯଥାକ୍ରମେ ଭୁବନେଶ୍ୱର ଦୌଡ଼କୁଦ ସଂଘ ଓ ରାଉରକେଲା କ୍ରୀଡ଼ା ଛାତ୍ରାବାସ ସହ ମ୍ୟାଚ୍ ଖେଳିଥିଲା। ଅତିଥି ଭାବେ କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ଏବଂ ନିର୍ଦ୍ଦେଶକ ଯେଦୁଲା ବିଜୟ ପ୍ରମୁଖ ଉପସ୍ଥିତ ଥିଲେ।

# ୨୦୨୯ ମହିଳା ଦିନିକିଆ ବିଶ୍ୱକପ୍‌ରେ ଦଳ ସଂଖ୍ୟା ବୃଦ୍ଧି : ଭାଗ ନେବେ ୧୦ ଦଳ





**ଦୁବାଇ**

ମହିଳା କ୍ରିକେଟ୍‌ର ଲୋକପ୍ରିୟତାକୁ ନଜର ରଖି ଆଇସିସି ଆଗାମୀ ୨୦୨୯ ଦିନିକିଆ ବିଶ୍ୱକପ୍‌ରେ ଦଳ ସଂଖ୍ୟା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ପରବର୍ତ୍ତୀ ସଂସ୍କରଣରେ ୮ ପରିବର୍ତ୍ତେ ୧୦ ଦଳ ଭାଗ ନେବେ। ଏଥର ଆୟୋଜକ ଭାରତ ଓ ଶ୍ରୀଲଙ୍କା ସମେତ ପାକିସ୍ତାନ, ବାଂଲାଦେଶ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ବିଶ୍ୱକପ୍ ଖେଳିଥିଲେ। ଟୁର୍ଣ୍ଣାମେଣ୍ଟର ଲୋକପ୍ରିୟତା ଦେଖିବା ପରେ ଆଇସିସି ଦଳ ସଂଖ୍ୟା ବଢ଼ାଇ ପୁରୁଷ ବର୍ଗ ବିଶ୍ୱକପ ଭଳି ୧୦ଟି ଦଳକୁ ନେଇ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି। ଏଥର ବିଶକପ୍‌ରେ ୩,୦୦୦୦୦ରୁ ଊର୍ଦ୍ଧ୍ୱ ଦର୍ଶକ ଷ୍ଟାଡ଼ିୟମ୍‌ରେ ବସି ମ୍ୟାଚ୍ ଦେଖିଥିଲେ। ଟେଲିଭିଜନ ଏବଂ ଓଟିଟି ପ୍ଲାଟଫର୍ମରେ ଦର୍ଶକଙ୍କ ସଂଖ୍ୟା ରେକର୍ଡ ପାର କରିଥିଲା। କେବଳ ଭାରତରେ ୫୦କୋଟି ଦର୍ଶକ ଓଟିଟି ପ୍ଲାଟଫର୍ମରେ ବିଶ୍ୱକପ୍ ଦେଖିଥିଲେ। ଜିଓ ହଟଷ୍ଟାର ପକ୍ଷରୁ ଜାରି କରାଯାଇଥିବା ରିପୋର୍ଟ ଅନୁଯାୟୀ ୪୪୬ ମିଲିୟନ ଦର୍ଶକ ଡିଜିଟାଲ ପ୍ଲାଟଫର୍ମରେ ବିଶ୍ୱକପ୍ ଦେଖି ଥିଲେ। ୧୮କୋଟି ୫୦ଲକ୍ଷ ଦର୍ଶକ କେବଳ ହଟଷ୍ଟାରରେ ଫାଇନାଲ୍ ମ୍ୟାଚ୍ ଦେଖିଥିଲେ। ୯କୋଟି ୨୦ ଲକ୍ଷ ଦର୍ଶକ ଟେଲିଭିଜନରେ ବିଶ୍ୱକପ୍ ଉପଭୋଗ କରିଥିଲେ।

# 'ନକ୍ସା' ବିଶ୍ୱସ୍ତ ଭୂ-ଅଭିଲେଖ ଏବଂ ନାଗରିକ ସଶକ୍ତିକରଣ ପାଇଁ ଏକ ନୂତନ ପଦକ୍ଷେପ



**ଶ୍ରୀ ଶିବରାଜ ସିଂହ ଚୌହାନ**
କେନ୍ଦ୍ର ଗ୍ରାମୀଣ ବିକାଶ ଏବଂ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ

## 'ନକ୍ସା' ଆପଣଙ୍କ ଜମିର ଡିଜିଟାଲ ପରିଚୟର ପ୍ରତୀକ

ଯେତେବେଳେ ଭାରତ ଏକ ସମାବେଶୀ ଏବଂ ବିକଶିତ ଭବିଷ୍ୟତର କଳ୍ପନା କରୁଛି, ସେତେବେଳେ ଏହାର ସବୁଠାରୁ ମଜଭୁତ ଏବଂ ଶକ୍ତିଶାଳୀ ଆଧାର ହେଉଛି ଭୂମି। ତାହା ଘର, କୃଷିକ୍ଷେତ୍ର, ଦୋକାନ କିମ୍ବା ସ୍ମାର୍ଟ ସିଟିର ସ୍ୱପ୍ନ ହୋଇଥାଉ – ବିକାଶର ପ୍ରତ୍ୟେକ ସ୍ୱରୂପ ଭୂମି ଉପରେ ହିଁ ଅବସ୍ଥିତ ହୋଇଥାଏ। ବାସ୍ତବ ପକ୍ଷେ, ସତ୍ୟ ଏହା ଯେ, ବର୍ଷ ବର୍ଷ ଧରି ଆମର ଭୂ- ଅଭିଲେଖ ଅସମ୍ପୂର୍ଣ୍ଣ, ଭ୍ରମାତ୍ମକ ଏବଂ ଅଧିକତର ବିବାଦ ଘେରରେ ହିଁ ଜଡ଼ିତ ରହିଥାଏ। ପରିଣାମ ସ୍ୱରୂପ, ସାଧାରଣ ନାଗରିକମାନଙ୍କ ସମ୍ପତ୍ତି କ୍ରୟ କରିବା, ସମ୍ପତ୍ତିଗତ ପରମ୍ପରା ପ୍ରାପ୍ତ କରିବା, ଋଣ ପ୍ରାପ୍ତ କରିବା କିମ୍ବା ସରକାରୀ ଯୋଜନାମାନଙ୍କରୁ ଲାଭ ଉଠାଇବା ସକାଶେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ।

ଏହି ଦୀର୍ଘକାଳୀନ ସମସ୍ୟାଗୁଡ଼ିକର ସମାଧାନ ସକାଶେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗ ଦର୍ଶନରେ, ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ଅନ୍ତର୍ଗତ ଭୂମି ସଂସାଧନ ବିଭାଗ ପକ୍ଷରୁ 'ନକ୍ସା' (ରାଷ୍ଟ୍ରୀୟ ସହରାଞ୍ଚଳ ନିବାସ –ସ୍ଥଳ ଭୂ-ସ୍ଥାନିକ ଜ୍ଞାନ- ଆଧାରିତ ଭୂମି ସର୍ବେକ୍ଷଣ) କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହା ଭାରତରେ ଭୂମି ପ୍ରବନ୍ଧନ, ପ୍ରଶାସନ ଏବଂ ଭୂମି ରେକର୍ଡ ସଂରକ୍ଷଣ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାର ଏକ ଉପକ୍ରମ ଅଟେ। ଏହି କାର୍ଯ୍ୟକ୍ରମ ଏକ ପାରଦର୍ଶୀ, ଡିଜିଟାଲ ଏବଂ ସତ୍ୟାପିତ ଭୂ- ଅଭିଲେଖ ନିର୍ମାଣ କରିଥାଏ, ଯାହା କେବଳ ନାଗରିକମାନଙ୍କ ଜୀବନକୁ ସହଜସାଧ କରି ନଥାଏ, ପରନ୍ତୁ ଜନବସତି ଏବଂ ସହରମାନଙ୍କର ବିକାଶକୁ ମଧ୍ୟ ଗତି ପ୍ରଦାନ କରିବାରେ ସହାୟକ ହୋଇଥାଏ।

ଭାରତରେ ଭୂମି ପଞ୍ଜୀକରଣ ବ୍ୟବସ୍ଥା ଦୀର୍ଘ ସମୟ ଧରି ଏକ ଜଟିଳ ଏବଂ ନଥି ଆଧାରିତ ପ୍ରକ୍ରିୟା ଭାବରେ ରହିଆସିଛି। ବିକ୍ରିବଟା ଲେଖାଲେଖି, ଷ୍ଟାମ୍ପ ଶୁଳ୍କ, ପଞ୍ଜୀକରଣ ଶୁଳ୍କ, ଅମିନ ସତ୍ୟାପନ ଏବଂ ତହସିଲ ସ୍ତରରେ ଏଥି ନିମନ୍ତେ ପ୍ରସ୍ତୁତିମାନ – ଏହି ସମସ୍ତ କାର୍ଯ୍ୟ ନାଗରିକମାନଙ୍କ ନିମନ୍ତେ ସମ୍ପୂର୍ଣ୍ଣ ପ୍ରଣାଳୀକୁ ଅତ୍ୟନ୍ତ ଭାରଯୁକ୍ତ ବ୍ୟବସ୍ଥାରେ ପରିଣତ କରିଥିଲା। ପୁରୁଣା ରେଜିଷ୍ଟର ଏବଂ ଫାଇଲମାନଙ୍କରେ କେବଳ ନାନା ପ୍ରକାରର ତ୍ରୁଟି ନଥିଲା ବରଂ ଏଥିରେ ସହଜରେ ମଧ୍ୟ ଅଦଳବଦଳ କରାଯାଇ ପାରୁଥିଲା, ଯାହା ଅନେକ ବିବାଦର ମୂଳ କାରଣ ସାଜିଥିଲା। ଅସ୍ପଷ୍ଟ ସମ୍ପତ୍ତି ଅଭିଲେଖ କାରଣରୁ ବ୍ୟାଙ୍କମାନଙ୍କରୁ ଋଣ ପାଇବାର ସମ୍ଭାବନା ମଧ୍ୟ କମ୍ ହୋଇ ଯାଇଥିଲା। ଉତ୍ତରାଧିକାର କିମ୍ବା ଦଖଲ- ଖାରଜ ପ୍ରକ୍ରିୟା ଅଧିକତର ଭାବରେ ବର୍ଷ ବର୍ଷ ଧରି ଅଦାଲତରେ ମାଳି ମୋକଦ୍ଦମାର ରୂପ ଧାରଣ କରି ଅଟକି ରହିଥିଲା। ତ୍ରୁଟିପୂର୍ଣ୍ଣ ମାପ, ଅସ୍ପଷ୍ଟ ସୀମାରେଖା ଏବଂ ସ୍ଥାନୀୟ ରାଜନୈତିକ ହସ୍ତକ୍ଷେପ ଏହିସବୁ ସମସ୍ୟାମାନଙ୍କୁ ଅଧିକ ଗମ୍ଭୀର କରିଥିଲା। ଏହି କାରଣରୁ ଲକ୍ଷ ଲକ୍ଷ ଭାରତୀୟମାନଙ୍କ ନିମନ୍ତେ ସୁରକ୍ଷାର ସ୍ରୋତ ଭାବରେ ଜମିର ମହତ୍ତ୍ୱ କମି ଯାଇଥିଲା ଏବଂ ଏହା ଏକ ଗମ୍ଭୀର ସଂକଟର ପ୍ରମୁଖ କାରଣ ପାଲଟିଥିଲା।

**ନକ୍ସା – ଡିଜିଟାଲ୍ ସ୍ୱଚ୍ଛତା ଦିଗରେ ପଦକ୍ଷେପ :** ନକ୍ସା କାର୍ଯ୍ୟକ୍ରମ ସଠିକ ଏବଂ ଡିଜିଟାଲ ଭୂ- ରେକର୍ଡ ପ୍ରସ୍ତୁତ କରିବା ନିମନ୍ତେ ଡ୍ରୋନ୍ ସର୍ଭେକ୍ଷଣ, ଜିଏନଏସଏସ ମାନଚିତ୍ରଣ ଏବଂ ଜିଆଇଏସ ଉପକରଣ ଭଳି ଉନ୍ନତ ପ୍ରଯୁକ୍ତିକୁ ଲାଭ ଉଠାଇଥାଏ। ଏହି ଉପକ୍ରମ ଅଧୀନରେ, ନାଗରିକମାନଙ୍କୁ 'ଯୋରପ୍ରୋ' (ସହରାଞ୍ଚଳ ସମ୍ପତ୍ତି ସ୍ୱାମିତ୍ୱ ରେକର୍ଡ) କାର୍ଡ ମିଳିଥାଏ, ଯାହା ସ୍ୱାମିତ୍ୱର ଏକ ଡିଜିଟାଲ ପ୍ରମାଣ ଅଟେ ଏବଂ ସମ୍ପତ୍ତିର ନେଣ – ଦେଣକୁ ମଧ୍ୟ ସହଜସାଧ କରିଥାଏ। ସରକାର 'ଯୋରପ୍ରୋ' କାର୍ଯ୍ୟକ୍ରମକୁ ସମର୍ଥନ ପ୍ରଦାନ କରୁଛି। ନକ୍ସା ସହିତ ଲୋକମାନଙ୍କୁ ବର୍ତ୍ତମାନ ସ୍ୱାମୀତ୍ୱର ପୁଷ୍ଟି ନିମନ୍ତେ ନଥିପତ୍ର କିମ୍ବା ମଧ୍ୟସ୍ଥଙ୍କ ଉପରେ ନିର୍ଭର ରହିବାର ଆବଶ୍ୟକତା ନଥାଏ। ଏହା ଫଳରେ ଋଣ ପ୍ରାପ୍ତ କରିବା, ବିକ୍ରି ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବା, ଉତ୍ତରାଧିକାର ପ୍ରାପ୍ତ କରିବା ଏବଂ ବିବାଦମାନଙ୍କର ସମାଧାନ କରିବାର ପ୍ରକ୍ରିୟା ଦ୍ରୁତ ଏବଂ ଅଧିକ ପାରଦର୍ଶୀ ହୋଇପାରିଛି। ଅନ୍ତତଃ ପକ୍ଷେ, ନକ୍ସା କେବଳ ଏକ ପ୍ରଯୁକ୍ତିଗତ ସୁଧାର ନୁହେଁ – ଏହା ନାଗରିକ ସଶକ୍ତୀକରଣ, ସମାନତା ଏବଂ ଭୂ-ସ୍ୱାମିତ୍ୱରେ ଆଇନଗତ ଆଶ୍ୱାସନା ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଇପାରେ।

ନକ୍ସା କାର୍ଯ୍ୟକ୍ରମ ମୁଖ୍ୟ ରୂପେ ଏହିସବୁ ନାଗରିକମାନଙ୍କୁ ଲାଭାନ୍ୱିତ କରେ – ଯାହା ଦୀର୍ଘ ସମୟ ଧରି ଅସମ୍ପୂର୍ଣ୍ଣ କିମ୍ବା ଅପ୍ରଚଳିତ ଭୂ-ନଥିପତ୍ର ଉପରେ ନିର୍ଭର କରିଥାଏ। ନଗରପାଳିକାମାନେ ଏବଂ ସ୍ଥାନୀୟ ପରିଷଦମାନଙ୍କ ନିକଟରେ ବର୍ତ୍ତମାନ ସ୍ୱଚ୍ଛ, ସଠିକ ଭୂ-ସ୍ଥାନିକ ଡାଟା ପର୍ଯ୍ୟନ୍ତ ପହଞ୍ଚର ସୁବିଧା ରହିଛି, ଯାହାଦ୍ୱାରା ଉତ୍ତମ ନିଷ୍ପତ୍ତି ନେବା ଏବଂ ପାରଦର୍ଶିତା ସୁନିଶ୍ଚିତ ହୋଇପାରିଥାଏ। ନାଗରିକମାନେ ସହଜରେ ଅନଲାଇନ ମାଧ୍ୟମରେ ବାସ୍ତବ ନକ୍ସା ଦେଖିପାରିବେ ଏବଂ ଆପତ୍ତି ଅଭିଯୋଗ ସମ୍ପର୍କରେ ଆବେଦନ କରିପାରିବେ, ଯାହାଦ୍ୱାରା ଏହି ପ୍ରକ୍ରିୟାର ଭାଗିଦାରୀ ସୁନିଶ୍ଚିତ ହୋଇଥାଏ। ଏହି ଡିଜିଟାଲ ପ୍ରଣାଳୀ ବ୍ୟବସ୍ଥାକୁ ଅଧିକ ନିରପେକ୍ଷ ଏବଂ ପାରଦର୍ଶୀ କରିଥାଏ ଏବଂ ଏହା ସହିତ ସହରୀ ନୀତି ନିର୍ମାଣ ଏବଂ ଅବସଂରଚନା ଡିଜାଇନର ସଠିକତା ଏବଂ ଗତିକୁ ସୁଧାର କରିବାକୁ ସହଜସାଧ କରିଥାଏ। ସଂକ୍ଷେପରେ କହିଲେ, ଯାହା ଭୂ- ରେକର୍ଡ କେତେବେଳେ ଧୂଳି-ମଳି ଭରା ରେଜିଷ୍ଟରରେ କେବଳ ହସ୍ତଲିଖିତ କିଛି ଗାର ରୂପରେ ଦେଖିବାକୁ ମିଳିଥାଏ। ବର୍ତ୍ତମାନ ଏହା ରଙ୍ଗୀନ, ଇଣ୍ଟରଆକ୍ଟିଭ୍ ଏବଂ ପାରଦର୍ଶୀ ଡିଜିଟାଲ ମାନଚିତ୍ର ରୂପରେ ବିକଶିତ ହୋଇ ପାରିଛି। ଏହା ଆଧୁନିକ, ଡାଟା ସଞ୍ଚାଳିତ ଶାସନ ବ୍ୟବସ୍ଥା ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ହୋଇପାରିଛି।

ନକ୍ସା କାର୍ଯ୍ୟକ୍ରମର ପ୍ରଭାବ ବ୍ୟକ୍ତିଗତ ସ୍ୱାମୀତ୍ୱ ଏବଂ ପ୍ରଶାସନିକ ଦକ୍ଷତା ଠାରୁ କାହିଁ କେତେ ଦୂର ପର୍ଯ୍ୟନ୍ତ ପ୍ରସାରିତ ହୋଇଛି ଏବଂ ଏହା ଆପଦା ପ୍ରବନ୍ଧନ ଏବଂ ସହରାଞ୍ଚଳ ନୀତି ନିର୍ଦ୍ଧାରଣ ନିମନ୍ତେ ଏକ ମହତ୍ତ୍ୱପୂର୍ଣ୍ଣ ଉପକରଣ (ସାଧନ) ଭାବରେ ମୁଣ୍ଡ ଟେକିବାରେ ଲାଗିଛି। ଅବସ୍ଥିତିର ଉଚ୍ଚତାର ବିସ୍ତୃତ ଡାଟା ପ୍ରଦାନ କରି, ଏହା ଲୋକମାନଙ୍କୁ ବନ୍ୟା ପ୍ରଭାବିତ ଦୁର୍ଗତ କ୍ଷେତ୍ରମାନଙ୍କର ପରିଚୟ ପ୍ରଦାନ କରିବାକୁ ସକ୍ଷମ କରିଥାଏ। ଯଦ୍ୟପି ଘୂର୍ଣ୍ଣିଝଡ଼, ଭୂକମ୍ପ କିମ୍ବା ଆଗୁଆ ସ୍ଥିତିରେ, କୌଣସି ବିଳମ୍ବ ବିନା ଉଦ୍ଧାର ଏବଂ ଥଇଥାନ କାର୍ଯ୍ୟ ଆରମ୍ଭ କରିବାର ସୁବିଧା ପ୍ରଦାନ କରିଥାଏ। ସତ୍ୟ ଉପରେ ଆଧାରିତ ଡିଜିଟାଲ ସ୍ୱାମୀତ୍ୱ ରେକର୍ଡ ଏହା ମଧ୍ୟ ସୁନିଶ୍ଚିତ କରିଥାଏ ଯେ, କ୍ଷତିପୂରଣ ଏବଂ ସହାୟତା କିପରି ଉତ୍ତମ ରୂପେ ଲାଭାର୍ଥୀମାନଙ୍କୁ ଯଥା ଶୀଘ୍ର ପହଞ୍ଚି ପାରିବ। ଏହା ଫଳରେ ପରବର୍ତ୍ତୀ କାଳରେ ପୂର୍ବସ୍ଥିତି ବହାଲ କରିବା ପ୍ରକ୍ରିୟାକୁ ଅଧିକ କୁଶଳୀ ଓ ପାରଦର୍ଶୀ କରିଥାଏ। ଏହା ବ୍ୟତୀତ, ନକ୍ସାକୁ ସନ୍ତୁଳିତ କରିବା ଏବଂ ଶତତ ଅବସଂରଚନା ବିକାଶକୁ ଆଗକୁ ବଢ଼ାଇବା ନିମନ୍ତେ ପ୍ରୋତ୍ସାହନ ଯୋଗାଇ ଏହାକୁ ଦୀର୍ଘକାଳୀନ ସହରୀ ସୁଦୃଢ଼ତାକୁ ସମର୍ଥନ ଯୋଗାଇଥାଏ।

ପ୍ରବାସୀ ଭାରତୀୟ (ଏନଆରଆଇ) ଏବଂ ଦିବ୍ୟାଙ୍ଗଜନଙ୍କ ଭଳି ଦୁର୍ବଳ ବର୍ଗଙ୍କ ନିମନ୍ତେ, ନକ୍ସା ସୁରକ୍ଷା ଏବଂ ସୁଲଭତା ପ୍ରଦାନ କରିଥାଏ। ସେମାନଙ୍କୁ ଅନଲାଇନରେ ସମ୍ପତ୍ତି ରେକର୍ଡ ଦେଖିବା ଏବଂ ଯାଞ୍ଚ କରିବାର ଅନୁମତି ଦେଇ, ଠକେଇ ଏବଂ ଜବରଦଖଲର ବିପଦ ହ୍ରାସ କରେ, ଏବଂ ସରକାରୀ କାର୍ଯ୍ୟାଳୟକୁ ବାରମ୍ବାର ପରିଦର୍ଶନ ନକରି ସହଜ ପ୍ରବେଶ ସୁନିଶ୍ଚିତ କରେ। ସଂକ୍ଷେପରେ କହିଲେ, ନକ୍ସା ବ୍ୟବସ୍ଥା କେବଳ ଏକ ପ୍ରଯୁକ୍ତିଗତ ସୁଧାର ନୁହେଁ, ବରଂ ବିଶ୍ୱବ୍ୟାପୀ ସେହିସବୁ ନାଗରିକମାନଙ୍କ ନିମନ୍ତେ ବିଶ୍ୱାସ ଓ ସଶକ୍ତୀକରଣର ପ୍ରତୀକ ଅଟେ, ଯାହା ଭାରତର ଭୂମି ଏବଂ ଏହାର ଭବିଷ୍ୟତର ମଧ୍ୟ ଅଂଶବିଶେଷ ଅଟେ।

ବିକଶିତ ଭାରତର ଆଧାରଶିଳା

ଭାରତ ଇତିହାସରେ, ଭୂମି ବିବାଦ ଅଧିକତର ଅସମାନତା, ସଂଘର୍ଷ ଏବଂ ବିଳମ୍ବକୁ ହିଁ ଜନ୍ମ ଦେଇଆସିଛି – କିନ୍ତୁ ନକ୍ସା କାର୍ଯ୍ୟକ୍ରମ ଭୂମି ପ୍ରଶାସନ ପ୍ରଣାଳୀକୁ ଅଧିକ ପାରଦର୍ଶୀ, କୁଶଳୀ ଏବଂ ନାଗରିକ କୈନ୍ଦ୍ରିକ ଭାବରେ ପରିଣତ କରି ଏହାର ଗରିମାକୁ ବଦଳାଇ ଚାଲିଛି। ସ୍ମାର୍ଟ ସହର, ପିଏମ ଗତି ଶକ୍ତି ଏବଂ ପିଏମ ସ୍ୱନିଧି ଭଳି ରାଷ୍ଟ୍ରୀୟ ମିଶନଗୁଡ଼ିକ ସହିତ ଏକୀକରଣ ବ୍ୟବସ୍ଥା ମାଧ୍ୟମରେ ନକ୍ସା ଭାରତର ବିକାଶ କୈନ୍ଦ୍ରିକ ଭବିଷ୍ୟତର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ଭାବରେ ଉଭା ହୋଇଛି। ଏହା କେବଳ ସ୍ଥାନୀୟ ପ୍ରଶାସନକୁ ମଜଭୁତ କରେନାହିଁ, ବରଂ ଜନ ଭାଗିଦାରୀ, ସଶକ୍ତୀକରଣ ଏବଂ ଆର୍ଥିକ ବିକାଶକୁ ମଧ୍ୟ ପ୍ରୋତ୍ସାହନ ଯୋଗାଉଛି ଯାହା ଫଳରେ ଅଧିକ ନିବେଶ ଏବଂ ରୋଜଗାର ସୃଜନର ମାର୍ଗ ଦିନକୁ ଦିନ ପ୍ରଶସ୍ତ ହେବାରେ ଲାଗିଛି। ସର୍ବୋପରି, ଭୂମି କେବଳ ଏକ ଭୌତିକ ସମ୍ପତ୍ତି ନୁହେଁ, ଏହା ପ୍ରତ୍ୟେକ ଭାରତୀୟ ନାଗରିକଙ୍କର ପରିଚୟ ଏବଂ ଐତିହ୍ୟ ଅଟେ। ଦଶନ୍ଧି ଦଶନ୍ଧି ଧରି ଏହି ଐତିହ୍ୟ ଅବ୍ୟବସ୍ଥା ଏବଂ ଭ୍ରଷ୍ଟାଚାରର ଆବରଣ ତଳେ ଢାଙ୍କିହୋଇ ରହିଆସିଥିଲା। କିନ୍ତୁ ନକ୍ସା ବିଶ୍ୱାସ, ପାରଦର୍ଶିତା ଏବଂ ସମାନତାର ଅମୃତ କାଳ ପ୍ରସ୍ତୁତ କରି ତାହା ଦୂର କରିପାରିଛି। ସୁରକ୍ଷିତ, ସତ୍ୟାପିତ ଡିଜିଟାଲ ଭୂମି ରେକର୍ଡ ସହିତ, ବର୍ତ୍ତମାନ ନାଗରିକମାନଙ୍କ ନିକଟରେ ସତକୁ ସତ ନିଜ ସ୍ୱପ୍ନର ଚାବିକାଠି ଅଟେ – ଯାହା ଭାରତକୁ ଏକ ଅଧିକ ନ୍ୟାୟସଂଗତ, ପାରଦର୍ଶୀ ଏବଂ ବିକଶିତ ଭବିଷ୍ୟତ ଦିଗରେ ନେଇଯାଉଛି।





# ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ କଟକ ମା' ଚଣ୍ଡୀଙ୍କ ପୂଜା ଅର୍ଚ୍ଚନା ସହ ଦର୍ଶନ



କଟକ, ନ୍ୟୁଜ ବ୍ୟୁରୋ
ଶନିବାର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସୂଚନା ଓ ଲୋକ ସମ୍ପର୍କ ଓ ଶିକ୍ଷ ବିଭାଗ,ଶ୍ରୀ ହେମନ୍ତ କୁମାର ଶର୍ମା। ନିଜ ପତ୍ନୀଙ୍କ ସହ ଚଣ୍ଡୀ ମନ୍ଦିର ଆସି ମା'ଙ୍କ ଦର୍ଶନ କରି ପୂଜା ଅର୍ଚ୍ଚନା କରିଥଲେ। ମନ୍ଦିର ପାର୍ଶ୍ୱ ବୁଲି ଏହାର ଉନ୍ନତି କାର୍ଯ୍ୟ ସଂପର୍କରେ ଅବଗତ ହୋଇଥିବା ସଂମ୍ପର୍କରେ ଗଣ ମାଧ୍ୟମକୁ ସୂଚନା ଦେଇଥିଲେ।ଆଜିର ଏହି ଦର୍ଶନ ସମୟରେ ସଦର ଉପ-ଜିଲ୍ଲାପାଳ, ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଉଭୟ ଅଧିକାରୀ ସ୍ୱାଗତିକା ବେହେରା ଓ ଅଭିରାମ ଦାସ,ମନ୍ଦିର ପରିଚାଳନା କମିଟିର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଏଆଇର ଦୁରୁପଯୋଗ କରି ବିଜେଡି ଭୋଟରଙ୍କୁ ବିଭ୍ରାନ୍ତ କରୁଛି : ବିଜେପି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବିଜେଡି କୃତ୍ରିମ ବୁଦ୍ଧିମତା ତଥା ଏଆଇ ଜ୍ଞାନକୌଶଳର ଅପବ୍ୟବହାର କରି ବିଭ୍ରାନ୍ତ ସୃଷ୍ଟି କରୁଛି । ଚଳିତ ନୂଆପଡା ଉପନିର୍ବାଚନରେ କୃତ୍ରିମ ବୁଦ୍ଧିମତା (ଆର୍ଟିଫିସିଆଲ ଇଂଟେଲିଜେନ୍ସ) ଜରିଆରେ ବିଜେପି ରାଜ୍ୟସଭାପତି ମନମୋହନ ସାମଲ ଏବଂ ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କ କଦର୍ଥ ଫଟୋଚିତ୍ରକୁ ସାମାଜିକ ଗଣମାଧ୍ୟମ ଫେସବୁକରେ ଭାଇରାଲ କରି ସାଧାରଣ ଭୋଟରଙ୍କୁ ବିଭ୍ରାନ୍ତ କରିବାର ଅପଚେଷ୍ଟା କରିଛି । ଏଭଳି ବିଶୃଙ୍ଖଳାକାରୀଙ୍କ ବିରୁଦ୍ଧରେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଆଇନ ମୁତାବକ ଦଣ୍ଡବିଧାନ କରିବାକୁ ବିଜେପିର ଏକ ପ୍ରତିନିଧିଦଳ ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିକଟରେ ଦାବୀ କରିଛି । ରାଜନୀତିରେ ଶାଳିନତାର ପାଠ ପଢାଉଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିଜଦଳର କର୍ମୀଙ୍କୁ ପାଠ ପଢାଇବା ପରିବର୍ତ୍ତେ ନିରବ ସାଜିବା ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ । ସତ କେବେ ଲୁଚି ରହେ ନାହିଁ । ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛୁ ଓ ସାଇବର ଆଇନ ଅନୁସାରେ ଏହା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବା ପାଇଁ ଦାବି କରିଛୁ ବୋଲି ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି ।
ଏହି ପ୍ରତିନିଧିମଣ୍ଡଳୀରେ ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତି, ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ରାଜ୍ୟ ଗଣମାଧ୍ୟମସଂଯୋଜକ ସୁଜିତ କୁମାର ଦାସ, ଲିଗାଲ ସେଲ ରାଜ୍ୟ ସଂଯୋଜକ ଜୟନ୍ତ ଜେନା, ରାଜ୍ୟ ସାମାଜିକ ଗଣମାଧ୍ୟମ ସହସଂଯୋଜିକା ମାନସୀ ମଞ୍ଜରୀ ପାଢୀ, ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ସଂଗ୍ରାମ କେଶରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନବୀନ ସରକାର...

ବସନ୍ତ ପଣ୍ଡା, ସାଂସଦ ମାଳବିକା ଦେବୀ ଏବଂ ଦଳୀୟ ପ୍ରାର୍ଥୀ ଜୟ ଢୋଲକିଆ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ରୋଡ ସୋ' ବେଳେ ଖରିଆରରୁ ନୂଆପଡା ଯାଏଁ ରାସ୍ତାର ଦୁଇ ପଟରେ ବହୁ ସଂଖ୍ୟାରେ ଲୋକେ ଉପସ୍ଥିତ ରହିଥିଲେ। ନିର୍ବାଚନ ପ୍ରଚାର ରବିବାର ସନ୍ଧ୍ୟା ପୂର୍ବରୁ ଶେଷ ହେଉଥିବା ଦୃଷ୍ଟିରୁ ଶନିବାର ପ୍ରମୁଖ ରାଜନୈତିକ ଦଳର ନେତାମାନେ ଭୋଟରଙ୍କ ମନ ଜିଣିବା ପାଇଁ ଜୋରଦାର ପ୍ରଚାର ଚଳାଇଛନ୍ତି। ବିଜେଡ଼ି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଏବଂ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝି ସେମାନଙ୍କ ସମର୍ଥକ ଓ ଶୁଭେଚ୍ଛୁଙ୍କ ସହିତ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ପ୍ରଚାର ଚଳାଇଛନ୍ତି।

## କଟକରେ ବଡ...

ତେବେ ବାଲକୋନି ଭାଙ୍ଗିବାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ । ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି । ବିପଦସଙ୍କୁଳ କୋଠା ଭୁଶୁଡି ୩ଜଣଙ୍କ ମୃତ୍ୟୁ ଘଟଣାରେ ଏସସିବିରେ ମୃତାହତଙ୍କ ପରିବାରକୁ ଭେଟିଛନ୍ତି ବିଧାୟିକା ସୋଫିଆ ଫିର୍ଦ୍ଦୌସ। ଅଘଟଣ ପାଇଁ ସିଏମ୍‌ସି ଓ ଜିଲ୍ଲା ପ୍ରଶାସନକୁ ଦାୟୀ କରିଛନ୍ତି ସୋଫିଆ। ଅଘଟଣର ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହା ସହ ମୃତକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ଲେଖାଏଁ ସହାୟତା ଦେବାକୁ ସେ ଦାବି କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଶୋକ ...

ସିଏମ ରିଲିଫ ପାଣ୍ଠିରୁ ଚାରି ଲକ୍ଷର ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ ପାଇଁ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ନିଜ ଏକ୍ସ ପେଜ୍‌ରେ ସମବେଦନା ଜଣାଇବା ସହ ଆହତଙ୍କ ଉତ୍ତମ ଚିକିତ୍ସା ସରକାର ଯୋଗାଇ ଦେଇଛନ୍ତି ବୋଲି ମଧ୍ୟ ସୂଚନା ଦେଇଛନ୍ତି।

## ଦାୟିତ୍ୱରେ ଅବହେଳା ...

ଡିଏସପି ପ୍ରଶାନ୍ତ ସାହୁ, ସୁଶାନ୍ତ ସାହୁ, କମାଣ୍ଡାଣ୍ଟ ଶାରଦା ଦାଶ ଦାୟୀ ବୋଲି ଦର୍ଶାଯାଇଛି । ଗୃହ ବିଭାଗର ଅତିରିକ୍ତ ସଚିବ ଡିଜି ଓ ଆଇଜି ପୋଲିସଙ୍କୁ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯାଇଥିବା ନେଇ ଚିଠି ଲେଖିଛନ୍ତି। ଅନ୍ୟପକ୍ଷରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ପୁରୀ ଦଳାଚକଟା ଘଟଣାରେ ଉନ୍ନୟନ କମିଶନରଙ୍କ ତଦନ୍ତ ରିପୋର୍ଟ ଆଧାରରେ କର୍ତ୍ତବ୍ୟରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ ଦଣ୍ଡବିଧାନ ହେବ।

## ଆରଜେଡି-କଂଗ୍ରେସ...

ସମ୍ବୋଧନ ସମୟରେ କହିଥିଲେ ଜଙ୍ଗଲ ରାଜ ଲୋକଙ୍କ ପ୍ରଚାର ଗୀତ ଶୁଣିଛ ? ଛୋଟ ପିଲାମାନେ ମଞ୍ଚରୁ କହୁଛନ୍ତି, 'ଆମେ ଗ୍ୟାଙ୍ଗଷ୍ଟର ହେବାକୁ ଚାହୁଁଛୁ।' 'ବିହାରର ପିଲାମାନେ ଗ୍ୟାଙ୍ଗଷ୍ଟର ହେବା ଉଚିତ କି ଡାକ୍ତର ଏବଂ ଇଞ୍ଜିନିୟର ହେବା ଉଚିତ ? ବିହାରରେ ଷ୍ଟାର୍ଟଅପ୍ ସ୍ୱପ୍ନ ଦେଖୁଥିବା ଲୋକଙ୍କ ଆବଶ୍ୟକତା ଅଛି, 'ହ୍ୟାଣ୍ଡସ୍ ଅପ୍' କହୁଥିବା ଲୋକଙ୍କର ନୁହେଁ।' ଆରଜେଡିର ପ୍ରଚାର ଗୀତ ଶୁଣି ଆପଣ ଥରି ଉଠିବେ। ଆମେ ପିଲାମାନଙ୍କୁ ଲାପଟପ୍ ଦେଉଛୁ, ଯେତେବେଳେ ଆରଜେଡି ସେମାନଙ୍କୁ ପିସ୍ତଲ ଏବଂ ଡବଲ-ବ୍ୟାରେଲ ବନ୍ଧୁକ ଦେଉଛି।

## ମଲ୍ଟିପ୍ଲେକ୍ସ ...

ଏପରି ଉଚ୍ଚା ଦରରେ ଜିନିଷ କିଣିବା ପରେ ଲୋକେ ଆନନ୍ଦ ପାଇବା ପରିବର୍ତ୍ତେ ନିରାଶ ହୋଇଥାନ୍ତି। ତେଣୁ କର୍ଣ୍ଣାଟକ ସରକାର ମଲ୍ଟିପ୍ଲେକ୍ସ ଟିକଟ ଦରକୁ ନିୟନ୍ତ୍ରଣ କରିବା ଲାଗି ନିୟମ ପ୍ରଣୟନ କରିଥିଲେ। ନିୟମରେ ମଲ୍ଟିପ୍ଲେକ୍ସର ଟିକଟ ଦର ୨୦୦ ଟଙ୍କାରେ ସୀମିତ ରଖାଯାଇଥିଲା। ମାତ୍ର ଏହି ନିୟମକୁ ମଲ୍ଟିପ୍ଲେକ୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ ଓ ଅନ୍ୟମାନେ କର୍ଣ୍ଣାଟକ ହାଇକୋର୍ଟରେ ଚାଲେଞ୍ଜ କରିଥିଲେ। ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ସରକାରଙ୍କ ନିୟମକୁ କାଏମ ରଖିଥିଲେ। ହାଇକୋର୍ଟଙ୍କ ରାୟକୁ ମଲ୍ଟିପ୍ଲେକ୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଥିଲେ। ସୁପ୍ରିମକୋର୍ଟ ଆବେଦନର ଶୁଣାଣି କରିବା ପୂର୍ବକ ଉପରୋକ୍ତ ଚେତାବନୀ ଦେଇଥିଲେ। ଏହା ସହିତ କର୍ଣ୍ଣାଟକ ହାଇକୋର୍ଟଙ୍କ ରାୟକୁ କାଏମ ରଖିଥିଲେ।

## ସାମରିକ ଶକ୍ତି ...

ସହିତ ଚାଲିଥିବା ଉତ୍ତେଜନା ସମୟରେ ତୃତୀୟ ବିମାନ ବାହକ ନିର୍ମାଣ କରାଯାଇଛି। ଗତ ଦୁଇ ବର୍ଷ ମଧ୍ୟରେ ଚାଇନା ଏବଂ ଫିଲିପାଇନ୍ସ ନୌସେନା ଅନେକ ହିଂସାତ୍ମକ ସଂଘର୍ଷ ଦେଖିଛି। ଚାଇନା ଅଭିଯୋଗ କରିଛି ଯେ, ଆମେରିକାର ପ୍ରରୋଚନାରେ ଫିଲିପାଇନ୍ସ ଚାଇନା ସହିତ ମୁହାଁମୁହିଁ ହେଉଛି। ଦକ୍ଷିଣ ଚାଇନା ସାଗର ସମେତ ତାଇୱାନ ପ୍ରତି ଚାଇନାର ଆଭିମୁଖ୍ୟ ବିଶେଷ ଭାବରେ ଆକ୍ରମଣାତ୍ମକ। ସମ୍ପ୍ରତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି ଯେ, ଚାଇନା ରାଷ୍ଟ୍ରପତି ତାଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ, ସେ ତାଇୱାନ ଉପରେ ଆକ୍ରମଣ କରିବେ ନାହିଁ। ଭାରତ ମହାସାଗର ଅଞ୍ଚଳରେ ଚାଇନାର କାର୍ଯ୍ୟକଳାପ ନିରନ୍ତର ବୃଦ୍ଧି ପାଉଥିବାରୁ ଚାଇନାର ତୃତୀୟ ବିମାନ ବାହକ ଜାହାଜ ମଧ୍ୟ ଭାରତ ପାଇଁ ଚିନ୍ତାର କାରଣ ହୋଇପାରେ। ଚାଇନାର ଯୁଦ୍ଧଜାହାଜ, ସର୍ଭେ ଜାହାଜ ଏବଂ ବୁଡ଼ାଜାହାଜଗୁଡ଼ିକ ଭାରତ ମହାସାଗରରେ ପ୍ରାୟତଃ ଦେଖାଯାଉଛି।

# ଏମ୍ସ ଭୁବନେଶ୍ୱର ୩ୟ ବାର୍ଷିକ ଅନୁସନ୍ଧାନ ଦିବସ ଏବଂ ୨ୟ ଆଞ୍ଚଳିକ ଅନୁସନ୍ଧାନ ସମ୍ମିଳନୀ ଆୟୋଜିତ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଚିକିତ୍ସା ବିଜ୍ଞାନ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟରତ କିମ୍ବା ଏହି କ୍ଷେତ୍ରରେ ଉଦ୍ୟୋଗ ବିକାଶ ଦିଗରେ ଆଗ୍ରହୀ ନବସୃଜନ ଷ୍ଟାର୍ଟଅପ୍ ସଂସ୍ଥାଙ୍କୁ ଏକ ବିସ୍ତୃତ କ୍ଷେତ୍ର ପ୍ରଦାନ କରିବ ଏମ୍ସ ଭୁବନେଶ୍ୱର। ରାଜ୍ୟରେ ପ୍ରଥମ କରି, ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ନବସୃଜନ-ଚାଳିତ ସ୍ୱାସ୍ଥ୍ୟସେବା ସମାଧାନ ପାଇଁ ଚିକିତ୍ସା ଗବେଷଣା, ଜୀବବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାକୁ ସମନ୍ୱିତ କରିବା ପାଇଁ ଏକ କମ୍ପାକ୍ଟ ପ୍ଲାଟଫର୍ମ ପ୍ରତିଷ୍ଠା କରିଛି। ଏହି ପ୍ରୟାସର ଲକ୍ଷ୍ୟ ହେଉଛି ନୂତନ ସ୍ୱାସ୍ଥ୍ୟ-ପ୍ରଯୁକ୍ତି ଚିନ୍ତାଧାରାଗୁଡ଼ିକୁ ବୈଧତା ଏବଂ ବାଣିଜ୍ୟୀକରଣ ପାଇଁ ପ୍ରସ୍ତୁତ ଉତ୍ପାଦରେ ପରିଣତ କରିବା। ଏହି ପ୍ରୟାସର ଏକ ଅଂଶ ଭାବରେ ଏମ୍ସ ଭୁବନେଶ୍ୱରରେ ୩୩ଟି ଷ୍ଟାର୍ଟ-ଅପ୍ ଏବଂ ଚିକିତ୍ସା ପ୍ରଯୁକ୍ତିବିଦ୍ୟା ଉତ୍ପାଦ/ମଡେଲ ପ୍ରଦର୍ଶିତ କରାଯାଇଥିଲା। ଏଠାରେ ବିଶେଷଜ୍ଞମାନେ ଉତ୍ପାଦ ବୈଧତା ଏବଂ ବଜାର ପ୍ରସ୍ତୁତି ପାଇଁ ମାର୍ଗଦର୍ଶନ ପ୍ରଦାନ କରିଥିଲେ, ଯାହା ଏକ ଦୃଢ଼ ସ୍ୱାସ୍ଥ୍ୟସେବା ନବସୃଜନ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଗବେଷଣା ବିଭାଗ ସଚିବ ଏବଂ ଆଇସିଏମ୍ଆର ମହାନିର୍ଦ୍ଦେଶକ ଡ. ରାଜୀବ ବହଲ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହିତ ସ୍ୱାସ୍ଥ୍ୟସେବା, ପ୍ରଯୁକ୍ତିବିଦ୍ୟା ଏବଂ ଉଦ୍ୟୋଗକୁ ଏକତ୍ରିତ କରି ଏହି ପ୍ରକ୍ରିୟା ବିକଶିତ 'ବିକଶିତ ଭାରତ' ଆନ୍ଦୋଳନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସେହିପରି ଏହା ଯୁବ ଉଦ୍ଭାବକମାନଙ୍କୁ ଚିନ୍ତାଧାରାକୁ ପ୍ରଭାବଶାଳୀ ଉତ୍ପାଦରେ ପରିଣତ କରିବାକୁ ଉତ୍ସାହିତ କରିବ। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏହି ଅବସରରେ କହିଛନ୍ତି ଯେ, 'ଏମ୍ସ ଭୁବନେଶ୍ୱର ଆଇଆଇଟି ଭୁବନେଶ୍ୱର, ବିସିକେଆଇସି ଏବଂ ଆଇଏଲ୍ଏସ ଭଳି ପ୍ରମୁଖ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନଗୁଡ଼ିକର ସହଯୋଗରେ ଆନ୍ତଃଶାଖାଗତ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ। ଏହି ପ୍ରତିଷ୍ଠାନ ଏହି ଅଞ୍ଚଳରେ ଚିକିତ୍ସା ପ୍ରଯୁକ୍ତିବିଦ୍ୟା ପାଇଁ ଏକ ସମନ୍ୱିତ ନବସୃଜନ କେନ୍ଦ୍ର ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛି।' ଏଥିସହିତ ଏମ୍ସ ଭୁବନେଶ୍ୱର ଯୁବ ଗବେଷକଙ୍କ ପାଇଁ ସମନ୍ୱିତ ପିଏଚଡି କାର୍ଯ୍ୟକ୍ରମ ପ୍ରଚଳନ କରିବା ପାଇଁ ଅଷ୍ଟ୍ରେଲିଆର ପଶ୍ଚିମ ସିଡ୍ନୀ ବିଶ୍ୱବିଦ୍ୟାଳୟ ସମେତ ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ବହୁ-ଶାଖାଗତ ଗବେଷଣା ଏବଂ ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଷ୍ଠାନ ଏକ କେନ୍ଦ୍ରୀୟ ଗବେଷଣା ଏବଂ ଦକ୍ଷତା ପ୍ରୟୋଗଶାଳା ମଧ୍ୟ ପ୍ରତିଷ୍ଠା କରିଛି। ଯାହା ମାନ୍ୟବର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ. ପି. ନଡ୍ଡାଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ନିଦାନ, ରୋଗ ପୂର୍ବାନୁମାନ ମଡେଲ ଏବଂ ଏଆଇ-ଆଧାରିତ ସ୍ୱାସ୍ଥ୍ୟସେବା ଉପକରଣରେ ନବସୃଜନକୁ ଆଗକୁ ବଢ଼ାଇବା ପାଇଁ ଏକ ବାୟୋ-ଇନକ୍ୟୁବେସନ୍ କେନ୍ଦ୍ର ବିକଶିତ କରିବା ପାଇଁ ଯୋଜନା ଚାଲିଥିବା, ଡ. ବିଶ୍ୱାସ ସୂଚନା ପ୍ରଦାନ କରିଛନ୍ତି। ଗବେଷଣା ଏବଂ ନବସୃଜନ କାର୍ଯ୍ୟକଳାପର ପ୍ରଗତିକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ, ଏମ୍ସ ଭୁବନେଶ୍ୱର ଏହାର ତୃତୀୟ ବାର୍ଷିକ ଅନୁସନ୍ଧାନ ଦିବସ ଏବଂ ଦ୍ୱିତୀୟ ଆଞ୍ଚଳିକ ଅନୁସନ୍ଧାନ ସମ୍ମିଳନୀ ୨୦୨୫ ପାଳନ କରିଛି । ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା 'ଚିକିତ୍ସା ନବସୃଜନ: ଆତ୍ମନିର୍ଭର ଭାରତ, ବିକଶିତ ଭାରତ ପାଇଁ ସମୟର ଆବଶ୍ୟକତା'। ଆଇସିଏମ୍ଆର ଡିଜି ଡ. ରାଜୀବ ବହଲ ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ, ବିକେସିକେଆଇସି ଅଧକ୍ଷ ଏବଂ କିଟ୍-ଟିବିଆଇ ସିଇଓ ଡ. ମୃତ୍ୟୁଞ୍ଜୟ ସୁଆର, ଏମ୍ସ ଡିନ୍ (ଗବେଷଣା) ଡ. ସତ୍ୟଜିତ ମିଶ୍ର ଏବଂ ଆସୋସିଏଟ୍ ଡିନ୍ (ଗବେଷଣା) ଡ. ଭାଗୀରଥି ଦ୍ୱିବେଦୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଷ୍ଟେଟ ବ୍ୟାଙ୍କ ଜ୍ଞାନର୍ଜନ ଓ ବିକାଶ କେନ୍ଦ୍ର ଦ୍ୱାରା ଏକାମ୍ର କ୍ଷେତ୍ରରେ ସାଇବର ସଚେତନତା ଅଭିଯାନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଷ୍ଟେଟ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀ ପ୍ରଶିକ୍ଷଣ ନେଉଥିବା ପାହାଳସ୍ଥିତ କେନ୍ଦ୍ର ଦ୍ୱାରା ପ୍ରାୟ ୭୦ ଜଣ ପ୍ରଶିକ୍ଷାର୍ଥୀ ଶନିବାର ସକାଳୁ ମୁକ୍ତେଶ୍ୱର ମନ୍ଦିର ନିକଟ ରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ । ସେମାନଙ୍କୁ ଗାଇଡ଼ଙ୍କ ଦ୍ୱାରା ଏକାମ୍ର କ୍ଷେତ୍ର ର ଗୌରବମୟ ଐତିହ୍ୟ ସମ୍ବନ୍ଧିୟ ସୂଚନା ପ୍ରଦାନ କରାଯିବା ସହିତ ଆଗାମୀ ପିଢ଼ିଙ୍କୁ ଆମ ଐତିହ କିର୍ତ୍ତୀରାଜି ଗୁଡିକର ସଂରକ୍ଷଣ ନିମନ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା । ଏହାପରେ ପ୍ରଶିକ୍ଷାର୍ଥୀମାନେ ଏକ ରାଲିରେ ପ୍ଲାକାର୍ଡ ମାଧ୍ୟମରେ ସାଇବର ଠକେଇରୁ ରକ୍ଷା ପାଇବା ନିମିତ୍ତ ଭାରତ ସରକାରଙ୍କ ସମେତ ରାଜ୍ୟ ପୋଲିସ ବିଭାଗ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସର୍ବସାଧାରଣଙ୍କୁ ଅବଗତ କରାଇଥିଲେ । ଷ୍ଟେଟବ୍ୟାଙ୍କ ଭୁବନେଶ୍ୱରମଣ୍ଡଳର ଚଳିତ ବିତ୍ତ ବର୍ଷରେ ନୂତନ ଭାବେ ଯୋଗ ଦେଇଥିବା କନିଷ୍ଠ ସହାୟକ (ଜୁନିଅର ଆସୋସିଏଟ )ବର୍ଗର ୩୦୦ ଜଣଙ୍କ ମଧ୍ୟରୁ ୪୮ ଜଣ ଓ ସଦ୍ୟ ପଦୋର୍ଣ୍ଣତ୍ତି ପାଇଥିବା ୨୫ ଜଣ ପ୍ରଶିକ୍ଷିୟୁ ଅଧିକାରୀମାନେ ପର୍ଶୁରାମେଶ୍ୱର ମୁକ୍ତେଶ୍ୱର, କେଦାରଗୌରୀ, କୋଟି ତୀର୍ଥ ମାର୍ଗ ଦେଇ ବିନ୍ଦୁସାଗର, ଅନନ୍ତ ବାସୁଦେବ ମନ୍ଦିର, ଲିଙ୍ଗରାଜ ମନ୍ଦିର ସମ୍ମୁଖସ୍ଥ ଦେବିପାଦହରା ପୁଷ୍କରିଣୀ ନିକଟରେ ଯାତ୍ରା ଶେଷ କରିଥିଲେ। ଏହି କାର୍ଯ୍ୟକ୍ରମଟିକୁ ଭାରତୀୟ ଷ୍ଟେଟ ବ୍ୟାଙ୍କ୍, ପାହାଳ ସ୍ଥିତ କର୍ମଚାରୀ ପ୍ରସିକ୍ଷଣ କେନ୍ଦ୍ରର ନିର୍ଦ୍ଦେଶକ ବିଜୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ସର୍ବଶ୍ରୀ ପ୍ରଫୁଲ୍ଲ କୁମାର ସାହୁ, ଅଶ୍ୱିନି କୁମାର ସାହୁ, ଶରତ ମେହେର, ନବୀନ ପଟ୍ଟନାୟକ ଓ ବିଶ୍ୱ ରଞ୍ଜନ ଭୋଇଙ୍କ ସମେତ ପ୍ରଶିକ୍ଷଣ କେନ୍ଦ୍ରର ସଦସ୍ୟମାନେ ସହଯୋଗ କରିଥଲେ। ଉକ୍ତ କାର୍ଯ୍ୟକ୍ରମରେ କିଶୋର ଚନ୍ଦ୍ର ଦାଶ, ସହାୟକ ମହାପ୍ରବନ୍ଧକ, ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ତରଫରୁ ଯୋଗ ଦେଇ ଯୁବ ପ୍ରଶିକ୍ଷାର୍ଥୀଙ୍କୁ ପରିବେଶ ଓ ଐତିହକୀର୍ତ୍ତି ରାଜିର ସୁରକ୍ଷା ତଥା ସାଇବର ଠକେଇ ରୋକିବା ନିମନ୍ତେ ପ୍ରଯୁକ୍ତି ବିଦ୍ୟାର ଉପଯୁକ୍ତ ବିନିଯୋଗ କରି ଜନସାଧାରଣଙ୍କୁ ତ୍ୱରିତ ସେବା ପ୍ରଦାନ ନିମନ୍ତେ ପରାମର୍ଶ ଦେଇଥିଲେ।

# ଜିନ୍ଦଲ ଷ୍ଟିଲ୍ ପକ୍ଷରୁ ଏୟାର ଆଡଭେଞ୍ଚର ସୋ' ଆୟୋଜିତ




ଅନୁଗୁଳ, ନ୍ୟୁଜ ବ୍ୟୁରୋ
ଜିନ୍ଦଲ ଷ୍ଟିଲ୍ ଅନୁଗୁଳ ପକ୍ଷରୁ ଭର୍ଟିକାଲ୍ ଇଣ୍ଡିଆର ସହଯୋଗରେ ବହୁ ପ୍ରତୀକ୍ଷିତ 'ଏୟାର ଆଡଭେଞ୍ଚର୍ ୨୦୨୫' କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଛି। ଏହି ରୋମାଞ୍ଚକର ଏୟାର ସୋ' କର୍ମଚାରୀ, ସେମାନଙ୍କ ପରିବାର ଏବଂ ସ୍ଥାନୀୟ ସମ୍ପ୍ରଦାୟ ଲୋକଙ୍କୁ ଆକାଶରେ ଏକ ସ୍ମରଣୀୟ ଅଭିଜ୍ଞତା ଦେବା ସହ ସମସ୍ତଙ୍କୁ ଏକାଠି କରିବାର ସୁଯୋଗ ଆଣିଥିଲା। ସାବିତ୍ରୀ ଜିନ୍ଦଲ ବିମାନବନ୍ଦରରେ ଅନୁଷ୍ଠିତ ଏହି ୬ ଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ବୟସ ବର୍ଗରେ ପ୍ରାୟ ୬୦୦ ଜଣ ଅଂଶଗ୍ରହଣ କରିଥିଲେ । ଆକାଶମାର୍ଗରେ ଅଂଶଗ୍ରହଣକାରୀଙ୍କ ଉତ୍ସାହ ସ୍ପଷ୍ଟ ବାରି ହୋଇପଡୁଥିଲା, ଯେତେବେଳେ ସେମାନେ ସାହସିକତା ଏବଂ ଏକତାର ଭାବନା ନେଇ ଏହି ରୋମାଞ୍ଚକର କାର୍ଯ୍ୟକ୍ରମରେ ଭାଗ ନେଉଥିଲେ । ଏହି କାର୍ଯ୍ୟକ୍ରମରେ ପାରାମୋଟରିଂ, ପାରାସେଲିଂ ଏବଂ ହଟ୍ ବେଲୁନରେ ଯାତ୍ରା କରିବାର ସୁବିଧା କରାଯାଇଥିଲା, ଯାହା ଆକାଶମାର୍ଗରୁ ଅନୁଗୁଳର ମନୋରମ ଦୃଶ୍ୟ ଦେଖିବାରୁ ସୁଯୋଗ ସୃଷ୍ଟି କରିଥିଲା । ତିନୋଟି ଭିନ୍ନ ଭିନ୍ନ ଉଡ଼ାଣ ଛେଣ୍ଡିପଦା ଅଞ୍ଚଳରେ ୪୦୦ରୁ ଅଧିକ ଥର ଆକାଶମାର୍ଗରେ ବୁଲିଥିଲା। ସେହିପରି ଦୁଇଟି ହଟ୍ ବେଲୁନ୍ ଅଲଗା ଅଲଗା ସ୍ଥାନରୁ ପରିଚାଳିତ ହେଉଥିଲା। ଯାହା ଅତିଥି ତଥା ଅଂଶଗ୍ରହଣକାରୀଙ୍କୁ ବିଶେଷ ମୁହୂର୍ତ୍ତର ଭରପୁର ଆନନ୍ଦ ନେବା ସହ ଆକାଶରେ କିଛି ସ୍ମୃତି ସାଉଁଟିବାର ସୁଯୋଗ ଆଣିଥିଲା।
କର୍ମଚାରୀଙ୍କ ସହଭାଗିତାକୁ ସୁଦୃଢ଼ କରିବା ସହିତ ସଂପ୍ରଦାୟ ସହ ସମ୍ପର୍କକୁ ମଜବୁତ କରିବା ନିମନ୍ତେ ଜିନ୍ଦଲ ଷ୍ଟିଲର ମାନବ ସମ୍ବଳ ବିଭାଗ ପକ୍ଷରୁ ନିୟମିତ ବ୍ୟବଧାନରେ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ।

# ଆର.ଆର.କଲୋନୀ ପଣ୍ଡୋଲେଇ ଠାରେ ଦୋକାନ ଗୃହ ଉଦ୍ଘାଟନ




**ରେଙ୍ଗାଲି, ନ୍ୟୁଜ ବ୍ୟୁରୋ**
ଆଦିତ୍ୟ ଆଲୁମିନିୟମ ଲପଙ୍ଗା ଦ୍ୱାରା ଆର୍ ଆର୍ କଲୋନୀ ପଣ୍ଡୋଲେଇ ଠାରେ ତିଆରି କରାଯାଇଥିବା ଦୋକାନ ଗୃହର ଉଦ୍ଘାଟନ କରାଯାଇଥିଲା। ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଦ୍ୱାରା ୬ ଟି ଦୋକାନ ଗୃହ ତିଆରି କରାଯାଇଛି ।ଏହି ଦୋକାନ ଗୃହ କୁ କଲୋନୀ ର ମହିଳା ସ୍ୱଂୟ ସହାୟକ ଗୋଷ୍ଠୀ କୁ ହସ୍ତାନ୍ତର କରାଯାଇଛି। ଏହା ହେବାଦ୍ୱାରା କଲୋନୀ ଜନସାଧାରଣ ସୁବିଧାରେ ନିଜର ଆବଶ୍ୟକୀୟ ସାମଗ୍ରୀ ଏହି ଦୋକାନ ମାନଙ୍କରେ ଉପଲବ୍ଧ ରହିବ। ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ କାରଖାନାର ମୁଖ୍ୟ ଶ୍ରୀଯୁକ୍ତ ଜଗନ୍ନାଥ ପ୍ରସାଦ ନାୟକ, ମାନବସମ୍ବଳ ମୁଖ୍ୟ ବିନୋଦା ନନ୍ଦ ଠାକୁର, କମର୍ସିଆଲର ମୁଖ୍ୟ ଅମିତ୍ ପଣ୍ଡା ଓ ସି.ଏସ.ଆର୍ ଟିମ୍ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି କାର୍ଯଟି କୁ ସି.ଏସ.ଆର ମୁଖ୍ୟ ରବି ନିୱାସ ଓ ଉପ ପ୍ରବନ୍ଧକ ମନୋରଂଜନ ବେହେରା ପରିଚାଳନା କରିଥିଲେ । ପରିଶେଷରେ ଆଦିତ୍ୟ ଆଲୁମିନିୟମ ର ଏଭଳି କାର୍ଯ ପାଇଁ ଜନସାଧାରଣ ପ୍ରଶଂସା କରିଥିଲେ।

# ବେଦାନ୍ତ ଝାରସୁଗୁଡା ସମ୍ପ୍ରଦାୟିକ ଆଉଟରିଚ୍ ପଦକ୍ଷେପ ସହିତ ଜାତୀୟ କର୍କଟ ସଚେତନତା ଦିବସ ପାଳନ

**ଝାରସୁଗୁଡା, ନ୍ୟୁଜ ବ୍ୟୁରୋ**
ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଏହି ଅଂଚଳରେ ଜନସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ସୁଦୃଢ଼ କରିବା ପାଇଁ ଏହାର ନିରନ୍ତର ପ୍ରତିବଦ୍ଧତାର ଅଂଶ ଭାବରେ ଝାରସୁଗୁଡାର ମହିଳା ମହାବିଦ୍ୟାଳୟରେ ଏକ ସାମୁଦାୟ ଆଉଟରିଚ୍ ସଚେତନତା ଅଧିବେଶନ ଆୟୋଜନ କରି ଜାତୀୟ କର୍କଟ ସଚେତନତା ଦିବସ (ନଭେମ୍ବର ୭) ପାଳନ କରିଛି । ଏହି ଅଧିବେଶନରେ ଯୁବ ମହିଳାମାନଙ୍କୁ ପ୍ରାରମ୍ଭିକ ଚିହ୍ନଟ, ସୁସ୍ଥ ଜୀବନଶୈଳୀ ଏବଂ ସହାୟତା ସେବାର ଅତ୍ୟାବଶ୍ୟକ ଜ୍ଞାନ ସହିତ ସଜ୍ଜିତ କରିବା ଉପରେ ଧ୍ୟାନ ଦିଆଯାଇଥିଲା। କର୍କଟ ରୋଗ ବିଶ୍ୱବ୍ୟାପୀ ଏବଂ ଭାରତରେ ଏକ ପ୍ରମୁଖ ସ୍ୱାସ୍ଥ୍ୟ ଚ୍ୟାଲେଞ୍ଜ ଭାବରେ ରହିଛି, ବିଳମ୍ବରେ ଚିହ୍ନଟ ଏବଂ ସଚେତନତାର ଅଭାବ ଯୋଗୁଁ ଅନେକ ରୋଗୀ ଉନ୍ନତ ପର୍ଯ୍ୟାୟରେ ପହଞ୍ଚି ଯାଇଥାନ୍ତି। ଏହି ରୋଗ କେବଳ ଶାରୀରିକ ଭାବରେ ନୁହେଁ ବରଂ ମାନସିକ ଏବଂ ଆର୍ଥିକ ଭାବରେ ମଧ୍ୟ ବ୍ୟକ୍ତି ଏବଂ ପରିବାରକୁ ପ୍ରଭାବିତ କରେ। ତଥାପି, ଗବେଷକମାନେ ସୂଚିତ କରିଛନ୍ତି ଯେ ପ୍ରାରମ୍ଭିକ ଚିହ୍ନଟ ସଫଳ ଚିକିତ୍ସାର ସମ୍ଭାବନାକୁ ବହୁ ପରିମାଣରେ ବୃଦ୍ଧି କରେ। ସଚେତନତା, ସମୟୋଚିତ ସ୍କ୍ରିନିଂ ଏବଂ ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ବୁଝିବା ଜୀବନ ବଂଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ତେଣୁ, ତୃଣମୂଳ ସ୍ତରରେ ଶିକ୍ଷା ଏହି ରୋଗର ମୁକାବିଲା କରିବାର ସବୁଠାରୁ ପ୍ରଭାବଶାଳୀ ଉପାୟ ମଧ୍ୟରୁ ଗୋଟିଏ ଅଟେ। ଅଧିବେଶନରେ ଡାକ୍ତରୀ ବିଶେଷଜ୍ଞମାନେ ଛାତ୍ରଛାତ୍ରୀମାନଙ୍କ ସହିତ ଘନିଷ୍ଠ ଭାବରେ ଆଲୋଚନା କରିଥିଲେ, ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିଥିଲେ ଯେଉଁଥିରେ ତମାଖୁ ବ୍ୟବହାର, ଅସ୍ୱାସ୍ଥ୍ୟକର ଖାଦ୍ୟ, ଦୀର୍ଘକାଳୀନ ଚାପ ଏବଂ ଜେନେଟିକ୍ ପ୍ରବୃତି ଭଳି ସାଧାରଣ ବିପଦ କାରକ ଉପରେ ଆଲୋଚନା ଅନ୍ତର୍ଭୁକ୍ତ ଥିଲା। ଏହା ଅଂଶଗ୍ରହଣକାରୀମାନଙ୍କୁ ସାଧାରଣତଃ ଘଟୁଥିବା କର୍କଟ ରୋଗର ପ୍ରାରମ୍ଭିକ ଲକ୍ଷଣ ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ଗୁରୁତ୍ୱକୁ ଚିହ୍ନଟ କରିବାରେ ସାହାଯ୍ୟ କରିବାକୁ ଚେଷ୍ଟା କରିଥିଲା। ଛାତ୍ରଛାତ୍ରୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ, ପ୍ରଶ୍ନ ପଚାରିଥିଲେ, ସେମାନଙ୍କର ବ୍ୟକ୍ତିଗତ ଅଭିଜ୍ଞତା ବାଂଟିବା ସହିତ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବାର ଆବଶ୍ୟକତା ଉପରେ ପ୍ରତିଫଳନ ମଧ୍ୟ କରିଥିଲେ। ଏହି ପଦକ୍ଷେପ ବିଷୟରେ ମତବ୍ୟକ୍ତ କରି, ବେଦାନ୍ତ ଝାରସୁଗୁଡାର ସିଇଓ ଶ୍ରୀଯୁକ୍ତ ସି. ଚନ୍ଦୁ କହିଛନ୍ତି, "ବେଦାନ୍ତରେ, ଆମେ ବିଶ୍ୱାସ କରୁ ଯେ ସମ୍ପ୍ରଦାୟ ବିକାଶ ସୁପରିଚିତ ଏବଂ ସଶକ୍ତ ବ୍ୟକ୍ତିମାନଙ୍କ ସହିତ ଆରମ୍ଭ ହୁଏ। ବର୍ଦ୍ଧିତ ସ୍ୱାସ୍ଥ୍ୟ ସଚେତନତା ସମଗ୍ର ପରିବାରର ଜୀବନରେ ଏକ ସ୍ପଷ୍ଟ ପରିବର୍ତନ ଆଣିପାରେ। ତେଣୁ, ଏପରି ପଦକ୍ଷେପ ମାଧ୍ୟମରେ, ଆମେ ସୂଚନାପ୍ରାପ୍ତ, ସୁସ୍ଥ ଏବଂ ସ୍ଥିର ସମ୍ପ୍ରଦାୟକୁ ପୋଷଣ କରିବାକୁ ଲକ୍ଷ୍ୟ ରଖିଛୁ ଯେଉଁମାନେ ସ୍ୱାସ୍ଥ୍ୟ-ସଚେତନ ପସନ୍ଦ କରନ୍ତି ଏବଂ ପ୍ରତିରୋଧକ ଯତ୍ନକୁ ଉତ୍ସାହିତ କରନ୍ତି ।" ଝାରସୁଗୁଡାର ମହିଳା ମହାବିଦ୍ୟାଳୟର ଛାତ୍ରୀ ଅଂଶୁ କୁମାରୀ ରାୟ କହିଛନ୍ତି, "ଏହି ଅଧିବେଶନ ଆମକୁ ଭୟ ଏବଂ କଳଙ୍କରୁ ଆଗକୁ ବଢ଼ି ସମସ୍ତ ପ୍ରମୁଖ ଦିଗଗୁଡ଼ିକରେ କର୍କଟ ରୋଗର ଗୁରୁତ୍ୱ ବୁଝିବାରେ ସାହାଯ୍ୟ କରିଛି। ଏହା ଆମକୁ ଅଧିକ ସ୍ପଷ୍ଟତା ଏବଂ ଆଶ୍ୱାସନା ସହିତ ସଶକ୍ତ କରିଛି, ଯାହାକୁ ପ୍ରାୟତଃ ଏକ ଅନିଶ୍ଚିତ ବିଷୟ ଭାବରେ ପରିଗଣିତ କରାଯାଏ ତାହାକୁ ଜ୍ଞାନ, ଆତ୍ମବିଶ୍ୱାସ ଏବଂ ସକ୍ରିୟ ସୁସ୍ଥତାରେ ଆଧାରିତ ଏକ ବିଷୟବସ୍ତୁରେ ପରିଣତ କରିଛି।" ବେଦାନ୍ତ ଝାରସୁଗୁଡାର ସମ୍ପ୍ରଦାୟ ହସ୍ତକ୍ଷେପଗୁଡ଼ିକ ସ୍ୱାସ୍ଥ୍ୟସେବା, ଶିକ୍ଷା, ମହିଳା ସଶକ୍ତିକରଣ, ଜୀବିକା ବିକାଶ ଏବଂ ସାମାଜିକ ଭିତିଭୂମି ଉନ୍ନତିରେ ପଦକ୍ଷେପ ମାଧ୍ୟମରେ ସ୍ଥାୟୀ ସମ୍ପ୍ରଦାୟ ବିକାଶ ଉପରେ ନିରନ୍ତର ଧ୍ୟାନ କେନ୍ଦ୍ରିତ କରିଛି। କମ୍ପାନୀ ସରକାରୀ ସଂସ୍ଥା, ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏବଂ ତୃଣମୂଳ ସ୍ତରର ସଂଗଠନଗୁଡ଼ିକ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରି ସାମଗ୍ରିକ ଏବଂ ଅନ୍ତର୍ଭୁକ୍ତ ପ୍ରସାର ସୁନିଶ୍ଚିତ କରିଛି, ଯାହା ଗ୍ରାମୀଣ ସମ୍ପ୍ରଦାୟ ପାଇଁ ବାସ୍ତବ ସ୍ୱାସ୍ଥ୍ୟ ଫଳାଫଳ ଆଣିଛି। ବେଦାନ୍ତ ଲିମିଟେଡର ଏକ ବ୍ୟବସାୟ, ବେଦାନ୍ତ ଆଲୁମିନିୟମ୍, ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ, ଯାହା ଭାରତର ଅଧାରୁ ଅଧିକ ଆଲୁମିନିୟମ୍ ଅର୍ଥାତ୍ ଆର୍ଥିକ ବର୍ଷ ୨୫ରେ ୨.୪୨ ନିୟୁତ ଟନ୍ ଉତ୍ପାଦନ କରେ। ଏହା ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦରେ ଏକ ନେତା ଯାହା ମୂଳ ଶିଳ୍ପଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ କରିଥାଏ। ଆଲୁମିନିୟମ ଶିଳ୍ପ ପାଇଁ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଂଟ ୨୦୨୪ ବିଶ୍ୱ ରାଙ୍କିଂରେ ବେଦାନ୍ତ ଆଲୁମିନିୟମ ଦ୍ୱିତୀୟ ସ୍ଥାନରେ ଅଛି, ଯାହା ଏହାର ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ ସ୍ମେଲଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଂଟ ସହିତ, କମ୍ପାନୀ ଏକ ସବୁଜ ଆସନ୍ତାକାଲି ପାଇଁ 'ଭବିଷ୍ୟତର ଧାତୁ' ଭାବରେ ଆଲୁମିନିୟମର ଉଦୀୟମାନ ପ୍ରୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ପୂରଣ କରୁଛି।

ଭୁବନେଶ୍ୱର
୦୯ ନଭେମ୍ବର,
ରବିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27


## ୯୩ତମ ପ୍ରଦ୍ୟୁମ୍ନ ବଳ ଜୟନ୍ତୀ ସମାରୋହ

# 'ପ୍ରଗତିଶୀଳ ସମାଜ ଗଠନରେ ପ୍ରଦ୍ୟୁମ୍ନଙ୍କ ଭୂମିକା ଅତୁଳନୀୟ'



**ଭୁବନେଶ୍ୱର,୮/୧୧ନ୍ୟୁଜ ବ୍ୟୁରୋ**

ନିର୍ଭୀକ ସମ୍ବାଦ ପରିବେଷଣ ଶାସନ ବ୍ୟବସ୍ଥାକୁ ମାର୍ଜିତ କରିଥାଏ। ସରକାରକୁ ବାଟକୁ ଆଣିବାକୁ ହେଲେ ସାମ୍ବାଦିକମାନେ ସ୍କୁଲ ଶିକ୍ଷକଙ୍କ ଭଳି ସରକାରଙ୍କ କାନ ମୋଡିବା ଦରକାର। ମାତ୍ର ଗଣମାଧ୍ୟମ ଚଳାଇବାକୁ ହେଲେ ବିଜ୍ଞାପନ ଆବଶ୍ୟକ। ବିଜ୍ଞାପନ ନଆସିବା ଭୟରେ ସଠିକ ସମ୍ବାଦକୁ ଲୁଚାଇ ଦିଆଯାଇଥାଏ। ଫଳରେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିପାରୁନାହିଁ। ଏଥିଯୋଗୁ ଶାସନ ବ୍ୟବସ୍ଥା ଦିନକୁ ଦିନ ତଳକୁ ତଳ ଖସି ଯାଉଛି ବୋଲି କ୍ଷୋଭର ସହ ପ୍ରକାଶ କରିଛନ୍ତି ରାଜ୍ୟ ଆଇନ, ଅବକାରୀ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଉଦ୍‌ଘାଟକ ଭାବେ ଯୋଗ ଦେଇ ପୂର୍ବତନ ମୁଖ୍ୟ ବିଚାରପତି ତଥା ଭାରତର ପୂର୍ବତନ ଲୋକପାଳ ଜଷ୍ଟିସ ପ୍ରଦୀପ କୁମାର ମହାନ୍ତି କହିଲେ ଯେ ସ୍ୱର୍ଗତ ପ୍ରଦ୍ୟୁମ୍ନ ବଳ ଏକାଧାରାରେ ଜଣେ ରାଜନେତା, ସାମ୍ବାଦିକ, କଳାକାର, କିମ୍ବଦନ୍ତୀ ପୁରୁଷ ଓ ଶିକ୍ଷାବିତ ଥିଲେ । ସେ ରାଜନୀତିରେ ଅଂଶ ଗ୍ରହଣ କରି ସେ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ରାଜନୀତିରୁ ଦୂରେଇ ଯାଇ ପ୍ରଗତିବାଦୀ ପ୍ରତିଷ୍ଠା କରିଥିଲେ। ସମ୍ପାଦକ ତଥା ଅଧ୍ୟାପକ ବିଶ୍ୱରଞ୍ଜନ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କହିଲେ, ନନ୍ଦ କିଶୋର ବଳଙ୍କ ସ୍ମାରକୀ ଆୟୋଜନରେ ପ୍ରଦ୍ୟୁମ୍ନ ବଳ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସାମ୍ବାଦିକତା ବୃତ୍ତି ନୁହେଁ ବ୍ରତ ହେବା ଆବଶ୍ୟକ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଯୋଗ ଦେଇଥିଲେ। ସମାରୋହରେ ସଭାପତିତ୍ୱ କରିଥିଲେ ପ୍ରଫେସର ଓଁକାରନାଥ ମହାନ୍ତି । ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଜଷ୍ଟିସ ମନୋରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଗତିବାଦୀର ନିର୍ଦ୍ଦେଶିକା ଡ. ମୋନାଲିସା ବଳ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ପ୍ରଗତିବାଦୀର ଅଧ୍ୟକ୍ଷା ଶାଶ୍ୱତୀ ବଳ ଓ ଜୟନ୍ତୀ କମିଟିର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପଦ୍ମ ଚରଣ ନାୟକଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଦ୍ୟୁମ୍ନ ବଳ ସ୍ୱତନ୍ତ୍ର ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜୟନ୍ତୀ ଅବସରରେ କିଟ୍ ଛାତ୍ରୀଙ୍କ ଦ୍ୱାରା କେକ କାଟି ଉତ୍ସବକୁ ପାଳନ କରାଯାଇଥିଲା। ସଭା ପ୍ରାରମ୍ଭରେ ସ୍ୱର୍ଗତ ପ୍ରଦ୍ୟୁମ୍ନ ବଳଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଗଛରେ ପାଣି ଦେଇ ସଭା କାର୍ଯ୍ୟ ଆରମ୍ଭ କରିଥିଲେ।

## ଜନଜାତୀୟ ଗୌରବ ବର୍ଷ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୮।୧୧ ନ୍ୟୁଜ ବ୍ୟୁରୋ**

ଭାରତର ସମୃଦ୍ଧ ଆଦିବାସୀ ଐତିହ୍ୟ, ସଂସ୍କୃତି ଏବଂ ରାଷ୍ଟ୍ର ନିର୍ମାଣରେ ଅବଦାନକୁ ସମ୍ମାନିତ କରିବା ପାଇଁ ସାରା ଦେଶରେ ଜନଜାତୀୟ ଗୌରବ ବର୍ଷ ଉତ୍ସବ ପାଳନ କରାଯାଉଛି। ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧିନ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟରେ ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ଉତ୍ସବ ପାଳନ କରାଯାଉଛି । ଏହି ଉପଲକ୍ଷେ ସ୍ୱତନ୍ତ୍ର ଭଗବାନ ବିର୍ସା ମୁଣ୍ଡା ପ୍ୟାଭିଲିୟନ, ବିର୍ସା ମୁଣ୍ଡାଙ୍କ ଜୀବନ ଏବଂ ସଂଘର୍ଷ ଆଧାରିତ ଚିତ୍ରକଳା ପ୍ରଦର୍ଶନୀ, ଓଡ଼ିଶା ରାଜ୍ୟର ଜନଜାତି ସମୁଦାୟଙ୍କ ଜୀବନ ଓ ସଂସ୍କୃତି ଆଧାରିତ ଫଟୋ ପ୍ରଦର୍ଶନୀ, କୁଲିସ୍ ଜନଜାତିଙ୍କ ଦ୍ୱାରା ବସ୍ତ୍ର ତିଆରି କଳାର ପ୍ରଦର୍ଶନୀ, ଜୁଆଙ୍ଗ ଜନଜାତିମାନଙ୍କ ଦ୍ୱାରା ଚିତ୍ରକଳା ପ୍ରଦର୍ଶନୀ ଏବଂ ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀମାନଙ୍କ ପାଇଁ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ବୁଲି ଦେଖିବାର କାର୍ଯ୍ୟକ୍ରମ ଇତ୍ୟାଦି ଆୟୋଜନ କରାଯାଇଅଛି । ଚଳିତ ବର୍ଷ ଜନଜାତୀୟ ଗୌରବ ବର୍ଷ ଉତ୍ସବ ପାଳନ ୧ ନଭେମ୍ବରରୁ ୧୫ ନଭେମ୍ବର ଯାଏଁ ସମଗ୍ର ଦେଶରେ ପାଳନ କରାଯାଉଛି । ସୂଚନାଯୋଗ୍ୟ ଭାରତ ସରକାରଙ୍କ ଦ୍ୱାରା ୧୫ ନଭେମ୍ବର ୨୦୨୪ରୁ ୧୫ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ଜନଜାତୀୟ ଗୌରବ ବର୍ଷ ଭାବେ ଘୋଷଣା କରାଯାଇଥିଲା ।

## ପୁଣି ଶ୍ରୀମନ୍ଦିର ଭିତରୁ ଜବତ ହେଲା ହିଡେନ୍ କ୍ୟାମେରା



**ପୁରୀ,୮/୧୧ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ଭିତରୁ ପୁଣି ହିଡେନ କ୍ୟାମେରା ଜବତ । ହିଡେନ କ୍ୟାମେରା ନେଇଥିବା ଅହମଦାବାଦର ଜଣେ ଶ୍ରଦ୍ଧାଳୁଙ୍କୁ ସିଂହଦ୍ୱାର ଥାନା ପୁଲିସ ପଚରାଉଚରା କରିବା ପରେ ହିଡେନ କ୍ୟାମେରାକୁ ଜବତ କରି ଥାନାରୁ ବେଲ୍ ଦେଇଛି। ତଦନ୍ତରେ ସହଯୋଗ କରିବା ପାଇଁ ସମ୍ପୃକ୍ତ ଶ୍ରଦ୍ଧାଳୁଙ୍କୁ ସିଂହଦ୍ୱାର ଥାନା ପୁଲିସ ପକ୍ଷରୁ କୁହାଯାଇଛି। ସୂଚନା ଅନୁସାରେ, ଜଣେ ଶ୍ରଦ୍ଧାଳୁ ଶ୍ରୀମନ୍ଦିର ଭିତରକୁ ହିଡେନ କ୍ୟାମେରା ନେଇ ଯାଉଥିବା ବେଳେ ଜଗମୋହନ ନିକଟରୁ ସେବାୟତ ଓ ଜେଟିପି ତାଙ୍କୁ ଧରିଛନ୍ତି। ଶ୍ରଦ୍ଧାଳୁ ଜଣକ ପିନ୍ଧି ଥିବା ଚଷମାରେ ହିଡେନ କ୍ୟାମେରା ଥିବା ନେଇ ସନ୍ଦେହ ହୋଇଥିଲା। ପରେ ଉକ୍ତ ଶ୍ରଦ୍ଧାଳୁଙ୍କୁ ସିଂହଦ୍ୱାର ଥାନାକୁ ହସ୍ତାନ୍ତର କରିଥିଲେ ଜେଟିପି ଏବଂ ସେବାୟତ। ତେବେ ହିଡେନ କ୍ୟାମେରା ନେଇଥିବା ଶ୍ରଦ୍ଧାଳୁ ଜଣକ ହେଉଛନ୍ତି ଗୁଜରାଟ ଅହମ୍ମଦାବାଦର ଭରତ ପାଣ୍ଡିଆ। ସିଂହଦ୍ୱାର ଥାନା ପୁଲିସ ଭରତ ପାଣ୍ଡିଆଙ୍କଠାରୁ ହିଡେନ କ୍ୟାମେରା ଲାଗିଥିବା ଚଷମାକୁ ଜବତ କରିବା ସହ ତାଙ୍କୁ ପଚରାଉଚରା ମଧ୍ୟ କରାଯାଇଥିଲା। ସିଂହଦ୍ୱାର ଥାନା ପୁଲିସ ପକ୍ଷରୁ ପଚରାଉଚରା କରାଯିବା ପରେ ଆଗାମୀ ଦିନରେ ତଦନ୍ତରେ ସହଯୋଗ କରିବା ସର୍ତ୍ତରେ ତାଙ୍କୁ ଥାନାରୁ ବେଲ୍ ଦିଆଯାଇ ଛାଡ଼ି ଦିଆଯାଇଛି। ଶ୍ରୀମନ୍ଦିର ଭିତରୁ କ୍ୟାମେରା ଜବତ ହେଲେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାର ଆଇନ ନାହିଁ। କେବଳ ଜରିମାନା ଦେବାର ନିୟମ ରହିଛି। ଏଣୁ ରାଜ୍ୟ ସରକାର ଶ୍ରୀମନ୍ଦିର ଆଇନରେ ତୁରନ୍ତ ପରିବର୍ତ୍ତନ କରି ଏଭଳି ବେଆଇନ୍ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନୂଆ ନିୟମ ଆଣିବାକୁ ସାଧାରଣରେ ଦାବି ହୋଇଛି ।

## ସୃଜନୀ ଆୟୋଜିତ ରାଜ୍ୟସ୍ତରୀୟ ନାରାୟଣ ଶିଶୁ ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ

# ଓଡ଼ିଶାର କଳା ଓ ସଂସ୍କୃତି ସହିତ ଶିଶୁମାନଙ୍କୁ ଜଡ଼ିତ କରିବାରେ ସୃଜନୀର ଅଭିନବ ପ୍ରୟାସ

**ଭୁବନେଶ୍ୱର, ୮/୧୧ ନ୍ୟୁଜ ବ୍ୟୁରୋ**





ଓଡ଼ିଶାର ଅଗ୍ରଣୀ ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ସୃଜନୀ ଓ ସଂସ୍କୃତି ବିଭାଗର ସହଯୋଗରେ ଏକ ଚିତାକର୍ଷକ ଶିଶୁନାଟକ ମହୋତ୍ସବ ଏବଂ ପ୍ରତିଯୋଗିତା ବିଭିନ୍ନ ଜିଲ୍ଲାର କଳାକାର ଓ ଅନୁଷ୍ଠାନ ମାନଙ୍କୁ ନେଇ ଭଞ୍ଜକଳାମଣ୍ଡପରେ ଉଦ୍‌ଘାଟିତ ହୋଇଅଛି । ଆଜିର ସମାଜରେ ଶିଶୁମାନଙ୍କୁ ଓଡ଼ିଶାର କଳା ସଂସ୍କୃତି ପ୍ରତି ଆଗ୍ରହ ବଢ଼ାଇବା ସହିତ ସଂସ୍କୃତି ପ୍ରତି ଜଡ଼ିତ କରିବା ପାଇଁ ଏହା ଏକ ନୂତନ ପଦକ୍ଷେପ। ଶିଶୁମାନଙ୍କୁ ସଂସ୍କୃତିକ୍ଷେତ୍ରରେ ଏକ ନୂତନ ପରିଚୟ ଦେବା ସହିତ ସେମାନଙ୍କୁ ନାଟ୍ୟ ପ୍ରତିଯୋଗିତାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କାର ଦେଇ ଆଗାମୀ ଭବିଷ୍ୟତକୁ ଓଡ଼ିଶାର ସଂସ୍କୃତିରେ ନିବିଡ଼ଭାବେ ଜଡ଼ିତ କରିବାକୁ ସୃଜନୀର ଏହା ଏକ ପ୍ରୟାସ। ଏହାର ପ୍ରଚାର ଓ ପ୍ରସାରରେ ସମସ୍ତ ବିଦ୍ୟାଳୟ ଓ ଶିଶୁ ଅନୁଷ୍ଠାନମାନଙ୍କୁ ସଂପୃକ୍ତ କରିବା ସହିତ ଶିଶୁ କଳାକାରମାନେ କିପରି ନିଜ ସଂସ୍କୃତିକୁ ଆଦର କରିବା ସହିତ ଓଡ଼ିଶା ସଂସ୍କୃତି ପାଇଁ ପ୍ରେରଣାଦାୟୀ ହେବ, ଏ ନାଟକ ମହୋତ୍ସବର ମୂଳ ଉଦ୍ଦେଶ୍ୟ। ଏହି ଶିଶୁ ନାଟକ ମହୋତ୍ସବ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହେବ। ଓଡ଼ିଶାର ବିଭିନ୍ନ ଅନୁଷ୍ଠାନର ଶିଶୁ କଳାକାରମାନେ ତାଙ୍କ ପ୍ରତିଭା ଓ କଳାର ପଦର୍ଶନ କରିବେ। ଏହି ପ୍ରତିଯୋଗିତାରେ କୃତି କଳାକାରମାନଙ୍କୁ ଅନୁଷ୍ଠାନ ତରଫରୁ ବିଭିନ୍ନ ବିଭାଗରୁ ପୁରସ୍କୃତ କରାଯିବ। ଶନିବାର ଉଦ୍‌ଘାଟନ ଦିବସରେ ଦୁଇଗୋଟି ନାଟ୍ୟ ଅନୁଷ୍ଠାନ ନାଟକ ପରିବେଷଣ କରିଥିଲେ। ପ୍ରଥମ ଦିବସର ନାଟକ 'ମଶା ଉବାଚ' ପରିବେଷଣ କରିଥିଲେ- କୁନିକଳାକାର, ଜଗତସିଂହପୁର ନାଟ୍ୟ ଅନୁଷ୍ଠାନର ଶିଶୁ କଳାକାରମାନେ। ଏହାର ନିର୍ଦ୍ଦେଶନା ଦେଇଥିଲେ ସତ୍ୟବ୍ରତ ପଣ୍ଡା ଏବଂ ନାଟକର ରଚୟିତା ଥିଲେ ପ୍ରଜ୍ଞା ରଞ୍ଜନ ଖଟୁଆ। ଆଜିକାର ନାଟକର ବିଷୟ ବସ୍ତୁ ଥିଲା- 'ମଶା କହିବେ କାହାଣୀ, ଶୁଣିବେ ଆପଣମାନେ'। ଆଜିର ସମାଜରେ ଆମେ ଭାବୁ ରକତ ଖିଆ କୀଟ କହିଲେ ମଶାଙ୍କର ନାମ ପ୍ରଥମେ ଆସେ, କିନ୍ତୁ ମ'ରେ ମଣିଷ ଓ ମ'ରେ ମଶା। ଏ ଦୁହିଙ୍କ ଭିତରୁ ପ୍ରକୃତ ରକ୍ତଖିଆ କିଏ? ଏହାର ସୁନ୍ଦର ଉପସ୍ଥାପନା କରିଥିଲେ ଅନୁଷ୍ଠାନର ଶିଶୁ କଳାକାରମାନେ ଓ ନାଟକ ମାଧ୍ୟମରେ ପ୍ରଶ୍ନ ପଚାରିଥିଲେ ଜନସାଧାରଣଙ୍କୁ ଏବଂ ନାଟକ ମଧ୍ୟରେ ଏହାର ଉତ୍ତର ମଧ୍ୟ ରଖିଥିଲେ। ଦ୍ୱିତୀୟ ନାଟକ 'ମୋ ଆଖିର ତାରା' ପରିବେଷଣ କରିଥିଲେ ପଲ୍ଲବୀ ନାଟ୍ୟକଳା ପରିଷଦ, ନାଚୁଣୀ, ବାଲୁଗାଁ ନାଟ୍ୟ ଅନୁଷ୍ଠାନ। ଏ ନାଟକର ରଚୟିତା ଓ ନିର୍ଦ୍ଦେଶନା ଦେଇଥିଲେ- ଅଶୋକ କୁମାର ପ୍ରଧାନ। ଆଜିର ଶିଶୁ ନାଟକର ବିଷୟବସ୍ତୁ 'ତୁ ମୋ ଆଖିର ତାରା' ହେଉଛି ଜଣେ ପିଲାର ପ୍ରୟାସ, ଯାହାଦ୍ୱାରା ଆଧୁନିକ ପୀଢ଼ିର ଜନସାଧାରଣ ମାନେ, ବରିଷ୍ଠ ନାଗରୀକ ବିଶେଷ କରି ବୃଦ୍ଧ ପିତା-ମାତାଙ୍କ ପ୍ରତି କରୁଥିବା ଅବିଚାର ଅଜ୍ଞତାର ଜ୍ୱଳନ୍ତ ସମସ୍ୟାକୁ ଦୂର କରାଯାଇ ପାରିବ। ଦୁର୍ବଳ ବର୍ଗର ଦୁଇଜଣ ଦମ୍ପତ୍ତି ସମସ୍ତ କଷ୍ଟ ସତ୍ତ୍ୱେ ତାଙ୍କର ଏକମାତ୍ର ପୁତ୍ରକୁ ଶିକ୍ଷାଦେବା ପାଇଁ ଦିନରାତି କଠିନ ପରିଶ୍ରମ କରନ୍ତି । ଦୁର୍ଭାଗ୍ୟ ବସତଃ ପିତାଙ୍କ ମୃତ୍ୟୁପରେ ମା'ଙ୍କ ଉପରେ ପରିବାରର ସମସ୍ତ ଭାର ପଡ଼ିଯାଏ ପିଲାଟିକୁ ମଣିଷ କରିବା ପାଇଁ। ମା'ର କଠିନ ପରିଶ୍ରମ ବଳରେ ପିଲାଟି ଉଚ୍ଚ ଶିକ୍ଷିତ ହୋଇ ଚାକିରୀ ପାଏ ଏବଂ ନିଜର ସୁନ୍ଦର ସଂସାର ଗଢ଼େ। କିନ୍ତୁ ମା'ର ସମସ୍ତ ସ୍ୱପ୍ନ ଶେଷ ହୋଇଯାଏ, ଯେତେବେଳେ ପୁଅ ବୋହୂ ମା'କୁ ବୃଦ୍ଧାଶ୍ରମ ପଠାଇବା ପାଇଁ ଯୋଜନା କରନ୍ତି ଏବଂ ଏହି ଷଡ଼ଯନ୍ତ୍ର ନାତିକୁ ଗୁରୁତ୍ୱର ଭାବେ ପ୍ରଭାବିତ କରେ, ଯିଏ କି ଏପରି କାର୍ଯ୍ୟକୁ ଦୃଢ଼ଭାବେ ବିରୋଧ କରେ ଏବଂ ଶେଷରେ କୃତଘ୍ନ ପିତା-ମାତା ଏପରି ମନ୍ଦ କାର୍ଯ୍ୟ କରିବାରୁ ବିରତ ହେବା ସହିତ ନିଜ ଭୁଲ୍‌କୁ ସ୍ୱୀକାର କରନ୍ତି ଏବଂ ନିଜ ପିଲାର ନୈତିକ ଆଚରଣ ଯୋଗୁଁ ସେମାନେ ଦୟାଳୁ ହୁଅନ୍ତି । ଏହି ନାଟକକୁ ଅତି ସୁନ୍ଦର ଭାବେ ଉପସ୍ଥାପନା କରିଥିଲେ ଅନୁଷ୍ଠାନର ଶିଶୁକଳାକାରମାନେ। ବିଶିଷ୍ଟ ନାଟ୍ୟକାର, କବି, କଳାକାର, ନିର୍ଦ୍ଦେଶକ ଓ ସଂଗଠକ, ସ୍ରଷ୍ଟା ନାରାୟଣ ଚନ୍ଦ୍ର ରାୟ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମର୍ପିତ ଏହି ଶିଶୁ ନାଟ୍ୟ ମହୋତ୍ସବରେ ଓଡ଼ିଶାର ଚାରିଗୋଟି ନାଟ୍ୟସଂସ୍ଥା ଅଂଶ ଗ୍ରହଣ କରିଛନ୍ତି ଏବଂ ପ୍ରତ୍ୟେକ ଦିନ ଦୁଇଗୋଟି ନାଟକ ପରିବେଷଣ ହେଉଅଛି। ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଏହି ନାଟ୍ୟ ମହୋତ୍ସବ ପାଳିତ ହେବ। ଆଜିର ଶିଶୁନାଟ୍ୟ ମହୋତ୍ସବକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିବା ସହିତ ସୃଜନୀର ଏହି ପ୍ରୟାସକୁ ସ୍ୱାଗତ କରିଥିଲେ ଏବଂ ଏହି ନାଟ୍ୟ ମହୋତ୍ସବର ଉଦ୍‌ଘାଟନ ସନ୍ଧ୍ୟାରେ ଅତିଥି ଭାବେ ଯୋଗ ଦେଇଥିଲେ ପୂର୍ବତନ ସଂସ୍କୃତି ମନ୍ତ୍ରୀ ଭୁପିନ୍ଦର୍ ସିଂ ଏବଂ ବିଶିଷ୍ଟ ସଂଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଳିତ୍ ଓ ନୃସିଂହ ମହାପାତ୍ର ଯୋଗଦେଇ ଥିଲେ। ସୃଜନୀର ସଭାପତି ଶରତ ରାଉତଙ୍କ ସଭାପତିତ୍ୱରେ ସମ୍ପାଦକ ଚିତ୍ତରଞ୍ଜନ ରାୟ ମହାପାତ୍ରଙ୍କ ଦ୍ୱାରା ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ସୃଜନୀର ଉପସଭାପତି ପ୍ରଶନ୍ନ ରଥ, ମାନସ ରଞ୍ଜନ ରାୟ ମହାପାତ୍ର, ସଭ୍ୟା ସରଳା ସ୍ୱାଇଁ, ଶଶିପ୍ରଭା ଦାସ, ସୌଭାଗ୍ୟଲକ୍ଷ୍ମୀ, ପ୍ରଜ୍ଞା ରଥ, ରାଜଲକ୍ଷ୍ମୀ ଏବଂ ସଭ୍ୟ ବଳରାମ, ଅନିଲ ପଣ୍ଡା, ଅରୁଣ ମଲ୍ଲିକ୍ ଉପସ୍ଥିତ ଥିଲେ। ରବିବାର ହେବାକୁ ଥିବା ବାଲେଶ୍ୱର କଳାକର ନାଟ୍ୟ ଅନୁଷ୍ଠାନ ଦ୍ୱାରା ନାଟକ 'ରୀନାର ସ୍ୱପ୍ନ' ଏବଂ ଭୁବନେଶ୍ୱରର ଗୌତମ ଡ୍ରାମା ଷ୍ଟୁଡ଼ିଓ ଅନୁଷ୍ଠାନ ତରଫରୁ 'ହଂସ ଶିକାର' ପରିବେଷଣ କରାଯିବ।

## ସୂର୍ଯ୍ୟମନ୍ଦିରର ନାଟ୍ୟ ମନ୍ଦିରକୁ ପ୍ରବେଶ ମନା : ପର୍ଯ୍ୟଟକ ନିରାଶ

**କୋଣାର୍କ,୦୮/୧୧ ନ୍ୟୁଜ ବ୍ୟୁରୋ**

ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ନାଟ୍ୟ ମନ୍ଦିରରେ ପ୍ରବେଶ ପାଇଁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି । ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଦୈନିକ ହଜାର ହଜାର ପର୍ଯ୍ୟଟକ ଆସୁଛନ୍ତି । ଏଣିକି ପର୍ଯ୍ୟଟକମାନେ ଆଉ ନାଟ୍ୟ ମନ୍ଦିର ବୁଲିପାରିବେ ନାହିଁ। ନାଟ୍ୟ ମନ୍ଦିର ବୁଲୁଥିବା ସମୟରେ ଅଧିକାଂଶ ପର୍ଯ୍ୟଟକମାନେ ତଳକୁ ପଡ଼ିଯାଉଥିବାରୁ ଏଏସଆଇ ଏଭଳି ନିଷ୍ପତ୍ତି ନେଇଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ପର୍ଯ୍ୟଟକମାନଙ୍କଠାରୁ ପ୍ରବେଶ ଶୁଳ୍କ ଆଦାୟ କରାଯାଉଥିବାବେଳେ ନାଟ୍ୟ ମନ୍ଦିର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖିବାରୁ ବଞ୍ଚିତ ହେବେ ।



## କେନ୍ଦ୍ରମନ୍ତ୍ରୀ ରାମଦାସ ଅଠଓ୍ୱାଲେଙ୍କ କିଟ୍ ଓ କିସ୍ ପରିଦର୍ଶନ



**ଭୁବନେଶ୍ୱର, ୮।୧୧ ନ୍ୟୁଜ ବ୍ୟୁରୋ**

ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ରାଷ୍ଟ୍ରମନ୍ତ୍ରୀ ଡ. ରାମଦାସ ଅଠଓ୍ୱାଲେ ଶନିବାର ଦିନିକିଆ ଓଡ଼ିଶା ଗସ୍ତରେ ଆସି କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି । କିଟ୍‌ର ସମସ୍ତ କ୍ୟାମ୍ପସ୍ ଓ କିସ୍‌ର ବିଭିନ୍ନ ବିଭାଗ ବୁଲି ଦେଖିବା ପରେ ସେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ। ଡ. ଅଠଓ୍ୱାଲେ ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି କହିଲେ, ତୁମମାନଙ୍କୁ ଡ. ଅଚ୍ୟୁତ ସାମନ୍ତ ପାଠ ପଢ଼ିବା ପାଇଁ ଯେଉଁ ସୁଯୋଗ ଦେଇଛନ୍ତି, ତା'ର ସଦୁପଯୋଗ କର। ପାଠ ପଢ଼ି ଶିକ୍ଷିତ ହୋଇ ନିଜ ପରିବାର, ସମାଜ, ରାଜ୍ୟ ତଥା ଦେଶର ପ୍ରଗତିରେ ଯୋଗଦାନ ନିମନ୍ତେ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସେ କହିଲେ, ମୁଁ ଡ. ଅଚ୍ୟୁତ ସାମନ୍ତଙ୍କଠାରୁ କିଟ୍ ଓ କିସ୍ ବିଷୟରେ ପୂର୍ବରୁ ବହୁବାର ଶୁଣିଥିଲି। ଶନିବାର ଏହି ଅନୁଷ୍ଠାନ ପରିଦର୍ଶନ କରିବା ପରେ ଡ. ଅଚ୍ୟୁତ ସାମନ୍ତ ଜନଜାତିଙ୍କ ବିକାଶ କ୍ଷେତ୍ରରେ ଅଭୂତପୂର୍ବ କାର୍ଯ୍ୟ କରୁଥିବା ମୋର ହୃଦୟଙ୍ଗମ ହୋଇଛି ବୋଲି ଡ. ଅଠଓ୍ୱାଲେ କହିଥିଲେ। କିସ୍‌ରେ ଛାତ୍ରଛାତ୍ରୀଙ୍କ ଶୃଙ୍ଖଳା ଓ ଆଚାର ବ୍ୟବହାର ମୋତେ ଅଭିଭୂତ କରିଛି ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟଙ୍କ ସମେତ କିଟ୍ ଓ କିସ୍‌ର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## ଭିଡିଓ କଲ୍‌ରେ କଥା ହେବା ପଡ଼ିଲା ମହଙ୍ଗା

# ଡିଜିଟାଲ ଆରେଷ୍ଟର ଭୟ ଦେଖାଇ ବୃଦ୍ଧଙ୍କ ଠାରୁ ଦେଢ କୋଟି ଲୁଟ୍

**ଭୁବନେଶ୍ୱର, ୦୮/୧୧ ନ୍ୟୁଜ ବ୍ୟୁରୋ**

ଡିଜିଟାଲ ଆରେଷ୍ଟର ଭୟ ଦେଖାଇ ବରିଷ୍ଠ ନାଗରିକଙ୍କ ଠାରୁ ଦେଢ କୋଟି ଲୁଟ୍ ହୋଇଛି। ଭୁବନେଶ୍ୱର ସହିଦ୍‌ନଗର ଥାନା ଅଞ୍ଚଳରେ ଘଟିଛି ଏଭଳି ଘଟଣା। ଏନେଇ ୬୮ ବର୍ଷୀୟ ବୃଦ୍ଧ ଜଣଙ୍କ କ୍ରାଇମ୍‌ବ୍ରାଞ୍ଚର ସାଇବର କ୍ରାଇମ୍ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୁଲିସ୍ କେସ୍ ନଂ-୩୭/୨୫ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ସାଇବର୍ ଲୁଟ୍‌ର ଶିକାର ହୋଇଥିବା ବୃଦ୍ଧ ଜଣଙ୍କ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍ ଥିଲେ । ସେ କିଛି ଦିନତଳେ ଜଣେ ଯୁବତୀଙ୍କ ସହ ଭିଡିଓ କଲ୍‌ରେ କଥା ହୋଇଥିଲେ। ଏହି ସମୟରେ ଯୁବତୀ ଜଣଙ୍କ ସ୍କ୍ରିନ୍ ରେକର୍ଡିଂ କରିଥିଲେ । ଗତ ସପ୍ତାହରେ ସମ୍ପୃକ୍ତ ବରିଷ୍ଠ ନାଗରିକଙ୍କୁ ଏକ ଅଜଣା ନମ୍ବରରେ ଭିଡିଓ କଲ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ଜଣଙ୍କ ମୁମ୍ବାଇ କ୍ରାଇମ୍‌ବ୍ରାଞ୍ଚର ଅଧିକାରୀ ବୋଲି ପରିଚୟ ଦେଇଥିଲେ । କହିଥିଲେ ତୁମେ ଯେଉଁ ଯୁବତୀ ସହ ଭିଡିଓ କଲ୍‌ରେ ଚାଟିଂ କରୁଥିଲ ତାଙ୍କୁ ଆମେ ଗିରଫ କରିଛୁ । ସେ ନିଶା ବେପାର କରିବା ସହ ଇଣ୍ଟରନ୍ୟାସ୍‌ନାଲ ଅପରାଧୀଙ୍କ ସହ ମିଶି ଦେଶର ବିଭିନ୍ନ ରାଜ୍ୟକୁ ବେଆଇନ୍ ଅସ୍ତ୍ରଶସ୍ତ୍ର ଯୋଗାଇବାକୁ ଡିଲ୍ କରିଛନ୍ତି । ତାଙ୍କଠାରୁ ତମ ବିଷୟରେ କିଛି ତଥ୍ୟ ମିଳିଛି । ଏମିତି କି ତୁମର କିଛି ଅଶ୍ଳୀଳ ଫଟୋ ଓ ଭିଡିଓ ଆମ ପାଖରେ ରହିଛି। ଏହାକୁ ପ୍ରଥମେ ବରିଷ୍ଠ ନାଗରିକ ଜଣଙ୍କ ବିଶ୍ୱାସ କରିନଥିଲେ। ତେଣୁ ସାଇବର ଅପରାଧୀ ଜଣଙ୍କ ଏକ ହାଜତ ଦେଖାଇଥିଲେ । ଉକ୍ତ ହାଜତ ଭିତରେ ଯୁବତୀ ଜଣଙ୍କ ବସିଥିଲେ । ଏହା ଦେଖି ବରିଷ୍ଠ ନାଗରିକ ଜଣଙ୍କ ଡରିଯାଇଥିଲେ। ସାଇବର ଠାକ ଜଣଙ୍କ କହିଥିଲେ, ଆମେ ତୁମକୁ ଡିଜିଟାଲ୍ ଆରେଷ୍ଟ କରିଛୁ । ତୁମେ ଫୋନ୍ କାଟି ପାରିବନାହିଁ । ଆମେ ଲୋକାଲ ସାଇବର ପୁଲିସ୍‌କୁ ଜଣାଇ ଦେଇଛୁ। ସେମାନେ ତମ ଘରକୁ ଯାଉଛନ୍ତି। ଏହା ଶୁଣି ବରିଷ୍ଠ ନାଗରିକ ଜଣଙ୍କ ଲୋକ ଲଜ୍ୟା ଭୟରେ ସଫେଇ ଦେବା ଆରମ୍ଭ କରିଥିଲେ । ସାଇବର ଠକମାନେ ତାଙ୍କୁ ବେଲ୍ ହେବା ସହ ଫାଇନ୍ ଦେବାକୁ ପଡ଼ିବ ବୋଲି କହିଥିଲେ। ତା'ଛଡା କିଛି ସିନିୟର ଅଫିସରଙ୍କ ମୁହଁ ବନ୍ଦ କରିବାକୁ ଲାଞ୍ଚ ଦେବାକୁ କହିଥିଲେ। ବୃଦ୍ଧ ଜଣଙ୍କ ପ୍ରଥମେ ଫାଇନ୍ ବାବଦରେ ୨୦ ଲକ୍ଷ, ସୁପ୍ରିମ୍‌କୋର୍ଟରୁ ବେଲ୍ ବାବଦକୁ ୧୩ ଲକ୍ଷ, ଇଣ୍ଟରନ୍ୟାସନାଲ୍ କୋର୍ଟରୁ ବେଲ୍ ପାଇଁ ୩୦ ଲକ୍ଷ, ଅଫିସର ଲାଞ୍ଚ ବାବଦକୁ ୨୦ ଲକ୍ଷ ଓ ଯୁବତୀଙ୍କ ବେଲ୍ ବାବଦକୁ ୨୭ ଲକ୍ଷ ଟଙ୍କା ଦେଇଥିଲେ । ଏମିତି ବିଭିନ୍ନ ପର୍ଯ୍ୟାୟରେ ୧ କୋଟି ୫୫ ଲକ୍ଷ ଟଙ୍କା ସାଇବର ଅପରାଧୀମାନେ ନେଇଥିଲେ। ବୃଦ୍ଧ ଜଣଙ୍କ ୩ ଦିନ ଡିଜିଟାଲ୍ ଆରେଷ୍ଟ ହୋଇ ଏ ସବୁ ଟଙ୍କା ଦେଇଥିଲେ। ଗୋଟିଏ ଆକାଉଣ୍ଟରେ ଥିବା ସବୁ ଟଙ୍କା ସରିବା ପରେ ସାଇବର ଅପରାଧୀମାନେ ପୁଣି ଟଙ୍କା ମାଗିଥିଲେ। ଦେଢ଼ କୋଟି ଗଲା ପରେ ବୃଦ୍ଧଙ୍କ ଚେତା ପଶିଥିଲା। ସେ ଘଟଣା ବିଷୟରେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ସେତେବେଳକୁ ସାଇବର ଅପରାଧୀମାନେ ଉକ୍ତ ଫୋନ୍ ନମ୍ବର ବନ୍ଦ କରି ସାରିଥିଲେ । କିଛି ଉପାୟ ନ ପାଇ ବରିଷ୍ଠ ନାଗରିକ ଜଣଙ୍କ ଭିଏସ୍‌ଏସ୍ ନଗରରେ ଥିବା ସାଇବର ଥାନାକୁ ଯାଇଥିଲେ। ଦେଢ଼ କୋଟି ଠକେଇ କଥା ଶୁଣିବା ପରେ ସାଇବର ଥାନା ଏସିପି ତାଙ୍କୁ ବୁଝାସୁଝା କରି କ୍ରାଇମ୍‌ବ୍ରାଞ୍ଚର ସାଇବର କ୍ରାଇମ୍ ଥାନାକୁ ପଠାଇ ଦେଇଥିଲେ। ସାଇବର କ୍ରାଇମ୍ ଥାନା ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ସାଇବର ଥାନା ପୁଲିସ ପ୍ରାୟ ୧୨ ଲକ୍ଷ ଟଙ୍କା ଫ୍ରିଜ କରିଥିବା କହିଛି।





| ENTRY | Air Force Common Admission Test (AFCAT) Entry | NCC Special Entry |
|---|---|---|
| BRANCHES | Flying/ Technical/ Weapon Systems/ Administration/ Logistics/ Accounts/ Education/ Meteorology | Flying (NCC Air Wing 'C' certificate is mandatory) |

AFCAT Entry: Registration mandatory and online exam/ NCC Special Entry registration mandatory and no online exam

Aadhaar card is mandatory for online registration

Registrations open from **10 Nov 2025 till 09 Dec 2025**

For more details, refer to Employment News dated 08 Nov 2025 and for detailed notification visit our website **careerairforce.gov.in** and **afcat.edcil.co.in**

**For updates, follow us on**
DISHA by Indian Air Force    careeriniaf    CareerinIAF

**DISHA Cell, Air Headquarter, Vayu Bhawan**
**Tel: 011-23013690 | Toll-free No.: 1800-11-2448 | E-mail: careeriniaf@gmail.com**

**CBC-10801/13/0016/2526**